R.N.I. REGN. No. 65000/96 POSTAL REGN. No. OR/BN-32/12-14
ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୨
ତିଥି : ସପ୍ତମୀ
୦୮ ମେ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦


# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 212
08 May 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

15001/30/2627




ସୋମନାଥ ମନ୍ଦିର ଭାରତର ଅଜେୟ ସଭ୍ୟତାର ପ୍ରତୀକ ।
୧୦୦୦ ବର୍ଷର ବିଧ୍ୱଂସକାରୀ ଆଘାତ ସତ୍ତ୍ୱେ ସୋମନାଥ ଆଜି ଆମ ଆତ୍ମସମ୍ମାନ ଓ ସାହସର ଉଦାହରଣ ହୋଇ ଛିଡ଼ା ହୋଇଛି ।
୭୫ ବର୍ଷ ପୂର୍ବେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଂକଳ୍ପ ଦ୍ୱାରା ଆଧୁନିକ ସୋମନାଥର ମାର୍ଗ ପ୍ରଶସ୍ତ ହୋଇଥିଲା ।
ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଆଜି ଏହି ପବିତ୍ର ଭୂମି ଭାରତର ସାଂସ୍କୃତିକ ପୁନରୁତ୍ଥାନର ଉଦ୍‌ଘୋଷ କରୁଛି ।

ଏହି ସ୍ୱର୍ଣ୍ଣିମ ଅବସରର ସାକ୍ଷୀ ହୁଅନ୍ତୁ ।

ମୁଖ୍ୟ କାର୍ଯ୍ୟକ୍ରମ

କଳସଯାତ୍ରା | ଭଜନ ସନ୍ଧ୍ୟା | ଓଁକାର ମନ୍ତ୍ରଜପ | ସୋମନାଥ ପୁସ୍ତିକାର ମନ୍ତ୍ର ଲିଖନ
ସୋମନାଥ ସହ ଜଡ଼ିତ ପ୍ରବଚନ

ଶ୍ରୀ ସୋମନାଥ ମନ୍ଦିର ପରିସର, ପ୍ରଭାସ ପାଟନ | ୮ ରୁ ୧୧ ମଇ, ୨୦୨୬

“ସୋମନାଥ ମନ୍ଦିର ହେଉଛି ଏକ ଆଶାର ଗୀତ ଯାହା ଆମକୁ ଶିକ୍ଷା ଦିଏ ଯେ ସୃଜନର ଶକ୍ତି ବିନାଶ ଅପେକ୍ଷା ଅଧିକ ଶକ୍ତିଶାଳୀ ।”
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ (ଅଧ୍ୟକ୍ଷ, ଶ୍ରୀ ସୋମନାଥ ଟ୍ରଷ୍ଟ)

ସ୍କାନ୍ କରନ୍ତୁ

ସୋମନାଥର ଦିବ୍ୟତା ଏବଂ ଭବ୍ୟତାରେ ଯୋଗ ଦିଅନ୍ତୁ ଏବଂ ଏହାର ଗୌରବମୟ ଇତିହାସର ଅଂଶ ହୁଅନ୍ତୁ ।

OIPR: 15001/15001/2/26-27/0030

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୨
ତିଥି : ସପ୍ତମୀ
୦୮ ମେ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 212
08 May 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଦୁର୍ଘଟଣା ପରେ ଅସଦାଚରଣ ଅଭିଯୋଗକୁ ନେଇ ମଧ୍ୟଯୁଗୀୟ ବର୍ବରତା

# ଯୁବକଙ୍କୁ ପିଟିପିଟି ମାରିଦେଲେ

ଭୁବନେଶ୍ୱର/ବାଲିଅନ୍ତା, ୭ ।୫ (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ପୋଲିସ ସାମ୍ନାରେ ଜଣେ ଜିଆର୍ କନଷ୍ଟେବଳଙ୍କୁ ପିଟି ପିଟି

**ପୋଲିସ ସମ୍ମୁଖରେ ଘଟିଲା ହତ୍ୟାକାଣ୍ଡ**

**୪ ଗିରଫ, ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ**

**ଥାନା ଘେରାଉ, ପୋଲିସ-ଜନତା ମୁହାଁମୁହିଁ**

ସ୍ଥାନୀୟ କିଛି ଲୋକ ହତ୍ୟା କରିଛନ୍ତି । ହତ୍ୟାର ଶିକାର ହୋଇଥିବା କନଷ୍ଟେବଳ



ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ବାଲିଅନ୍ତା ଥାନାରେ ଅସଦାଚରଣ ଅଭିଯୋଗ କରିଛନ୍ତି ଦୁଇ ଯୁବତୀ । କନଷ୍ଟେବଳଙ୍କ ସହଯୋଗୀ ଆହତ ହୋଇଛନ୍ତି । ସନ୍ଧ୍ୟାରେ ପୋଲିସ ହତ୍ୟାରେ ସମ୍ପୃକ୍ତ ଥିବା ୪ ଯୁବକଙ୍କୁ ଗାଁରୁ ଉଠାଇ ଆଣି ଗିରଫ କରିଥିବା କହିଛି । ଥାନା ପରିସରରେ ମୃତକଙ୍କ ପରିବାର ଓ ଗାଁ ଲୋକଙ୍କ ମଧ୍ୟରେ ବାକ୍‌ବିତଣ୍ଡାରୁ ଉତ୍ତେଜନା ପ୍ରକାଶ ପାଇଛି । ଥାନା ଘେରାଉକୁ ଲକ୍ଷ୍ୟ କରି ପୋଲିସ ଓ ଉତ୍ତ୍ୟକ୍ତ ଜନତା ମୁହାଁମୁହିଁ ହୋଇଛନ୍ତି । ଯେଉଁ ଗାଁର ଯୁବକଙ୍କୁ ପୋଲିସ ଉଠାଇ ଆଣିଲା ସେ ଗାଁରେ ମଧ୍ୟ ଉତ୍ତେଜନା ଲାଗି ରହିଛି ।

କଟକ ଜିଆର୍ ଥାନାର କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ (୩୨) ଓ ତାଙ୍କ ସାଙ୍ଗ ଓମ୍‌ପ୍ରକାଶ ମହାନ୍ତି ବାଇକ୍ ଯୋଗେ ଭିଙ୍ଗାରପୁର ଅଭିମୁଖେ ଯାଉଥିଲେ । ଦୁଇଜଣ ଯୁବତୀ ସ୍କୁଟର ଯୋଗେ ଆସୁଥିଲେ । ଯୁବତୀ ଯାଉଥିବା ସ୍କୁଟିକୁ ଓମ୍ ପ୍ରକାଶ ଓ ତାଙ୍କ ବନ୍ଧୁ ଯାଉଥିବା ମୋଟରସାଇକେଲ ପଛପଟୁ ଧକ୍କା ଦେଇଥିଲା । ରାମଚନ୍ଦ୍ରପୁର ବ୍ୟାରେଜ ନିକଟରେ ଦୁଇଟି ଗାଡି ମଧ୍ୟରେ ଦୁର୍ଘଟଣା ଘଟିବାରୁ ସ୍କୁଟରରେ ଯାଉଥିବା ଯୁବତୀ ତଳେ ପଡିଯାଇଥିଲେ । ଏହା ଦେଖି ବାଇକ୍‌ରେ ଯାଉଥିବା ଦୁଇ ବନ୍ଧୁ ସୌମ୍ୟ ଓ ଓମ୍ ତାଙ୍କୁ ଉଠାଇଥିଲେ । ଏହି ସମୟରେ ଉଭୟଙ୍କ ମଧ୍ୟରେ ଦୁର୍ଘଟଣାକୁ ନେଇ କଳିଝଗଡା ହୋଇଥିଲା । ଦୁଇ ଯୁବତୀ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସମ୍ପର୍କୀୟ ଲୋକମାନଙ୍କୁ ଫୋନ୍ କରିବା ସହ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ । ପୋଲିସ ପହଞ୍ଚିବାରେ ବିଳମ୍ବ ହୋଇଥିଲା । (୯ ପୃଷ୍ଠାରେ)

### ବାଲିଅନ୍ତା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

## କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୭ ।୫ (ସବ୍ୟୁ) : ଭୁବନେଶ୍ୱରର ବାଲିଅନ୍ତା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସହିତ କଥା ହୋଇ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏଭଳି ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ପୋଲିସ ପ୍ରଶାସନ ଓ ପୋଲିସ ବାହିନୀ ସତର୍କ ରହିବାକୁ (୯ ପୃଷ୍ଠାରେ)

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନବୀନଙ୍କ ଦାବି

ଭୁବନେଶ୍ୱର, ୭ ।୫ (ସବ୍ୟୁ) : ବାଲିଅନ୍ତାରେ ଯୁବକଙ୍କୁ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ବର୍ବର । ରାଜଧାନୀରେ ଏପରି ଜଘନ୍ୟ ଘଟଣା ଘଟୁଥିଲେ ବି ସରକାରଙ୍କ ଅସମ୍ଭବ ନିରାପତ୍ତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ରାଜ୍ୟର ଆଇନ୍ ଶୃଙ୍ଖଳାକୁ ସୁନିଶ୍ଚିତ କରିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦାବି କରିଛନ୍ତି ।

ନବୀନ ଉଲ୍ଲେଖ କରିଛନ୍ତି ଯେ ପୋଲିସ ଉପସ୍ଥିତିରେ ଏଭଳି ଘଟଣା ଯଦି ଘଟେ ତେବେ ଲୋକ କାହାକୁ ସୁରକ୍ଷା ମାଗିବେ । ଅପରାଧୀଙ୍କ ଆଗରେ ପୋଲିସ ପ୍ରଶାସନ, ସରକାର ଏତେ ଅସହାୟ କାହିଁକି । ଭୁବନେଶ୍ୱର ଉପକଣ୍ଠରେ ଯଦି ସରକାର ଏଭଳି ଘଟଣାକୁ ରୋକିବାରେ (୯ ପୃଷ୍ଠାରେ)

# ପ.ବଙ୍ଗ ବିଧାନସଭା ଭଙ୍ଗ

## ମୁଖ୍ୟମନ୍ତ୍ରୀ ପଦରୁ ହଟିଲେ ମମତା

କୋଲକାତା, ୭ ।୫ : ପ.ବଙ୍ଗ ବିଧାନସଭା ନିର୍ବାଚନ ପରେ ରାଜ୍ୟପାଳ ଆର୍‌ଏନ୍ ରବି ଆଜି ବିଦାନସଭାକୁ ଭଙ୍ଗ କରିଛନ୍ତି । ତୃଣମୂଳ କଂଗ୍ରେସ ସରକାରର କାର୍ଯ୍ୟକାଳ ଶେଷ ହୋଇଛି । ତେବେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଇସ୍ତଫା ନ ଦେବା ପାଇଁ ମମତା ବାନାର୍ଜୀ ଅଡି ବସିଥିଲେ । ମାତ୍ର ବିଧାନସଭା ଭଙ୍ଗ ହେବାପରେ ସେ ଆଉ ମୁଖ୍ୟମନ୍ତ୍ରୀ ନାହାନ୍ତି ବୋଲି ସ୍ପଷ୍ଟ କରିଦିଆଯାଇଛି ।

ରାଜ୍ୟପାଳ ସମ୍ବିଧାନର ୧୭୪ (୨) (ବି) ଧାରାକୁ ଉପଯୋଗ କରି ପ.ବଙ୍ଗ ବିଧାନସଭାକୁ ଭଙ୍ଗ କରିଛନ୍ତି । ତାଙ୍କ



ଅଧିକୃତ ନୋଟିସ୍‌ରେ କୁହାଯାଇଛି ଯେ ଆଜିଠାରୁ ସେ ପ.ବଙ୍ଗ ବିଧାନସଭାକୁ ଭଙ୍ଗ କରିଦେଲେ । ଏଥର ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି କ୍ଷମତାଚ୍ୟୁତ ହୋଇଛି । ଦୀର୍ଘ ୧୫ ବର୍ଷ କାଳ ମମତା ପ.ବଙ୍ଗ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ତେବେ ନିର୍ବାଚନରେ ହାରିଯିବା ପରେ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଥିବା ମମତା ଅଭିଯୋଗ କରିଥିଲେ । ସେ କହିଥିଲେ ଯେ ଭୋଟ୍ ଲୁଟ୍ ହୋଇଛି ଓ ଇଭିଏମ୍‌କୁ ଟାମ୍ପରିଂ କରାଯାଇଛି । ନିର୍ବାଚନ କମିଶନ ବିଜେପିକୁ ସୁହାଇଲା ଭଳି ଅନୈତିକ କାର୍ଯ୍ୟ (୯ ପୃଷ୍ଠାରେ)

### ଗୁଜରାଟରୁ ଫେରିଲେ ମୁଖ୍ୟମନ୍ତ୍ରୀ

# ୪୮,୩୩୦ କୋଟି ନିବେଶ, ୬୭,୮୩୮ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୭ ।୫ (ସବ୍ୟୁ) : ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଆଗାମୀ ଦଶ ବର୍ଷ ଓଡ଼ିଶା ପାଇଁ ହେବ 'ସୁବର୍ଣ୍ଣ ଦଶକ' । ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗୁଜରାଟ ଗସ୍ତ ସାରି ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଫେରିବା ଅବସରରେ ଗଣମାଧ୍ୟମକୁ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଅବସରରେ ସେ ଅହମଦାବାଦ, ମୁନ୍ଦ୍ରା, ଏକତା ନଗର (କେବାଡିଆ-ଷ୍ଟାଚ୍ୟୁ ଅଫ୍ ୟୁନିଟି) ଓ ଭଦୋଦରା ଗସ୍ତ କରି ବିଭିନ୍ନ



ଶିଳ୍ପପତି ଓ ଶିଳ୍ପପ୍ରତିନିଧି ମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଗସ୍ତରେ ଓଡ଼ିଶା ପାଇଁ ସମୁଦାୟ ୪୮,୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶୃତି ଓ ପ୍ରସ୍ତାବ ମିଳିଛି ଏବଂ ଏହାଦ୍ୱାରା ୬୭,୮୩୮ ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁଜରାଟର ଶିଳ୍ପ ବିକାଶକୁ ଦେଖି ସେ ଅନୁଭବ କରିଛନ୍ତି ଯେ, କିପରି ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ନିର୍ଣ୍ଣାୟକ ପଦକ୍ଷେପ ଯୋଗୁ ଗୁଜରାଟ ଏକ ବିଶ୍ୱସ୍ତରୀୟ ଶିଳ୍ପ କେନ୍ଦ୍ରରେ ପରିଣତ ହୋଇପାରିଛି ।

ସେ କହିଥିଲେ ଯେ, ଭାରତର ପଶ୍ଚିମ ଉପକୂଳ ବିକଶିତ (୯ ପୃଷ୍ଠାରେ)

- ⇨ ୮ଏମ୍‌ଓୟୁ, ୬୩ଟି ନିବେଶ ଆଗ୍ରହ ପତ୍ର
- ⇨ ବିକଶିତ ଭାରତ ପାଇଁ ପୂର୍ବ ଭାରତର ଉଦୟ ଅତ୍ୟନ୍ତ ଆବଶ୍ୟକ
- ⇨ ଆଗାମୀ ୧୦ ବର୍ଷ ହେବ 'ସୁବର୍ଣ୍ଣ ଦଶକ'- ମୁଖ୍ୟମନ୍ତ୍ରୀ

## ପିଏନ୍‌ଜି, ସିଏନ୍‌ଜି ଭିତ୍ତିଭୂମିର ହେବ ବିକାଶ

ଭୁବନେଶ୍ୱର, ୭ ।୫ (ସବ୍ୟୁ): ରାଜ୍ୟରେ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ(ପିଏନଜି) ଓ ସଙ୍କୁଚିତ ପ୍ରାକୃତିକ ଗ୍ୟାସ୍ ଭିତ୍ତିଭୂମିର ଦ୍ରୁତ ବିକାଶ ଲାଗି ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ(ସିଜିଡି) ନୀତି-୨୦୨୬ ଆସିଛି । ଏହି ନୀତି ମାଧ୍ୟମରେ ରାଜ୍ୟର ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତିର ପ୍ରଚାର ସହିତ "ବିକଶିତ ଓଡ଼ିଶା' ଗଠନ ଲକ୍ଷ୍ୟକୁ ଅଧିକ ଗତି ମିଳିବ । ଏଥିସହ ରାଜ୍ୟରେ ପ୍ରାୟ ୯ ଲକ୍ଷରୁ ଅଧିକ ଘରୋଇ ପିଏନଜି ସଂଯୋଗ ଏବଂ ୨୭୧ଟି ସିଏନଜି ଷ୍ଟେସନ୍ ସ୍ଥାପନର ଲକ୍ଷ୍ୟ ରଖାଯାଇଛି । ଏହା ଜନସାଧାରଣଙ୍କୁ ସୁଲଭ ଓ ସ୍ୱଚ୍ଛ ଜାଳେଣି ଯୋଗାଇବା ସହ ପରିବେଶ ସୁରକ୍ଷା ଏବଂ ସୁସ୍ଥ ନଗରୀୟ ଜୀବନଶୈଳୀ ଗଠନରେ ସହାୟକ ହେବ ।

ଏହି ନୀତିର କାର୍ଯ୍ୟାନ୍ୱୟନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନୋଡାଲ୍ ବିଭାଗ ଭାବେ ନିଯୁକ୍ତ କରାଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ (୯ ପୃଷ୍ଠାରେ)

### ଶ୍ରୀଜଗନ୍ନାଥ ଜମିର ପୁଣି ବନ୍ଦୋବସ୍ତ ହେବ

## ଥଇଥାନ ହେବେ ଯୋଗ୍ୟ ହିତାଧିକାରୀ

ଭୁବନେଶ୍ୱର, ୭ ।୫ (ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଗୁଡ଼ିକୁ ଚିହ୍ନଟ କରାଯାଇ, ଏହାର ପୁନଃ ବନ୍ଦୋବସ୍ତ ହେବ । ବର୍ଷବର୍ଷ ଧରି ଜମି ଅଧିକାର କରି ରଖିଥିବା ସେବକ, ନିଯୋଗ ଓ ଅଣସେବକଙ୍କୁ ଚିହ୍ନଟ କରାଯିବ । ଯେଉଁମାନେ ଯୋଗ୍ୟ, ସେମାନଙ୍କୁ ଥଇଥାନ କରାଯିବ । ଏହାସହ ଜମିରୁ ଜବରଦଖଲ ମଧ୍ୟ ହଟାଯିବ ।

- ◥ ଜଗନ୍ନାଥ ଜମିକୁ ଅଧୀନକୁ ନେବେ ସରକାର
- ◥ ୨୫ରୁ ୨୬% ଜମି ଦଖଲରେ ରହିଛି
- ◥ ମହାପ୍ରଭୁଙ୍କ ଲାଗି ହେବ ବଡ଼ କର୍ପସ ଫଣ୍ଡ ଗଠନ

ଗୁରୁବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବରୁ ଥିବା ୟୁନିଫର୍ମ ସେଟେଲମେଣ୍ଟ ପଲିସି ୨୦୦୩ରେ ଆବଶ୍ୟକ ସଂଶୋଧନ ଜରିଆରେ ମହାପ୍ରଭୁ (୯ ପୃଷ୍ଠାରେ)

## ସରକାରୀ ଫାଇଲ୍ ଚିରିଲେ ପାଟଣାଗଡ଼ ବ୍ଲକ୍ ଅଧ୍ୟକ୍ଷ

ପାଟଣାଗଡ଼/ବଲାଙ୍ଗିର, ୭ ।୫ (ସବ୍ୟୁ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି । ଜଣେ ଜନପ୍ରତିନିଧି ହୋଇ ସରକାରୀ ନିୟମକୁ ବେଖାତିର କରିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଭଳି ସଂଗୀନ ଅଭିଯୋଗ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗଙ୍କ ବିରୋଧରେ ଆସିଛି ।

ମିଳିଥିବା ସୂଚନା ଅନୁସାରେ, ଏକ ରାସ୍ତା କାମ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ବ୍ଲକ ଅଫିସର ମୁଖ୍ୟ କିରାଣୀଙ୍କ ଟେବୁଲ ଉପରେ ରହିଥିଲା । କୌଣସି କାରଣକୁ ନେଇ ଅଧ୍ୟକ୍ଷ ଶ୍ରୀ ବାଗ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ହଠାତ୍ ଉତ୍ତ୍ୟକ୍ତ ହୋଇ ସେହି ସରକାରୀ ଫାଇଲକୁ ସମସ୍ତଙ୍କ ସମ୍ମୁଖରେ ଚିରି ଫୋପାଡ଼ି ଦେଇଥିଲେ । ଏହି ସମସ୍ତ ଦୃଶ୍ୟ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ଭିଡିଓରେ ଅଧ୍ୟକ୍ଷ ଜଣକ କିଭଳି ଭାବେ ଫାଇଲ୍ ଛଡ଼ାଇ ନେଇ ଚିରୁଛନ୍ତି, ତାହା ସ୍ପଷ୍ଟ ଭାବେ ଦେଖାଯାଉଛି । (୯ ପୃଷ୍ଠାରେ)

### ତାମିଲନାଡୁରେ ବିଜୟଙ୍କ ନୂଆ ସରକାର ଗଠନ ନେଇ ଅନିଶ୍ଚିତତା ଜାରି

# ୧୧୮ ବିଧାୟକଙ୍କ ସମର୍ଥନ ଦିଅ : ରାଜ୍ୟପାଳ

ଚେନ୍ନାଇ, ୭ ।୫ : ତାମିଲନାଡୁରେ ଥଲପତି ବିଜୟଙ୍କ ନେତୃତ୍ୱାଧୀନ ଟିଭିକେର ସରକାର ଗଠନ ନେଇ ଅନିଶ୍ଚିତତା ଜାରି ରହିଛି । ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ସୁଦ୍ଧା ରାଜ୍ୟପାଳ ରାଜେନ୍ଦ୍ର ଆରଲେକର ଏ ପର୍ଯ୍ୟନ୍ତ ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିନାହାନ୍ତି । ୨୪ ଘଣ୍ଟା ମଧ୍ୟରେ ବିଜୟ ଦୁଇଥର ରାଜ୍ୟପାଳଙ୍କୁ ଭେଟି ସାରିଲେଣି । ମାତ୍ର ରାଜ୍ୟପାଳ ୧୧୮ ବିଧାୟକଙ୍କ ସମର୍ଥନ ଥିବା ପତ୍ର ଆଣିବାକୁ ତାଙ୍କୁ ବାରମ୍ବାର କହୁଛନ୍ତି । ଆଜି ମଧ୍ୟ ବିଜୟ ରାଜ୍ୟପାଳଙ୍କୁ ଭେଟିଥିଲେ । ରାଜ୍ୟପାଳ ତାଙ୍କୁ ସମାନ କଥା କହିବା ସହ ଅନ୍ୟ କୌଣସି ଦଳକୁ ସରକାର ଗଠନ ଲାଗି ନିମନ୍ତ୍ରଣ କରିବିନାହିଁ ବୋଲି ମଧ୍ୟ କହିଛନ୍ତି ।



ତେବେ ଆସନ୍ତା ୯ ତାରିଖରେ ତାମିଲନାଡୁ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ । ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନହେଲେ ସେଠାରେ ସାମ୍ବିଧାନିକ ସଙ୍କଟ ଦେଖାଦେବାର ସମ୍ଭାବନା ରହିଛି । ଅପରପକ୍ଷରେ ଆଇନ୍ ବିଶାରଦଙ୍କ ମତରେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏକକ ସଂଖ୍ୟଗରିଷ୍ଠ ଦଳକୁ ସରକାର ଗଠନ ପାଇଁ ଡାକିବାକୁ ବାଧ ବୋଲି ମତ ଦେଉଛନ୍ତି ।

**ସମ୍ବିଧାନ ଅନୁଯାୟୀ ରାଜ୍ୟପାଳ ଟିଭିକେକୁ ଡାକିବାକୁ ବାଧ : ଆଇନ୍ ବିଶାରଦ**

ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ଟିଭିକେ ୧୦୭ ଆସନ ଜିତିଛି । କଂଗ୍ରେସ ତାଙ୍କୁ ସମର୍ଥନ କରିବ ବୋଲି ଖୋଲାଖୋଲ ଘୋଷଣା କରି ସମର୍ଥନ ଚିଠି ମଧ୍ୟ ପ୍ରଦାନ କରିଛି । ଏହାସତ୍ତ୍ୱେ ବି ବିଜୟ ମ୍ୟାଜିକ୍ ନମ୍ବର ୧୧୮ ପଛରେ ଅଛନ୍ତି । ରାଜ୍ୟପାଳ ତାଙ୍କୁ ୧୧୮ ବିଧାୟକଙ୍କ ସମର୍ଥନ ଥିବା ସ୍ୱାକ୍ଷର ଆଣିବାକୁ କହିଛନ୍ତି । ତେବେ ଡିଏମ୍‌କେର ସହଯୋଗୀ ଭିସିକେ ରାଜ୍ୟପାଳଙ୍କୁ ଅନୁରୋଧ କରିଛି ଯେ ବିଜୟଙ୍କୁ ସରକାର ଗଠନ କରିବାକୁ ସୁଯୋଗ ଦିଆଯାଉ ଓ ବିଧାନସଭାରେ ସେ ତାଙ୍କ (୯ ପୃଷ୍ଠାରେ)

### ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

# ୧୦ ବେଳକୁ ସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ

ଭୁବନେଶ୍ୱର, ୭ ।୫ (ସବ୍ୟୁ) : ଆସନ୍ତା ୧୦-୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମରୁ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଦୁର୍ବଳରୁ ମଧ୍ୟମ ଧରଣର ଲଘୁଚାପ ସୃଷ୍ଟି ହେବାର ସଙ୍କେତ ମିଳୁଛି । ଏହି ସିଷ୍ଟମ୍ ବର୍ତ୍ତମାନ ଏକ ବିସ୍ତୃତ ଏବଂ ଜଳୀୟବାଷ୍ପପୂର୍ଣ୍ଣ କ୍ଷେତ୍ର ଭାବେ ଦୃଶ୍ୟମାନ ହେଉଛି । ଯଦି ଏହି ଆକଳନ ଠିକ୍ ହୁଏ, ତେବେ ଓଡ଼ିଶାରେ କୌଣସି ବଡ଼ ବାତ୍ୟା ଅପେକ୍ଷା କାଳବୈଶାଖୀ ବର୍ଷା, ବିଜୁଳି ଘଡ଼ଘଡ଼ି, ସମୁଦ୍ର ଅଶାନ୍ତ ରହିବା ଏବଂ ଗୁଳୁଗୁଳି ବୃଦ୍ଧି ପାଇବାର ସମ୍ଭାବନା ଅଧିକ ବୋଲି ଇସିଏମ୍‌ଡବ୍ଲ୍ୟୁଏଫ୍ ମେଡଲ ଦର୍ଶାଉଛି ।

ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ମଡେଲଗୁଡ଼ିକ ଏହି ସମୟ ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଏକମତ ହୋଇଛନ୍ତି । ପ୍ରଥମ ସିଷ୍ଟମକୁ ନେଇ ଜିଏଫଏସ୍ ମଡେଲ ଏବେ ମଧ୍ୟ ଅଧିକ ଆକ୍ରାମକ ରହିଛି । ଏହି ମଡେଲ ଅନୁସାରେ ସିଷ୍ଟମଟି ଖୁବ୍‌ଶୀଘ୍ର ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଭାରତୀୟ ଉପକୂଳ ଆଡ଼କୁ ମୁହାଁଇପାରେ । ଚଳିତମାସ ୧୪ରୁ ୧୫ ତାରିଖ ମଧ୍ୟରେ ଏହା ଏକ ଶକ୍ତିଶାଳୀ ବାତ୍ୟାର ରୂପ ନେଇପାରେ ବୋଲି ଜିଏଫ୍‌ଏସ୍ ସୂଚନା ଦେଉଛି, ଯାହା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

ମେ ମାସ ତୃତୀୟ ସପ୍ତାହ ଶେଷ ଭାଗରେ ବଙ୍ଗୋପସାଗରର ଉତ୍ତର କିମ୍ବା ଉତ୍ତର-ପୂର୍ବ ଭାଗରେ ଆଉ ଏକ ପରିବର୍ତ୍ତନର ସଙ୍କେତ ମିଳୁଛି । ଏହି ସିଷ୍ଟମ୍ ମୁଖ୍ୟତଃ ମୌସୁମୀ ବାୟୁର ଆଗମନ ସହ ଜଡ଼ିତ । ଏହା ପ୍ରଭାବରେ ପୂର୍ବ ଭାରତ ତଥା ଓଡ଼ିଶାର ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବୃଦ୍ଧି ପାଇବା ସହ ମୌସୁମୀ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ତେବେ ମେ ୧୦ ତାରିଖ ସୁଦ୍ଧା ପରିସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

ଗୁରୁବାର ସନ୍ଧ୍ୟା ୫.୩୦ ସୁଦ୍ଧା ନୟାଗଡରେ ସର୍ବାଧିକ ୫୫ ମିମି ବର୍ଷା ହୋଇଥିବାବେଳେ ଭଦ୍ରକରେ ୧୫ ମିମି, କେନ୍ଦୁଝରରେ ୧୦ ମିମି, ବାରିପଦାରେ ୧୧ ମିମି, ବାଲେଶ୍ୱରରେ ୪.୨ ମିମି ବର୍ଷା ରେକର୍ଡ କରାଯାଇଛି । ଆସନ୍ତାକାଲି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ।






ଗୁଜୁରାଟର ଭଦଦୋରା (ବରୋଦା) ଠାରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଗୁଜରାଟ ଗସ୍ତରୁ ଫେରିବା ପରେ ଭୁବନେଶ୍ୱର ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତ୍ତି ରଖୁଛନ୍ତି ।

## କାଳବୈଶାଖୀ ପ୍ରଭାବ ଘୂର୍ଣ୍ଣିଝଡରେ ବ୍ୟାପକ କ୍ଷୟକ୍ଷତି

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ଅଂଚଳରେ ଆଜି ଅପରାହ୍ନ ୫ଟା ସମୟରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ଘଡଘଡି ଓ ଘୁର୍ଣ୍ଣିଝଡ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗତ ୩ ଦିନ ତଳେ ଘୁର୍ଣ୍ଣିଝଡରେ ବଯାପକ କ୍ଷୟକ୍ଷତି ହୋଇଥିବା ବେଳେ ଆଜି ପୁଣି ସମାନ ଅବସ୍ଥା ଉପୁଜିଛି। କାଳବୈଶାଖୀ ପ୍ରଭାବରେ ଆଜି ଅପରାହ୍ନ ୫ଟାରେ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ଘୁର୍ଣ୍ଣିଝଡ ବାତ୍ୟା ହେବାରୁ ଅନେକ ସ୍ଥାନରେ ଗଛ ଉପୁଡିବା ସହ ଗଛଡାଳ ଭାଙ୍ଗି ପଡିଛି। ସେହିପରି କେତେକ ସ୍ଥାନରେ ଚାଳଛପର ଘର ଭାଙ୍ଗିପଡିଥିବା ବେଳେ ବିଦ୍ୟୁତ ସଂଯୋଗ ବିଛିନ୍ନ ହୋଇପଡିଛି। କାଏମା ଶେରପୁର ଗ୍ରାମର ସନାତନ ସେଠୀଙ୍କ ଟିଣ ଛପର ଘର ସମ୍ପୁର୍ଣ୍ଣ ଭବେ ଉଡିଯାଇଛି। ସେହିପରି ତାଙ୍କ ପଡୋଶୀ ମନୋଜ ସେଠୀଙ୍କ ଚାଳଛପର ଘର ସମ୍ପୁର୍ଣ୍ଣ ଭାବେ ଉଡିଯାଇଛି।

### ଓଡିଶାରେ ଭିତ୍ତିଭୂମି ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ଉପହାର

## ସିଆର୍‌ଆଇଏଫ୍ ଅଧୀନରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ପାଇଁ ୭୬୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ସଡକ ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବା ପାଇଁ ଆଜି କେନ୍ଦ୍ର ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ୭୬୯ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାମାଜିକ ଗଣମାଧ୍ୟମ 'ଢ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଓ ଧନ୍ୟବାଦ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ବିଶେଷ କରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ପ୍ରକାଶ କରି ଓଡିଶାରେ ଭିତ୍ତିଭୂମି ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ସହଯୋଗ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡକ ଓ ଭିତ୍ତିଭୂମି ପାଣ୍ଠି (ଉଜଓର୍) ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡା ଜିଲ୍ଲାର

**ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

ଦଳଗାଁ-ତିଲିଆ ଏବଂ ଚାରପାଲି ଡଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ ନିର୍ମାଣ, ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଜ ଛକରୁ ଏମ୍‌କେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର, ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ୍ ଜିଲ୍ଲା ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ଉନ୍ନତି କରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ୍ ଜିଲ୍ଲା ଲମ୍‌ତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତିକରଣ, ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତିକରଣ, ୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର୍ ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତିକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯିବ। ଉପାନ୍ତ ଜିଲ୍ଲାରୁ ନେଇ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

### ୧୯ ତାରିଖରୁ ସିଆଇଆରଆଇ ରେ ଧାନ ବିକ୍ରୀ ଆରମ୍ଭ

## ଜଣେ ଚାଷୀ ସର୍ବାଧିକ ୩୦କେଜି ବିହନ ନେଇପାରିବେ

କଟକ,(ସବ୍ୟୁ): ଆସନ୍ତା ୧୯ ତାରିଖରୁ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର(ସିଆଇଆରଆଇ) ରେ ବିହନ ବିକ୍ରି ଆରମ୍ଭ ହେବ । ଚଳିତବର୍ଷ ଶୃଙ୍ଖଳିତ ଉପାୟରେ ଚାଷୀଙ୍କୁ ବିହନ ବିକ୍ରୟ ପାଇଁ ସିଆରଆରଆଇ ପକ୍ଷରୁ ଏକ ମୋବାଇଲ୍ ନମ୍ବର ଜାରି କରାଯାଇଛି । ଯେଉଁ ନମ୍ବରରେ ଚାଷୀମାନେ ନିଜ ନାମ ପଞ୍ଜୀକରଣ କରିବା ପରେ ଯାଇ ବିହନ ନେଇପାରିବେ । ଏପରିକି ବିହନ କିଣିବା ପାଇଁ ଭିଡ଼କୁ ଏଡ଼ାଇବା ଲାଗି ମଧ୍ୟ କେଉଁଦିନ କେତେ ଚାଷୀ ବିହନ ନେବେ ତାହା ମଧ୍ୟ ମୋବାଇଲ୍ ନମ୍ବରରେ ଜଣାଇ ଦିଆଯିବ। ସିଆରଆଇ ଦ୍ୱାରା ଦିଆଯାଇଥିବା ମୋବାଇଲ୍ ନମ୍ବର ୯୪୩୯୨-୭୦୮୨୫ ରେ ମେସେଲ୍ କରି ପଞ୍ଜୀକରଣ ପାଇଁ କୁହାଯାଇଛି। ଏହି ମେସେଜ୍‌ରେ ଦିଆଯାଇଥିବା ଲିଙ୍କ୍‌ରେ ଏକ ଫର୍ମ ଆସିବ । ଉକ୍ତ ଫର୍ମକୁ ପୂରଣ କରିବା ପରେ ଜଣେ ଚାଷୀ ତାଙ୍କ ବିହନ ପାଇପାରିବେ। ପଞ୍ଜୀକରାଣ ଅନୁଯାୟୀ ଚାଷୀମାନଙ୍କ ତାଲିକା ପ୍ରସ୍ତୁତ କରାଯିବ । ଜଣେ ଚାଷୀଙ୍କୁ ବିହନ ନେବାର ଦୁଇ ଦିନ ଆଗରୁ ତାରିଖ ଏବଂ ସମୟ ସଂକ୍ରାନ୍ତରେ ଜଣାଇ ଦିଆଯିବ । ପ୍ରତ୍ୟେକ ଚାଷୀଙ୍କୁ ସର୍ବାଧିକ ୩୦କେଜି ପର୍ଯ୍ୟନ୍ତ ବିହନ ଯୋଗାଇ ଦିଆଯିବ । ଗୋଟିଏ ପ୍ୟାକେଟ୍ ବିହନର ମୂଲ୍ୟ ୧୮୦୦ ଟଙ୍କା ଧାର୍ଯ୍ୟ କରଯାଇଛି। ସ୍ୱତନ୍ତ୍ର ତଥା ଗୁଣାତ୍ମକ ବିହନର ପ୍ୟାକେଟ୍ ମୂଲ୍ୟ ୨୧୦୦ ଟଙ୍କା ରହିଛି । କେନ୍ଦ୍ରରେ ୧୭ ପ୍ରକାର ବିହନ ଉପଲବ୍ଧ ହେବ । ଏହି ବିହନ ମଧ୍ୟରେ ରହିଛି ପୂଜା, ସାରଳା, ସିଆର ୧୦୧୮ (ଗାୟତ୍ରୀ), ସିଆର ୧୦୦୯ ସବ୍-୧, ସ୍ୱର୍ଣ୍ଣ ସବ୍-୧, ସିଆର ୧୦୧୭ (ଧରିତ୍ରୀ), ସିଆର ଧାନ ୫୦୮, ପ୍ରଧାନଧାନ(ସିଆର୍ ଧାନ ୪୦୯), ସିଆର ଧାନ ୫୦୨, ସିଆର ଧାନ ୫୦୭, ସିଆର ଧାନ ୫୧୦, ସିଆର ଧାନ ୮୦୧, ସିଆର ଧାନ ୮୦୨, ସିଆର ଧାନ ୩୧୨, ସିଆର ଧାନ ୩୧୭, ସିଆର ଧାନ ୩୧୪, ସିଆର ଧାନ ୮୦୩ । ବିହନ ଷ୍ଟକ ଶେଷ ହେବା ପର୍ଯ୍ୟନ୍ତ ଚାଷୀଙ୍କୁ ଏହା ଯୋଗାଇ ଦିଅଯିବ ବୋଲି ସିଆରଆଇ ସୂତ୍ରରୁ ଜଣାପଡ଼ିଛି ।

## ୨୫ ଓ ୨୬ରେ ବ୍ୟାଙ୍କ ଧର୍ମଘଟ




ଭୁବନେଶ୍ୱର (ସବ୍ୟୁ): ଆସନ୍ତା ୨୫ ଓ ୨୬ତାରିଖରେ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି । କର୍ମଚାରୀଙ୍କ ପ୍ରତି ବ୍ୟବସ୍ଥିତ ଅବହେଳା। କର୍ମଚାରୀ ବିରୋଧୀ ନୀତି ଯୋଗୁ କର୍ମଚାରୀଙ୍କ ସମେତ ବ୍ୟାଙ୍କ ବ୍ୟବସ୍ଥାର ଭିତ୍ତି ମଧ୍ୟ କ୍ଷତିଗ୍ରସ୍ତ ହେଉଛି। କାମର ସୁରକ୍ଷା କମିବା ସହିତ କାର୍ଯ୍ୟସ୍ଥଳର ମର୍ଯ୍ୟାଦା ମଧ୍ୟ ହ୍ରାସ ପାଉଛି । ଏବେ ଆଉଟ୍‌ସୋସିଙ୍ଗ୍ କରାଯାଉଛି। ପ୍ରାୟ ୩୦ବର୍ଷ ଧରି ମେସେଞ୍ଜର ନିଯୁକ୍ତି ବନ୍ଦ ରହିଛି। ଏନ୍‌ପିଏସ୍ କର୍ମଚାରୀମାନଙ୍କୁ ପେନ୍‌ସନ୍ ଫଣ୍ଡ ମ୍ୟାନେଜର ବଦଳାଇବା ଅଧିକାର ନଦେବା ଗୁରୁତର ଅନ୍ୟାୟ ସଦୃଶ ହେଉଛି। ତେଣୁ ମେସେଞ୍ଜର ନିଯୁକ୍ତି, ସଶସ୍ତ୍ର ଗାର୍ଡ ନିଯୁକ୍ତି, ସ୍ଥାୟୀ କାମର ଆଉଟ୍‌ସୋର୍ସ ବନ୍ଦ, ସମାନତା ସମସ୍ୟାର ସମାଧାନ, ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି, ପେନ୍‌ସନ୍‌ରେ ସମସ୍ତ ଦେୟ ଯୋଗ, କର୍ମଚାରୀ ନିର୍ଦ୍ଦେଶକ ଓ ପିଏଫ୍ ଟ୍ରଷ୍ଟି ନିଯୁକ୍ତି ଆଦି ଦାବି ନେଇ ଏହି ଅବିରତ ଧର୍ମଘଟ କରାଯିବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ସାଧାରଣ ସଂପାଦକ ଡଃ. ଚିତ୍ତ ରଞ୍ଜନ ପଣ୍ଡା ଜଣାଇଛନ୍ତି ।

### ଅଦାଲତଙ୍କ ଆଦେଶକୁ ମାନିଲେନି

## ଖୋର୍ଦ୍ଧା ତହସିଲ୍‌ଦାରଙ୍କୁ ହାଜର କରିବେ ଏସ୍‌ପି

କଟକ,(ସବ୍ୟୁ): ଏକ ଅଦାଲତ ଅବମାନନା ମାମଲାରେ ଖୋର୍ଦ୍ଧା ଏସ୍‌ପି ସ୍ଥାନୀୟ ତହସିଲ୍ଦାର ବିଭ୍ରଂଶ ପାଣିଗ୍ରାହୀଙ୍କୁ ଅଦାଲତରେ ହାଜର ପାଇଁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତଙ୍କ କାରଣ ଦର୍ଶାଅ ନୋଟିସ୍‌ର କୌଣସି ଜବାବ ନରଖିବାରୁ ହାଇକୋର୍ଟ କ୍ଷୁବ୍ଧ ହେବାସହ ଏଭଳି ଆଦେଶ ଦେଇଛନ୍ତି। ପ୍ରମୋଦ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ୧୪କୁ ଧାର୍ଯ୍ୟ ହୋଇଛି। ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ ଗତ ମାର୍ଚ୍ଚ ୧୨ ତାରିଖରେ ଖୋର୍ଦ୍ଧା ତହସିଲ୍‌ଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଆଜି ସୁଦ୍ଧା ଯଦି ତହସିଲ୍ଦାର କାରଣ ଦର୍ଶାଅର ଜବାବ ନରଖନ୍ତି ତାହେଲେ ବ୍ୟକ୍ତିଗତ ଭାବେ ଅଦାଲତରେ ଉପସ୍ଥିତ ହେବାକୁ ହାଇକୋର୍ଟ କହିଥିଲେ। ଆଜି ଶୁଣାଣି ସମୟରେ ନା କାରଣ ଦର୍ଶାଅ ନୋଟିସ୍‌ର ଜବାବ ରଖାଯାଇଥିଲା ନା ତହସିଲ୍ଦାର ଅଦାଲତରେ ଉପସ୍ଥିତ ହୋଇଥିଲେ। ଅଦାଲତ ସରକାରୀ ଆଇନଜୀବୀଙ୍କଠାରୁ ଏହାର କାରଣ ଜାଣିବାକୁ ଚାହିଁଥିଲେ। ତହସିଲ୍ଦାରଙ୍କୁ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟରୁ ଫୋନ୍ କରାଯାଇଥିଲା । କିନ୍ତୁ ସେ ଏହି ଫୋନ୍ ଉଠାଇନଥିଲେ କିମ୍ବା କୌଣସି ଉତ୍ତର ମଧ୍ଯ ରଖୁଥିଲେ ବୋଲି ସରକାରୀ ଆଇନଜୀବୀ ଅଦାଲତଙ୍କୁ ଅବଗତ କରିଥିଲେ। ଏହି ଜବାବ ପରେ ହାଇକୋର୍ଟ ଖୋର୍ଦ୍ଧା ଏସ୍‌ପି ତହସିଲ୍‌ଦାରଙ୍କୁ ଆଣି ଅଦାଲତରେ ହାଜର ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଗର୍ଭନଷ୍ଟ ମାମଲାରେ ଜବାବ ଦାଖଲ

## ପୀଡ଼ିତା ପିଲା ଜନ୍ମ ପର୍ଯ୍ୟନ୍ତ ଗର୍ଭଧାରଣ କରିବେ

କଟକ,(ସବ୍ୟୁ): ନାବାଳିକାଙ୍କ ଗର୍ଭ ନଷ୍ଟ ମାମଲାରେ ଆଜି ପୀଡ଼ିତାଙ୍କ ପରିବାର ପକ୍ଷରୁ ହାଇକୋର୍ଟରେ ତାଙ୍କ ଆଇନଜୀବୀ ଜବାବ ରଖିଥିଲେ । ସେ କହିଥିଲେ ଯେ, ପୀଡ଼ିତା ଏକ ସୁସ୍ଥ ପିଲା ଜନ୍ମ ପର୍ଯ୍ୟନ୍ତ ଗର୍ଭକୁ ଧାରଣ କରିବେ। ଏହି ଜବାବ ପରେ ହାଇକୋର୍ଟ ପୀଡ଼ିତାଙ୍କ ପିତାମାତାଙ୍କୁ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତାକାଲି ଏହା ଉପରେ ଶୁଣାଣି ହେବ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ଆଦେଶ ଦେଇଛନ୍ତି। ନାବାଳିକା ପୀଡ଼ିତାଙ୍କ ଗର୍ଭ ନଷ୍ଟ ପାଇଁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସ ମେଡିକାଲ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ସବୁ ରିପୋର୍ଟରେ ପୀଡ଼ିତାଙ୍କ ଯଦି ଗର୍ଭ ନଷ୍ଟ କରାଯାଏ ତାହେଲେ ତାଙ୍କ ଜୀବନ ପ୍ରତି ବିପଦ ଥିବା କୁହାଯାଇଥିଲା । ଏହି ରିପୋର୍ଟ ପରେ ପୀଡ଼ିତାଙ୍କ ପରିବାରର ମତାମତ ଲୋଡ଼ିଥିଲେ ହାଇକୋର୍ଟ। ଆଜି ପୀଡ଼ିତାଙ୍କ ପରିବାର ପକ୍ଷରୁ ଏହି ଜବାବ ରଖାଯାଇଛି।

## ୩୦ନଂ ୱାର୍ଡ଼ରେ ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୩୦ନମ୍ବର ୱାର୍ଡରେ ବିଧାୟିକା ସୋଫିଆ ଫିରଦୋସଙ୍କ ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଅପରାହ୍ନରେ ରାଜାବଗିଚା ଦୁର୍ଗାମଣ୍ଡପ ସମ୍ମୁଖରୁ ଏହି ପଦଯାତ୍ରା ବାହାରି ତେଲେଙ୍ଗା ବଜାରର ବୃନ୍ଦାବତୀ ଛକ, ବଙ୍ଗାଳିସାହି ଓ ଭଗତପୁର ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଜୟ କେତନ ନାୟକ, ବିଶ୍ୱରଞ୍ଜନ ଘଡେଇ, ସଚ୍ଚିଦାନନ୍ଦ ଦାସ, ନରୋତ୍ତମଦାସ, ଶୈଳେନ ଧଳ, ଭଜିସାହୁ, କେଦାର ପୃଷ୍ଟି,



ହନୁମାନ ଛକଦେଇ ଆଗକୁ ବଢିଥିଲା । ପରେ ଏହା କୁମ୍ଭାରସାହି ହୋଇ ବାଙ୍ଗିସାହି ମହାଦେବ ମନ୍ଦିର ନିକଟରେ ପହଞ୍ଚିବା ପରେ ସମାପ୍ତ ହୋଇଥିଲା । ଏହି ପଦଯାତ୍ରା କାଳରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜାକମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । ପଦଯାତ୍ରା ସମୟରେ ବିଧାୟିକା ୱାର୍ଡବାସୀଙ୍କ ସହ ପ୍ରଦେଶ ସାମନ୍ତରାୟ, ଗୌରାଙ୍ଗ ବେହେରା, ମୀନାଡାଲୁଅ, ସମ୍ବିତ ଦାସ, ଗୁଲସନ ନାୟକ, ନନ୍ଦକିଶୋର ବେହେରା, ବୀରେନ୍ଦ୍ର ଦାସ, ଶରତ ଚନ୍ଦ୍ର ସେଠୀ, ଚନ୍ଦନ ଦାସ, ମିର ମୁଜାଫର୍ ଅଲ୍ଲୀ ଓ ସ୍ମିତାସେନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପଦଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ଅଞ୍ଚଳବାସୀଙ୍କ ମଧ୍ୟରେ ଏହି ପଦଯାତ୍ରାରେ ବିଧାୟିକାଙ୍କ ସହିତ ସାମିଲ ହୋଇଥିଲେ ।

## ବେଦାନ୍ତ ଲାଞ୍ଜିଗଡ଼ର ପ୍ରଥମ ୨୪ ଘଣ୍ଟିଆ ଟେଲିମେଡିସିନ୍ ସୁବିଧାର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

### ପ୍ରାୟ ୭୦ଟି ଗାଁର ୭୦,୦୦୦ ରୁ ଅଧିକ ଲୋକଙ୍କୁ ନୂତନ ଟେଲିମେଡିସିନ୍ ସୁବିଧା ପ୍ରଦାନ କରାଯିବ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଏକ ଭର୍ଚୁଆଲ୍ ଇଭେଂଟ ମାଧ୍ୟମରେ ଟାଟା ୧ଏମଜି ସହିତ ସହଭାଗୀତାରେ ଆରମ୍ଭ ହୋଇଥିବା ବେଦାନ୍ତ ଆଲୁମିନିୟମର ପ୍ରଥମ ୨୪ଘ୭ ଟେଲିମେଡିସିନ୍ ସୁବିଧାର ଉଦଘାଟନ କରିଛନ୍ତି। ଏହି ପଦକ୍ଷେପ କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା ପହଂଚକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସହିତ ଦୂରଦୂରାନ୍ତ ଗ୍ରାମ, କର୍ମଚାରୀ, ପରିବାର, ବ୍ୟବସାୟିକ ଅଂଶୀଦାର ତଥା ସମ୍ପ୍ରଦାୟକୁ ସମୟୋଚିତ ବିଶେଷଜ୍ଞ ଡାକ୍ତରୀ ପରାମର୍ଶକୁ ନିକଟତର କରିଛି। ବେଦାନ୍ତ ଲାଞ୍ଜିଗଡ଼ ହସ୍ପିଟାଲରେ ସହାୟତା ପରାମର୍ଶ ପାଇଁ ଏକ ଉତ୍ସର୍ଗୀକୃତ ଟେଲିମେଡିସିନ୍ ରୁମ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଏହା ସହିତ, ଟାଟା ୧ଏମଜି ଆପ୍ ମାଧ୍ୟମରେ, ହିତାଧିକାରୀମାନେ ପ୍ରାୟ ୩୦ ଜଣ ବିଶେଷଜ୍ଞ ଏବଂ ସୁପର-ସ୍ପେଶାଲିଷ୍ଟ ଡାକ୍ତରଙ୍କ ସହିତ ମାଗଣା ଅଡିଓ ଏବଂ ଭିଡିଓ ପରାମର୍ଶ ପାଇପାରିବେ, ଯାହା ଚିକିତ୍ସା ମାର୍ଗଦର୍ଶନ ପାଇଁ ଦୂରଦୂରାନ୍ତ ଯାତ୍ରାର ଆବଶ୍ୟକତାକୁ ହ୍ରାସ କରିବ। ଏହି ସେବା ପୂର୍ବରୁ ୨୦୦ ରୁ ଅଧିକ ହିତାଧିକାରୀ ଉପଭୋଗ କରିସାରିଛନ୍ତି ଏବଂ କଳାହାଣ୍ଡି ଏବଂ ସଂଲଗ୍ନ ଅଂଚଳର ପ୍ରାୟ ୭୦ ଟି ଦୂରଦୂରାନ୍ତ ଗ୍ରାମର ୭୦,୦୦୦ ରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି।

ଏହି ଅବସରରେ ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, "ବେଦାନ୍ତର ୨୪ଘ୭ ଟେଲିମେଡିସିନ୍ ସୁବିଧା କଳାହାଣ୍ଡିର ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ, ବିଶେଷକରି ଦୁର୍ଗମ ଆଦିବାସୀ ଏବଂ ଗ୍ରାମାଂଚଳରେ, ଯେଉଁଠାରେ ସମୟୋଚିତ ଡାକ୍ତରୀ ପରାମର୍ଶ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବ। ମହିଳା ଏବଂ ଶିଶୁ ବିକାଶ ଉପରେ ଧ୍ୟାନ ଦେଇ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ଏବଂ ତୃଣମୂଳ ସ୍ତରର କଳା, କ୍ରୀଡା ଏବଂ ସଂସ୍କୃତିର ସଂରକ୍ଷଣରେ ବେଦାନ୍ତର ବ୍ୟାପକ କାର୍ଯ୍ୟ ପ୍ରତିଫଳିତ କରେ ଯେ କିପରି ଦାୟିତ୍ୱବାନ ଶିଳ୍ପ ରାଜ୍ୟର ବିକାଶ ପ୍ରାଥମିକତାକୁ ସମର୍ଥନ କରିପାରିବ। ସାରା ଓଡ଼ିଶାରେ ଅନ୍ତର୍ଭୁକ୍ତ ଏବଂ ସନ୍ତୁଳିତ ବିକାଶ ସୁନିଶ୍ଚିତ କରିବା ପାଇଁ ସରକାର, ଶିଳ୍ପ ଏବଂ ସମ୍ପ୍ରଦାୟ ମଧ୍ୟରେ ନିରନ୍ତର ସହଯୋଗ ଗୁରୁତ୍ୱପୂର୍ଣ୍ଣ ହେବ।" ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ ଅନୁଯାୟୀ, "ବେଦାନ୍ତର ଅଭିବୃଦ୍ଧି ଯାତ୍ରାରେ ଓଡ଼ିଶା କେନ୍ଦ୍ରବିନ୍ଦୁ ରହିଛି, ଏବଂ ରାଜ୍ୟରେ ସ୍ଥାନୀୟ ସମ୍ପ୍ରଦାୟର କଲ୍ୟାଣ ଆମ କାର୍ଯ୍ୟର ମୂଳରେ ରହିଛି। ଏହି ଟେଲିମେଡିସିନ୍




ସେବା ଆରମ୍ଭ ହେବା ସହିତ, ଆମେ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକମାନଙ୍କ ପାଇଁ ଶେଷ ମାଇଲ ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଂଚକୁ ବୃଦ୍ଧି କରୁଛୁ। ସମଗ୍ର ଓଡ଼ିଶାରେ, ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ାରେ, ଏପରି ଅନେକ ଅର୍ଥପୂର୍ଣ୍ଣ ହସ୍ତକ୍ଷେପ ଏହି ଅଂଚଳଗୁଡ଼ିକୁ ରାଜ୍ୟର ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ଦ୍ରୁତ ଗତିରେ ସାମିଲ କରୁଛି। ଆମେ ଆମର ସ୍ଥାନୀୟ ସମ୍ପ୍ରଦାୟ ଏବଂ ସରକାରଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ପ୍ରତିବଦ୍ଧ ଅଛୁ ଯାହା ଦ୍ୱାରା ଓଡ଼ିଶାର ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ବିକାଶରେ ଅର୍ଥପୂର୍ଣ୍ଣ ଯୋଗଦାନ ମିଳିବ।"

ବେଦାନ୍ତର ବିବିଧ ସମ୍ପ୍ରଦାୟ କାର୍ଯ୍ୟକ୍ରମ ଯେପରିକି ପ୍ରୋଜେକ୍ଟ ଆରୋଗ୍ୟ ପ୍ରତିରୋଧକ ଯତ୍ନ, ସ୍ୱାସ୍ଥ୍ୟ ଶିବିର ଏବଂ ଚିକିତ୍ସା ପ୍ରସାର ମାଧ୍ୟମରେ ଦୂରଦୂରାନ୍ତ ଗ୍ରାମଗୁଡିକର ସ୍ୱାସ୍ଥ୍ୟସେବା ନିକଟତର ହେଉଛି, ଯେତେବେଳେ ପ୍ରୋଜେକ୍ଟ ସଖୀ ମହିଳାମାନଙ୍କୁ ଉଦ୍ୟୋଗୀତା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଆୟ ସୁଯୋଗ ନିର୍ମାଣ କରିବାରେ ସାହାଯ୍ୟ କରୁଛି। ପ୍ରୋଜେକ୍ଟ ସଙ୍ଗମ ଜଳଛାୟା ବିକାଶ, ଜଳସେଚନ ସହାୟତା ଏବଂ ଜଳବାୟୁ-ପ୍ରତିରୋଧୀ କୃଷି ମାଧ୍ୟମରେ କୃଷକଙ୍କ ଜୀବିକାକୁ ସୁଦୃଢ଼ କରୁଛି। ବେଦାନ୍ତର ଶିକ୍ଷା ପଦକ୍ଷେପ, ଯେଉଁଥିରେ ଏହି ଅଂଚଳର ପ୍ରଥମ ଇଂରାଜୀ-ମଧ୍ୟମ ବିଦ୍ୟାଳୟ ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲ ଏବଂ ଆଧୁନିକୀକରଣ ହୋଇଥିବା ଅଙ୍ଗନୱାଡି ହେଉଛି ନନ୍ଦ ଘର, ଗୁଣାତ୍ମକ ଶିକ୍ଷା, ପ୍ରାରମ୍ଭିକ ଶୈଶବ ଯତ୍ନ, ପୁଷ୍ଟିସାର, ସ୍ୱାସ୍ଥ୍ୟସେବା ସହାୟତା ଏବଂ ମହିଳା ସଶକ୍ତିକରଣର ସୁବିଧାକୁ ବିସ୍ତାର କରୁଛି। ଯୁବ ଦକ୍ଷତା ଏବଂ ସମ୍ପ୍ରଦାୟ ଭିତିଭୂମି ପ୍ରକଳ୍ପ ସହିତ, ଏହି ପଦକ୍ଷେପଗୁଡ଼ିକ ସମଗ୍ର ଅଂଚଳରେ ସୁସ୍ଥ, ଅଧିକ ଶିକ୍ଷିତ, ଆତ୍ମନିର୍ଭରଶୀଳ ଏବଂ ସଶକ୍ତ ସମ୍ପ୍ରଦାୟ ଗଠନ କରିବାରେ ସାହାଯ୍ୟ କରୁଛି। ଲାଞ୍ଜିଗଡ଼ ଏବଂ ସିଜିମାଲି ଅଂଚଳରେ, ଏହି ହସ୍ତକ୍ଷେପଗୁଡ଼ିକ ସୁସ୍ଥ, ଅଧିକ କୁଶଳୀ ଏବଂ ଆତ୍ମନିର୍ଭରଶୀଳ ସମ୍ପ୍ରଦାୟ ଗଠନ କରିବାରେ ସାହାଯ୍ୟ କରୁଛି। ସମଗ୍ର ଓଡ଼ିଶାରେ, ବେଦାନ୍ତ ଆଲୁମିନିୟମର ସମ୍ପ୍ରଦାୟ କାର୍ଯ୍ୟକ୍ରମଗୁଡ଼ିକ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ଯାହାକୁ ବର୍ଷ ବର୍ଷ ଧରି ସାମାଜିକ ବିକାଶ ପଦକ୍ଷେପରେ ଟ.୫୦୦ କୋଟିରୁ ଅଧିକ ବିନିଯୋଗ ଦ୍ୱାରା ସମର୍ଥନ କରାଯାଇଛି। ଏହି ଅବସରରେ ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା, ଯାହାକି ଭାରତର ସର୍ବବୃହତ ଆଲୁମିନା ରିଫାଇନାରୀ ଏବଂ ଚୀନ୍ ବାହାରେ ବିଶ୍ୱସ୍ତରରେ ସର୍ବବୃହତ, ଯାହାର କ୍ଷମତା ବାର୍ଷିକ ୫୦ ଲକ୍ଷ ଟନ୍ ଅଟେ। ଭାରତର ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ପ୍ରମୁଖ ସ୍ତମ୍ଭ, ଏହି ରିଫାଇନାରୀ ଲାଞ୍ଜିଗଡ଼ରେ ନିଯୁକ୍ତି, ସ୍ଥାନୀୟ ଉଦ୍ୟୋଗ ସମର୍ଥନ, ସହଯୋଗୀ ଜୀବିକା ଏବଂ ସାମାଜିକ-ଆର୍ଥିକ ବିକାଶ ମାଧ୍ୟମରେ ଆଂଚଳିକ ପ୍ରଗତିକୁ ଆଗେଇ ନେବା ସହିତ ଏକ ପ୍ରମୁଖ ଆଲୁମିନିୟମ ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିଛି। ବେଦାନ୍ତ ଆଲୁମିନିୟମର ଓଡ଼ିଶା କାର୍ଯ୍ୟ ରାଜ୍ୟର ଶିଳ୍ପ ଏବଂ ଅର୍ଥନୈତିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। କମ୍ପାନୀ କହିଛି ଯେ ଏହା ଓଡ଼ିଶାରେ ଟ.୧ ଲକ୍ଷ କୋଟିରୁ ଅଧିକ ନିବେଶ କରିଛି ଏବଂ ୨୦,୦୦୦ରୁ ଅଧିକ ଏମଏସଏମଇ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସମର୍ଥନ କରୁଛି, ଯାହା ଏହାର ମୂଲ୍ୟ ଶୃଙ୍ଖଳାରେ ବଡ଼ ପରିମାଣର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଜୀବିକା ସୁଯୋଗ ସୃଷ୍ଟି କରୁଛି।

## ବାଙ୍କିଡି - ରକଲା କୁଣ୍ଡେଶ୍ୱର ମନ୍ଦିର ସଂଯୋଗୀକରଣ ରାସ୍ତା ନିର୍ମାଣରେ ବିଳମ୍ବ

# କଚ୍ଛା, ଖାଲଖମା ରାସ୍ତା ଦେଇ ଯାଉଛନ୍ତି ଭକ୍ତ



ହିନ୍ଦୋଳ ,(ସବ୍ୟୁ ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସଞ୍ଜପଡା ପଞ୍ଚାୟତ ଓ ପାଟଲା ପଞ୍ଚାୟତକୁ ସଂଯୋଗ କରୁଥିବା ବାଙ୍କିଡି - ରକଲା କୁଣ୍ଡେଶର୍ ମହାଦେଙ୍କ ମନ୍ଦିର ପର୍ଯ୍ୟନ୍ତ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଦୀର୍ଘ ବର୍ଷ ଧରି କଚ୍ଛା ଓ ଖାଲ ଖମାରେ ପଡ଼ି ରହିଥିବା ବେଳେ ସେହି ରାସ୍ତା ଦେଇ ପ୍ରତିଦିନ ବହୁ ଭକ୍ତ ପ୍ରତିଦିନ ମହାଦେବଙ୍କୁ ଦର୍ଶନ କରିବାକୁ ଆସି ଥାଆନ୍ତି । ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ୨ ଚକିଆ ଓ ୪ ଚକିଆ ଯାନରେ ପାଟଲା ବାଙ୍କିଡି ଦିଗରୁ କୁଣ୍ଡେଶରଙ୍କ ମନ୍ଦିର ପର୍ଯ୍ୟନ୍ତ ଯିବା ବେଳେ ଜନସାଧାରଣ (ଭକ୍ତ) ବହୁ ଅସୁବିଧା ଭୋଗୁଛନ୍ତି । ସମୟେ ସମୟେ ଅନ୍ୟ ଦିଗରୁ ଯାନ ଟିଏ ଆସିବା ବେଳେ ରାସ୍ତା ପାଶ୍ୱର୍ ଛାଡ଼ିବା କଷ୍ଟକର ହୋଇ ପଡୁଛି । ବିଭାଗ ପକ୍ଷରୁ ବାଙ୍କିଡି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସରିଥିବା ବେଳେ ସେଠାରୁ କୁଣ୍ଡେଶରଙ୍କ ମନ୍ଦିର ପର୍ଯ୍ୟନ୍ତ ୪ କିମି ରାସ୍ତା ନିର୍ମାଣ ରେ ଅହେତୁକ ବିଳମ୍ବ ଘଟୁଛି ।

ସରକାରୀ ସ୍ତରରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଗତ ବର୍ଷ ସେପେଟମ୍ବର ମାସରେ ବିଭଗୀୟ କନିଷ୍ଠ ଯନ୍ତ୍ରୀ ଅଟକଳ କରି ଟେଣ୍ଡର ପ୍ରକ୍ରିୟା ପାଇଁ ସମସ୍ତ କାର୍ଯ୍ୟ ସାରିଥିଲେ । ତେବେ ଶୁଣା ଗଲା କୁଆଡେ ନିକଟସ୍ଥ ଝାଡୁ ବେରେନି ଗ୍ରାମର କେତେକ ଜନ ସାଧାରଣ ନିଜ ଗ୍ରାମ ପାଶ୍ୱର୍ ଦେଇ ଏକ ବାଇପାସ ରୋଡ ନିର୍ମାଣ କରେଇବେକୁ ଜିଦ ଧରି ବସିଥିଲେ । ସେମାନଙ୍କ ଅଭିଯୋଗ ଫଳରେ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଘଟିବା ସହିତ ରାସ୍ତା ନିମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିଲା ନାହିଁ । ଇତି ମଧରେ ବାଙ୍କିଡି, ପାନୁବେରେନି, ଝାଡୁ ବେରେଣି ଓ ରକଲା ଗ୍ରାମର ବହୁ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କୁ ଏକତ୍ର ବୈଠକକୁ ଡକାଇ କନିଷ୍ଠ ଯନ୍ତ୍ରୀ ସତ୍ୟପ୍ରକାଶ ସାମଲ ରାସ୍ତା ନିର୍ମାଣ ନେଇ ସମସ୍ତଙ୍କ ସହମତି ଭିତ୍ତିରେ ବାଙ୍କିଡି ଗ୍ରାମଠାରୁ ମନ୍ଦିର ପର୍ଯ୍ୟନ୍ତ କରାଇବାକୁ ସ୍ଥିରୀକୃତ ହେବା ପରେ ଟେଣ୍ଡର ପ୍ରକ୍ରିୟା ପୁନର୍ବାର ଆରମ୍ଭ ହୋଇଥିବା ନେଇ ଯନ୍ତ୍ରୀ ଶ୍ରୀ ସାମଲଙ୍କୁ ମତାମତ ଲୋଡିବାରେ ପ୍ରକାଶ କରିଛନ୍ତି । ଉକ୍ତ ରାସ୍ତା ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ବାଙ୍କିଡି - ରକଲା କୁଣ୍ଡେଶ୍ୱର ମନ୍ଦିର ସଂଯୋଗୀ କରଣ ରାସ୍ତା ନିର୍ମାଣରେ ବିଳମ୍ବ, କଚ୍ଛା ଖାଲ ଖମା ରାସ୍ତା ଦେଇ ଯାଉଛନ୍ତି ଭକ୍ତ ।

## ନାଲକୋ ପକ୍ଷରୁ ନିର୍ମିତ ବିଦ୍ୟାଳୟ ଗୃହ ଉତ୍ସର୍ଗ



ଅନୁଗୋଳ, (ସବ୍ୟୁ ): ଜନ୍ମିତ ସମସ୍ତ ଶିଶୁ ପାଠ ପଢ଼ନ୍ତୁ, ଭଲ ମଣିଷ ହୁଅନ୍ତୁ ର ନାରାକୁ ସାକାର କରିବା ଦିଗରେ ଗ୍ରାମାଞ୍ଚଳ ଶିକ୍ଷାର ବିକାଶ ପାଇଁ ନାଲକୋ ପକ୍ଷରୁ ପିଙ୍ଗୁଆ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ନୂତନ ଭାବରେନିର୍ମିତ ଶ୍ରେଣୀଗୃହର ଉନ୍ନତି କରଣଏବଂ ବିଦ୍ୟାଳୟର ପାଚେରୀ ନିର୍ମାଣ ବ୍ୟବସ୍ଥା କୁ ନାଲକୋ ତରଫରୁ ମଙ୍ଗଳବାର ଦିନ ଶୁଭ ଉ"ାଟନ କାର୍ଯ୍ୟକ୍ରମ ହୋଇ ଯାଇଛି । କାର୍ଯ୍ୟକ୍ରମରେ ନାଲକୋର ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ଙ୍କ ଉପସ୍ଥିତ ରେ ମୁଖ୍ୟଅତିଥି ଭାବେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ମହାପ୍ରବନ୍ଧକ ରାଜାରାମ ମିଶ୍ର, ବଳରାମପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ , ଗ୍ରାମ ସଭାପତି, ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମାଞ୍ଚଳ ସ୍କୁଲ ପିଲାମାନଙ୍କ ପାଇଁ ଏକ ଆକର୍ଷଣୀୟ ଓ ସୁରକ୍ଷିତ ବିଦ୍ୟାଳୟ ପରିସର ଯୋଗାଇ ଦେବା ପାଇଁ ନାଲକୋ ସଦା ସର୍ବଦା ଯନିଶୀଳ ବୋଲି ଅତିଥି ମାନେ କହିଥିଲେ । ଏହା ଦ୍ୱାରା ସ୍କୁଲ ପିଲାମାନେ ଉନ୍ନତ ମାନର ଶିକ୍ଷାଦାନ ପାଇବାର ସୁଯୋଗ ପାଇ ପାରିବେ ବୋଲି ଅନ୍ୟତମ ଅତିଥିବୃନ୍ଦ ଏବଂ ଗ୍ରାମ ବାସୀ ପ୍ରକାଶ କରିବା ସହ ଖୁସି ପ୍ରକଟ କରିଥିଲେ ।

## ଅଗ୍ନିବିପନ୍ନ ପରିବାରକୁ ପ୍ରଶାସନିକ ସହାୟତା ପ୍ରଦାନ



ପାଲଲହଡ଼ା, (ସବ୍ୟୁ) : ଗତକାଲି ଝାରବେଡା ଫଚାୟତ ଅନ୍ତର୍ଗତ ଜାମ୍ବୁଆ ଗାଁ ର ବତିଶ ବଦରାଙ୍କ ରହିବା ଘରଟି ନିଆଁ ଲାଗି ସମସ୍ତ ଜିନିଷ ପତ୍ର ସମ୍ପୂର୍ଣ ଜଳିପୋଡି ଧ୍ୱଂସ ହୋଇଯାଇଥିବାବେଳେ ଆଜି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର ଓ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, କନ୍ତଲା ରାଜସ୍ୱ ନିରୀକ୍ଷକ ପାର୍ବତୀ ପୂର୍ତ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ କ୍ଷତିପୂରଣ ଦେବାର ପ୍ରତିଶୃତି ଦେଇଥିଲେ । ତଦନ୍ତ ରିପୋର୍ଟ ଅନୁଯାୟୀ ଅଗ୍ନିକାଣ୍ଡରେ ପରିବାରର ବାସଗୃହ ସହ ଘରୋଇ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି । ଏହାପରେ ପ୍ରଶାସନ ପକ୍ଷରୁ ଅଗ୍ନି ବିପନ୍ନ ପରିବାରକୁ ଆବଶ୍ୟକୀୟ ଶୁଖିଲା ଖାଦ୍ୟ, କିଛି ଦିନ ପାଇଁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିବାବେଳେ ରେଡକ୍ରସ ପକ୍ଷରୁ ୭,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

## ଯ୍ୟାରର ପ୍ରତିଷ୍ଠା ଦିବସ ପାଳିତ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଠାରେ ଥିବା ଯ୍ୟାର ର ୪୪ତମ ବାର୍ଷିକ ପ୍ରତିଷ୍ଠା ଦିବସ ଲୁହାମୁଣ୍ଡା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଅଛି । ଆଜିର ଦିନରେ ମହାତ୍ମା ଗାନ୍ଧିଜୀଙ୍କ ଆଗମନ ୧୯୩୪ ମସିହାରେ ବଇଣ୍ଡା ଦେଇ ବାମୁର ଠାରେ ରାତ୍ର ଜାପାନ କରିଥିବାରୁ ସେହିଦିନକୁ ସ୍ମୃତି କରିଯ୍ୟାରର ଗଠନ ୫/୫/୧୯୮୨ ମସିହାରେ ହୋଇ ଗାନ୍ଧିଜୀଙ୍କ ମୂଲ୍ୟବୋଧରେ ଅଗ୍ରଣୀ ଯୁବ ସମାଜସେବିଙ୍କ ଦାରା ଗ୍ରାମାଞ୍ଚଳ ବିକାଶ ପାଇଁ କାର୍ଯ୍ୟ କରିଆସୁଛନ୍ତି । ଉକ୍ତ ପ୍ରତିଷ୍ଠାଦିବସ ପାଳନ ଅବସରରେ ଗାନ୍ଧିଜୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଓ ପ୍ରଦୀପ ପ୍ରଜଳନ କରି ସର୍ବାଧର୍ମ ପ୍ରାର୍ଥନା ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅନ୍ତର୍ଯ୍ୟାମୀ ରଥ ଯୋଗ ଦେଇ ଗଡଜାତ ଆନ୍ଦୋଳନକୁ ପ୍ରସଙ୍ଗ କରି ଅତ୍ୟାଚାରିତ ରାଜାଙ୍କୁ ପ୍ରଜା କିପରି ଗାଦିଚ୍ୟୁତ କରିଥିଲେ ବର୍ତ୍ତମାନର ଗଣତନ୍ତ୍ରକୁ ଅତ୍ୟାଚାରୀ ରାଜନେତା କିପରି ନିରପେକ୍ଷତାକୁ କବଳିତକରି ନିଜସ୍ୱାର୍ଥ ପାଇଁ ବାହୁବଳ, ଅର୍ଥବଳ, ସରକାରୀ କଳ କୁ ଦୂରପଯୋଗ କରୁଛନ୍ତି ସେଥିପ୍ରତି ପ୍ରତ୍ୟେକ ନାଗରିକ ସଜାଗ ହେବା ପାଇଁଆହ୍ୱାନ ଦେଇଥିଲେ ।ସେଥିପାଇଁ ସ୍ୱେଚ୍ଛାସେବୀ ସଂଗଠନକୁ ନିୟନ୍ତ୍ରଣ କରିବାକୁ ଆଇନ ପ୍ରଣୟନ କରିଚାଲିଛନ୍ତି ।ଯ୍ୟାର ସଭାପତି ଅଧ୍ୟାପକ କୃଷ୍ଣ ଚନ୍ଦ୍ର ଧୀର ବିଶୋଇ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବରେଯ୍ୟାର ପ୍ରତିଷ୍ଠାତା ରଣଜିତ ପଟ୍ଟନାୟକ ଗ୍ରାମାଞ୍ଚଳ ଯୁବ କେନ୍ଦ୍ର ସ୍ଥାପନ କରି ଡିଜିଟାଲ ଯୁଗରେ ଯୁବ ପିଢିଙ୍କୁ ଆଗୁଆ ଜ୍ଞାନକୌଶଳ ଦାରା ପ୍ରଶିକ୍ଷିତ କରାଇ ଇରାନ ଦେଶର ଯୁବପିଢ଼ି ଯେପରି ବୈଜ୍ଞାନିକ ଜ୍ଞାନ ଦାରା ମୁଖ୍ୟସ୍ରୋତରେ ଅଂଶଗ୍ରହଣ କରୁଛନ୍ତି ସେହିଭଳି ବ୍ୟବସ୍ଥା ବାହାର କରିବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟବକ୍ତଙ୍କ ମଧ୍ୟରେ ଶ୍ରମିକନେତା ଅନାଦି ସାହୁ, ଗନ୍ଧର୍ବ କାନ୍ଧିଆ, ବିଶ୍ୱ ଯୁବକେନ୍ଦ୍ରର ପ୍ରତିଷ୍ଠାତା ମନୋଜ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।

## ଚଳନ୍ତା ଟ୍ରକରେ ଲାଗିଗଲା ନିଆଁ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ବଡ଼ସୁଆଁଳ ନିକଟରେ ରାସ୍ତାରେ ଚାଲୁଥିଲା ବେଳେ ଏକ ଦଶଚକିଆ ଟ୍ରକରେ ନିଆଁ ଲାଗିଯାଇଥିବାର ଜଣାପଡିଛି ।ଟ୍ରକଟି ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିବା ଆରମ୍ଭ କରିଥିବା ବେଳେ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତକରିଛି ।

ସୂଚନା ଅନୁସାରେ ଏହି ଦଶଚକିଆ ଟ୍ରକଟି ଯାଜପୁର ଅଞ୍ଚଳରୁ କୋଇଲା ଖାଲି କରି ତାଳଚେର ଯାଉଥିବା ବେଳେ ବଡ଼ସୁଆଁଳ ନିକଟରେ ହଟାତ ଟ୍ରକର ପଛ ଚକା ରେ ନିଆଁ ଲାଗିଯାଇଥିଲା ।ଫଳରେ ଟ୍ରକଟି ଜଳିବାକୁ ଆରମ୍ଭ କରିଥିଲା । ଏହା ଦେଖି ଡ୍ରାଇଭର ଟ୍ରକକୁ ରାସ୍ତା ମଝିରେ ଅଟକାଇ ତୁରନ୍ତ କାମାକ୍ଷାନଗର ଅଗ୍ନିଶମବାହିନୀକୁ ଖବର ଦେଇଥିଲେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିବା ବେଳେ ଏକ ବଡ଼ ବିପଦରୁ ଡ୍ରାଇଭର ଓ ଗାଡିଟି ଅଳ୍ପକେ ବର୍ତ୍ତିଗ୍ ଯାଇଛି । କେଉଁ କାରଣରୁ ଟ୍ରକରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ଅତ୍ୟଧିକ ଖରା ଯୋଗୁଁ ଟ୍ରକର ଚକାରେ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି ।

## ବୃଦ୍ଧି ପାଉଛି ଚୋରି, ରାହାଯାନୀ: ପୋଲିସ ନିରବଦ୍ରଷ୍ଟା

ତାଳଚେର ,(ସବ୍ୟୁ) : ତାଳଚେର ସହରରେ ଏବେ ଚୋରୀ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ମଧ ପୋଲିସ୍ ନିରବତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ କେବଳ ତାଳଚେର ପୋଲିସ୍ ମଦ୍ୟପୀ ଗାଡ଼ିଚାଳକଙ୍କୁ ଅନ୍ଧାରିଆ ସ୍ଥାନ ଗୁଡ଼ିକରେ ଲୁଚିଛପି ରହି ସତେଯେପରି ଡ଼କ ।ୟତକୁ ଧରିବା ଭଳି ବାଇକ ଚାଳକ ଉପରେ ଆତର୍କିତ ଚଢ଼ାଉ କରି ଭୟଭିତ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି । ଏଥିରେ ପୋଲିସ୍ ରାଜ୍ୟ ସରକାରକୁ ପୋଷୁଥିବା ବେଳେ ନିଜେ ବେଶ ହାତ ଚିକ୍କଣ କରି ନିଜର କାଯ୍ୟ ଦକ୍ଷତା ପ୍ରତିପାଦନ କରୁଥିବାକୁ ଦର୍ଶାଇ ବାହା ବାହା ନେଉଥିଲାବା ଭଳି ଅବସ୍ଥା ସୃଷ୍ଟି କରିଛି । ଏପରିକି, ବାଇକ ଚାଳକମାନଙ୍କୁ ଯେଉଁ ଷ୍ଟଡ଼ ଦ୍ୱାରା ଫୁଙ୍କା ଯାଉଛି ତାହା ସରକାରୀଙ୍କ ଦ୍ୱାରା ପ୍ରଦତ ନା କୌଣସି ଲସି ଦୋକାନୀ ଷ୍ଟଡ଼ (ପାଇପ୍) ନୁହେଁ ତ । ଘଟଣାରୁ ପ୍ରକାଶ ହାଟତୋଟା ସ୍ଥିତ ତାମ୍ରିତ ମାର୍କେଟରେ ଥିବା ଏକ ଗହଣା ଦୋକାନରୁ ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଆଜବେଷ୍ଟ ଭାଙ୍ଗି ଟଙ୍କା ଓ କିଛି ସୁନା ଅଳଙ୍କାର ଲୁଟିନେବା, ପୁନଶ୍ଚ ସେହି ନିକଟସ୍ଥ ଆଇଟିଆଇ ଛକ ଏକ ଓମଫେଡ଼ ପାର୍ଲର ଦୋକାନର ଆଜବେଷ୍ଟ ଭାଙ୍ଗି ସେଥିରେ ଥିବା ନଗଦ ୨୦ହଜାର ଟଙ୍କା, ବିଭିନ୍ନ ଓମଫେଡ଼ ସାମଗ୍ରୀ ଚୋରୀକରି ନେଇଥିବା ଘଟଣା ଦୋକାନୀ ମାନଙ୍କର ନିଦ ହଜାଇ ଦେଇଛି ।

ଏନେଇ ଦୋକାନୀ ମାଲିକ ଗୋଲେଖ ସେଠୀ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ତାଳଚେର ଅଂଚଳରେ ଭିନ୍ନ ଭିନ୍ନ ସମୟରେ ଏବେ ଚୋରୀ ରାହାଯାନି, ଶନିବାର ହାଟରୁ ବାଇକ ଚୋରି ଇତ୍ୟାଦି, ମଦ୍ୟପୀ ଯୁବକଙ୍କ ଦାଦାଗିରି ବୃଦ୍ଧି ପାଉଥିଲେ ମଧ ପୋଲିସ୍‌ର ନିରବଦ୍ରଷ୍ଟା ଓ ରାତ୍ରି କାଳୀନ ପାଟ୍ରୋଲିଙ୍ଗ ହେଉନଥିବାରୁ ସେମାନଙ୍କୁ ଆହୁରି ପ୍ରତ୍ସାହିତ କରୁଛି ବୋଲି ଚର୍ଚ୍ଚା ଯୋରଧରିଛି । ତାଳଚେର ଟାଉନ ପୋଲିସ ଅଂଚଳଟି କେବଳ ଏବେ ଅପରାଧିଙ୍କ ଆଡ଼୍ଡା ସ୍ଥଳୀ ପାଲଟିଛି । ନିଛାଟିଆ ଅଂଚଳରେ ଡ୍ରଗ ସେବନ, ମଦ, ଗଞ୍ଜା ପ୍ରଭୃତି ସେବନ କରି ଶିକ୍ଷିତ ଯୁବକ ପଥଭ୍ରଷ୍ଟ ହୋଇ ବିଭିନ୍ନ ଅସାମାଜିକ କାମ ବୃଦ୍ଧି ପାଉଥିବା ସହିତ ଏପରିକି ଦେବାଳୟ ସ୍ଥାନ ଗୁଡ଼ିକୁ ଏହି କାରଣରୁ ଭକ୍ତମାନେ ଯିବାକୁ ଭୟଭିତ ହେଉଛନ୍ତି ।

## ଗୋଣ୍ଡ ସମାଜ ବ୍ରାହ୍ମଣୀଦେଇ ପୁଞ୍ଜୀର ବାର୍ଷିକ ସଭା



ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅନ୍ତର୍ଗତ ଗମ୍ଭାରୀମଳିହା ଗ୍ରାମ ଆମ୍ବତୋଟା ଠାରେ ବୁଧବାର ଦିନ ଗୋଣ୍ଡ ସମାଜ ବ୍ରାହ୍ମଣୀଦେଇ ପୁଞ୍ଜି ପକ୍ଷରୁ ବାର୍ଷିକ ସଭା ଅନୁଷ୍ଠିତ ହୋଇ ଯାଇଛି ।ପ୍ରଥମେ ପ୍ରଭୁ ଜଙ୍ଘାଦେବଙ୍କୁ ପୂଜା କରି ସଭା ଆରମ୍ଭ ହୋଇଥିଲାଏଥିରେ ଗୋଣ୍ଡ ସମାଜର ଯୁବ ବର୍ଗଙ୍କୁ ଆକୃଷ୍ଟ କରିବା. ସମାଜର ରୀତିନୀତି ଅନୁସାରେ ନିୟମ ମାନି ଚଳିବା. ନିଜ ଭିତରେ ସୁସମ୍ପର୍କ ରଖିବା ଆଲୋଚନା ହୋଇଥିଲା ଓ ବାର୍ଷିକ ହିସାବ ହୋଇ ଋଣ ନେଇଥିବା ସଭ୍ୟ ଋଣ ପରିଶୋଧ କରି ଋଣ ନେଇଥିଲେ ଏବଂ ଦଶମ ପରୀକ୍ଷାରେ ୬୬ ପ୍ରତିଶତ ରଖିଥିବା ଗମ୍ଭାରୀମଳିହାର ଛାତ୍ରୀ ଝରଣା ନାୟକଙ୍କୁ ପୁଞ୍ଜି ପକ୍ଷରୁ ହଜାରେ ଟଙ୍କା ପୁରସ୍କାର ଦେଇଥିଲେ ଏବଂ ବାଇଶିପାଲି ପୁଞ୍ଜୀର ପୂର୍ବତନ ସମ୍ପାଦକ ରଞ୍ଜନ ନାୟକ ବ୍ୟକ୍ତିଗତ ହଜାରେ ଟଙ୍କା ମଧ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ହୋଇଥିଲାଏହି ବୈଠକ ବ୍ରାହ୍ମଣୀଦେଇ ପୁଞ୍ଜୀର ସଭାପତି ରାଘବ ନାୟକ ,ସମ୍ପାଦକ କୁଶ କୁମାର ନାୟକଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ମାନଗୋବିନ୍ଦ ନାୟକ ,ଉପସଭାପତି ଗୋବର୍ଧନ ନାୟକ ଏବଂ ଆଠ ଗ୍ରାମର ଦୁଇଶହ ତିରିଶି ପୁରୁଷ ମହିଳା ଯୋଗ ଦେଇ ଥିଲେ ।

## ସ୍ୱାମୀର ଆତ୍ମହତ୍ୟା

ପାଲଲହଡା, (ସବ୍ୟୁ): ସ୍ତ୍ରୀ ଛାଡି ଚାଲିଯିବାପରେ ସ୍ତ୍ରୀ ବିରହରେ ସ୍ୱାମୀର ଆତ୍ମହତ୍ୟା ଭଳି କରୁଣ ଘଟଣା ଏଠାରେ ଚାଞ୍ଚଲ୍ୟ ଖେଳାଇଦେଇଛି । ପୋଲିସ ରିପୋର୍ଟରୁ ପ୍ରକାଶ ଯେ ଏଠାରୁ ପ୍ରାୟ ସାତ କିଲୋମିଟର ଦୂର ପାଲଲହଡା ଥାନା ଅନ୍ତର୍ଗତ ବତିସୁଆ ଫଚାୟତର ରଞ୍ଜନା ଗ୍ରାମର ମୃତ ଯେନମଣୀଙ୍କ ପୁଅ ଚଂଜନ ମୁଣ୍ଡା ଆଜି ସକାଳୁ ଆସି ପାଲଲହଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ସାନଭାଇ ସହଦେ ମୁଣ୍ଡା (୧୯ବର୍ଷ )ତାର ଶୋଇବା ଘରଭିତରେ ଏକ ଶାଢୀରେ ଦଉଡି ଦେଇ ଆତ୍ମହତ୍ୟା କରିଛି ବୋଲି । ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଂଚି ସହଦେର ସବ ଜବତ କରି ଏକ ଅପମୃତ୍ୟୁ କେଶ ନମ୍ବର ୫/୨୬। ଦରଜ କରି ପାଲଲହଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପାରିପାର୍ଶିକ ସ୍ଥିତି ଓ ଗ୍ରାମବାସୀଙ୍କ ବୟାନକୁ ଭିତ୍ତି କରି ସହଦେ ବାହାହୋଇଥିବା ସ୍ତ୍ରୀ କିଛିଦିନ ତଳୁ ଘରୁ ପଳାଇଯିବାରୁ ଏଥିପାଇଁ ପାଗଳ ପ୍ରାୟ ବୁଲୁଥିଲା ବୋଲି ଜଣାପଡିଛି । ଫଳରେ ସେ ସ୍ତ୍ରୀ ବିରହକୁ ସହ୍ୟ କରିନପାରି ଆତ୍ମହତ୍ୟା କରିଥାଇପାରେ ବୋଲି ଜଣାପଡିଛି ।

## ଦଶମ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବଅଁରପାଳ ,(ସବ୍ୟୁ ): ବଅଁରପାଳ ବ୍ଲକ କୁକୁଡ଼ାଙ୍ଗ ଗ୍ରାମ ପଞ୍ଚାୟତ ହରିହର କୁକୁଡ଼ାଙ୍ଗ ଉଚ୍ଚ ବିଦ୍ୟାଳୟ ରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର-ଛାତ୍ରୀ ମାନଙ୍କୁ ଆଜି ଏକ ବିଶେଷ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଅଙ୍କିତା ବେହେରା ୫୪୦ ମାର୍କ ରଖି ଏ୧ ରେ, ତେଜସ୍ମିନି ସାହୁ ବି୨ ରେ, ସାଲିନି ପ୍ରଧାନ ବି୨ ରେ ଓ ରାଜଶ୍ରୀ ଦାସ ବି୨ ଙ୍କୁ ଫୁଲତୋଡା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ସଭାରେ ମୁଖ୍ୟ ଅତିଥି ଭାବେ ଟିଏଫଏଲ ର ଏମଡି ବିବେକ ଶ୍ରୀବାସ୍ତବ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଛେଣ୍ଟିପଦା ଯଶୋବନ୍ତ ବେହେରା, ସରପଞ୍ଚ କୁକୁଡ଼ାଙ୍ଗ ଗ୍ରାମ ପଞ୍ଚାୟତ ପାରିଜାତ ସେଠୀ, ସରପଞ୍ଚ ବଳରାମ ପ୍ରସାଦ ଗ୍ରାମ ପଞ୍ଚାୟତ ଜୟନ୍ତୀ ସାହୁ, ସରପଞ୍ଚ କୁରୁଡୋଲ ଗ୍ରାମ ପଞ୍ଚାୟତ ଦିବାକର ମହାଳିକ, ସରପଞ୍ଚ କାଣ୍ଡସର ଗ୍ରାମ ପଞ୍ଚାୟତ ସବିତା ମହାଳିକ ଓ ବିଜେପି ନେତା ତଥା ସମାଜ ସେବୀ ଅମୀୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଜନଗଣନା ଉପ-ନିର୍ଦ୍ଦେଶକଙ୍କ ଦୁଇଦିନିଆ ଅନୁଗୋଳ ଗସ୍ତ

ଅନୁଗୋଳ,(ସବ୍ୟୁ) :ଭାରତ ସରକାରଙ୍କ ଜନଗଣନା ଉପ-ନିର୍ଦ୍ଦେଶକ ପବିତ୍ର କୁମାର ମହଲା ଦୁଇଦିନିଆ ଗସ୍ତରେ ଆସି ଆସିଛନ୍ତି । ଶ୍ରୀ ମହଲା ମଙ୍ଗଳବାର ଅନୁଗୋଳ ଠାରେ ପହଞ୍ଚିଥିଲେ । ପ୍ରଥମ ଦିନରେ ବନରପାଳ ତହସିଲ ଏରିଆ କ୍ଷେତ୍ର ପରିଦର୍ଶନ କରିବା ସମୟରେ ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର, ବନରପାଳ ତହସିଲଦାର ତଥା ଚାର୍ଜ ଅଫିସର ସୁଶାନ୍ତ କୁମାର ମିଶ୍ର,ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଅଫିସର ସୁଶାନ୍ତ କୁମାର ନାୟକ,ଜିଲ୍ଲାର ସହକାରୀ ଜିଲ୍ଲାପାଳ ସଞ୍ଜୟ ଭୋଇ, ଅନୁଗୋଳ ଜିଲ୍ଲା ପାଇଁ ନିୟୋଜିତ ରାଜ୍ୟ ସଂଯୋଜକ ଅମିତରନିମ ଓ ଦୀପକ କୁମାର ଉପସ୍ଥିତ ଥିଲେ । ତା ୬ରିଖ ମଧ୍ୟାହ୍ନରେ ଉପ-ନିର୍ଦ୍ଦେଶକ ଶ୍ରୀ ମହଲା ଜିଲ୍ଲାର ସମସ୍ତ ୧୩ଗୋଟି ଚାର୍ଜର ଚାର୍ଜ ଅଫିସରମାନଙ୍କର ଏକ ସମୀକ୍ଷା ବୈଠକରେ ଯୋଗ ଦେବା ସହିତ ଜିଲ୍ଲାପାଳ ଅବଦଲ ମୁହମ୍ମଦ ଅଖତାର ଓ ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରିତୀମୟଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ଏବଂ ଜିଲ୍ଲାରେ ଚାଲୁଥିବା ଜନଗଣନା କାର୍ଯ୍ୟର ତାଜା ସ୍ଥିତି ବାବଦରେ ଅବଗତ କରାଇଥିଲେ ।

## ଢାବା, ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ାଉ



ତାଳଚେର,(ସବ୍ୟୁ) : ତାଳଚେର ପୋଲିସ ସହାୟତାରେ ଖାଦ୍ୟନିରାପତା ବିଭାଗ ଅଧିକାରୀ ସୁମିତ ସୌରଭ ପରିଡ଼ା, ହରପ୍ରିୟା ବେହେରା, ଶ୍ରୀବନ୍ତ ଖଣ୍ଡଗିରି ବିଭିନ୍ନ ହୋଟେଲ, ଢ଼ାବା, ରେଷ୍ଟୁରାଂଟ, ଲସି ଦୋକାନ, ଦହିବରା ଦୋକାନ ଖୁଚୁରା ଦୋକାନ ଗୁଡ଼ିକରେ ଚଢ଼ାଉ କରିଥିଲେ ଓ ଉକ୍ତ ଦୋକାନ ଗୁଡ଼ିକରେ ରହିଥିବା ବାସୀ ଖାଦ୍ୟପଦାର୍ଥ ଗୁଡ଼ିକୁ ଫିଙ୍ଗିଦେବା ସହିତ ସେମାନଙ୍କ ଠାରୁ ୧୦ହଜାର ୫ଶହ ଟଙ୍କା ଫାଇନ୍ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ତେବେ ଅସାଧୁ ବ୍ୟସାୟୀମାନେ ଗ୍ରାହକମାନଙ୍କୁ ନିଜର ସ୍ୱାର୍ଥ ସାଧନ ପାଇଁ ବାସିଖାଦ୍ୟ ଗୁଡ଼ିକୁ ବିଭିନ୍ନ ରାସାୟନିକ ପଦାର୍ଥ ଦେଇ ଅଧିକ ଆକର୍ଷଣ କରି ବିକ୍ରି କରୁଥିବା ଅଭିଯୋଗ ପରେ ଏହି ଚଢ଼ାଉ କରାଯାଇଥିବା କୁହାଯାଇଛି । ଯଦି ଏହି ଚଢ଼ାଉ ବାରମ୍ବାର କରାଯାଏ ତେବେ ଦୋକାନୀ ମାନେ ଏପରି କରିବାକୁ ସାହାସ କରନ୍ତେ ନାହିଁ ଓ ଗ୍ରାହକମାନେ ନିଶ୍ଚିତ ଭାବେ ସୁଫଳ ପାଇବେ ବୋଲି ସାଧାରଣରେ କୁହାଯାଉଛି ।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ, ମରାମତି ଦାବି




ଗୋଡ଼ିବନ୍ଧ, (ସବ୍ୟୁ ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ଥାନାର କୁଲେଇ ପଞ୍ଚାୟତର କୁଲେଇ ଗ୍ରାମରେ ଏକ ସଦ୍ୟ ଉଦଘାଟିତ ପାନୀୟ ଜଳ ପ୍ରକଳ୍ପ ରହିଛି । ନିକଟସ୍ଥ ଓପିସିଏଲ ଜଳବିଦ୍ୟୁତ କେନ୍ଦ୍ରର ଆଞ୍ଚଳିକ ପାରିପାର୍ଶ୍ୱିକ କଲ୍ୟାଣ ପାଣ୍ଠିର ଅନୁଦାନରେ ନିର୍ମିତ ଏହି ପ୍ରକଳ୍ପ ବର୍ଷେ ପରେ ନାଁ ଅଛି ପାଣି ନାଁ ହେଉଛି ଥଣ୍ଡା । ଅସହ୍ୟ ଗୁଳୁଗୁଳି ଓ ହାଡ ଫଟା ଗ୍ରୀଷ୍ମ ପ୍ରବାହରୁ ହଜାର ହଜାର ଲୋକଙ୍କ ତୃଷା ମେଣ୍ଟାଇବାକୁ ନିର୍ମିତ ଏହି ପ୍ରକଳ୍ପ ପ୍ରାୟ ୯ମାସ ହେବ ଅଚଳ ହେଇ ପଡ଼ିରହିଛି । ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ କୁଲେଇ ପଞ୍ଚାୟତ ଅଧୀନରେ ରହିଛି । ଓପିସିଏଲ ସଂସ୍ଥା ପଞ୍ଚାୟତକୁ ଅନୁଦାନ ଦେବାପରେ ଖୋଦ ସରପଞ୍ଚଙ୍କ ପ୍ରତିନିଧି ଏହି ପ୍ରକଳ୍ପକୁ ଠିକାରେ କାର୍ଯ୍ୟ କରିଛନ୍ତି । ୨୦୨୫ମସିହା ମାର୍ଚ୍ଚ ମାସରେ ଏହି ପ୍ରକଳ୍ପକୁ ତତକାଳୀନ ସାଂସଦ ମହେଶ ସାହୁ, ବିଧାୟକ ମୁକେଶ କୁମାର ପାଳ,ବର୍ତ୍ତମାନର କଣିହାଁ ବ୍ଲକ ଚେୟାରମ୍ୟାନ ରାମକୃଷ୍ଣ ପ୍ରଧାନ ଓ ସରପଞ୍ଚ ଜ୍ୟୋସ୍ନାମୟୀ ଗଡ଼ନାୟକ ଏବଂ କୁଲେଇ ଗ୍ରାମ୍ୟ କମିଟି ସଭାପତି ଅଦେତ୍ୟ ସାମଲ ଉଦଘାଟନକରିଥିବା ଗ୍ରାମବାସୀ କହିଛନ୍ତି । ଏପରିକି ମାତ୍ରାଧିକ ପିସି ପାଇଁ କାର୍ଯ୍ୟ ନିମ୍ନମାନର ହେବା କାରଣରୁ ଏହା ଅଚଳ ହେଇ ପଡ଼ିଥିବା ଅଭିଯୋଗ ହେଇଛି । ତେବେ କଟକ, ଭୁବନେଶର, ରାଉରକେଲା, ପାଲହଡା, ଦେବଗଡ଼, କେଉଁଝର, ମୟୁରଭଞ୍ଜ, ବାରିପଦା, ସମ୍ବଲପୁର ପରି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାକୁ ସଂଯୋଗୀକରଣ କରୁଥିବା ଏହି ରାସ୍ତାରେ ଶହଶହ ବସ ସାଙ୍ଗକୁ ହଜାର ହଜାର ଯାତ୍ରୀ, ନିକଟସ୍ଥ ହନୁମାନ, ତାରିଣୀ, ବିଷ୍ଣୁ ଓ ଶନି ମନ୍ଦିର ମାତ୍ର ୫୦ମିଟର ବ୍ୟବଧାନରେ ରହିଛି, ସେଠାକୁ ମଧ ସହସ୍ରାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଆଗମନ ରହିଛି । ଓପିସିଏଲ ଠିକା ସଂସ୍ଥା, ଗ୍ରାମୀଣ ପାନୀୟ ଜଳ ଯୋଗାଣ ସଂସ୍ଥା, ବସୁଧା ଯୋଜନା ପ୍ରଭୃତି ମରାମତି ଦାୟିତ୍ୱ ପଞ୍ଚାୟତର ବୋଲି ପ୍ରକାଶ କରିଥିବାବେଳେ ପଞ୍ଚାୟତ ସରପଞ୍ଚ ଓ ପିଇଓ ଏହାର ମରାମତି ଉତ୍ତର ଦାୟୀ ବୋଲି କୁହାଯାଉଛି । ସେମାନଙ୍କୁ ବହୁବାର ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ହେଇପାରିନି ।

## ଶହଶହ ଏକର ସରକାରୀ ଜମି ଜବରଦଖଲ କରି ଚାଲିଛି ଖଣି ଖାଦାନ

# ୩ ହଜାର କୋଟି ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଅଭିଯୋଗ, ତଦନ୍ତ ଦାବି

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲଦାର କଟକ ବୋର୍ଡ ଅଫ ରେଭିନ୍ୟୁ ଅଧିକାରୀଙ୍କୁ ବି ଖାତିର କରୁନଥିବା ଅଭିଯୋଗ ହୋଇଛି। ଶହ ଶହ ଏକର ସରକାରୀ ଜମି ଜବରଦଖଲ ସହିତ ୩ହଜାର କୋଟି ଟଙ୍କାର ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ହୋଇଛି ତାର ବର୍ତ୍ତମାନର ସ୍ଥିତି ଜଣାଇବା ପାଇଁ ଆଦେଶ କରାଯାଇଥିବା ବେଳେ ଏହାକୁ ଖାତିର କରୁନଥିବାର ଜଣାପଡିଛି । ଓଡାପଡା ତହସିଲଦାର ନିଜର ମନମାନୀ ଚଳାଇଥିବା ବେଳେ ତୁରନ୍ତ ଅଡିଟ କରିବାକୁ ଦାବୀ ହୋଇଛି । କଟକ ବୋର୍ଡ ଅଫ ରେଭିନ୍ୟୁ ତରଫରୁ ଓଡାପଡା ତହସିଲଦାରଙ୍କୁ ସରକାରୀ ଜମିରେ ବେଆଇନ ଖଣି ଏବଂ ଅନୁଷ୍ଠାନ ଉପରେ ଷ୍ଟାଟସ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ହୋଇଥିଲା ।

### ଓଡାପଡା ତହସିଲରେ ମାଳମାଳ ଦୁର୍ନୀତି

ଏହାକୁ ନେଇ ଏଜି ରିପୋର୍ଟ ଆଇଆର-୨୨୦/୨୦୧୪-୨୦୧୫ରେ ମଧ ଗଦାଶିଳା ରାଜସ୍ୱ ନିରୀକ୍ଷକଙ୍କ ଅଧିନରେ ଲଘୁ ଖଣିଜ ଦ୍ରବ୍ୟ ଚୋରୀ ଉପରେ ଉଲ୍ଲେଖ କରାଯାଇଥିଲା। ଓଡାପଡା ତହସିଲ ଅନ୍ତର୍ଗତ ଗଦାଶିଳା, କାଣ୍ଡବିନ୍ଧା, ଇନ୍ଦିପୁର ଅଞ୍ଚଳରେ ପ୍ରାୟ୩୭ଜଣ ମାଙ୍କଡା ପଥର ଚୋରୀ ଉପରେ ଗତ ୨୦୧୬-୨୦୧୮ ମଧ୍ୟରେ ଅଭିଯୋଗ କରିଥିଲେ । କିନ୍ତୁ ସେହି ଏଫ୍ଆଇଆର ବର୍ତ୍ତମାନ ସୁଦ୍ଧା ପଞ୍ଜିକରଣ କରାଯାଇନଥିବା ବେଳେ ଚୋରା କାରବାର ପୂର୍ବଭଳି ଅବାଧରେ ଚାଲୁରହିଛି ।ବଳରାମପୁର ମୌଜାର ପ୍ଲଟ ନମ୍ବର ୪୪୬ରେ ପ୍ରାୟ ୫୭୧ଏକର ସରକାରୀ ଜମି ଏବଂ ଅନ୍ୟାନ୍ୟ ମାଙ୍କଡା ପଥର ଉତ୍ତୋଳନ ଚାଲିଛି । ସଦର ଥାନାରେ ଦିଆଯାଇଥିବା ଏଫ୍ଆଇଆର ଗୁଡିକରେ ଅନେକ ପ୍ଲଟରୁ ବେଆଇନ ଖଣିଜ ସମ୍ପଦ ଉତ୍ତୋଳନର ତଥ୍ୟ ରହିଛି । ଓଡାପଡା ତହସିଲଦାର ମୋଟଙ୍ଗା ଥାନାରେ ଗତ ୨୦୧୯ ମସିହାରେ ଯେଉଁ ୭୭ ଜଣଙ୍କ ନାମରେ ଅଭିଯୋଗ କରିଥିଲେ ସେ ମାମଲା ଆଜିଯାଏ ଟ୍ରାଏଲ ଆରମ୍ଭ ହୋଇନଥିବାର ଜଣାପଡିଛି । ଫଳରେ ଚାର୍ଜସିଟ ଅଦାଲତରେ ପ୍ରଦାନ କରାନଯିବା କାରଣ ଅଡିଟ କରାଗଲେ ଜଣାପଡିବ । ସେହିପରି ଲଘୁ ଖଣିଜଚୋରୀ ଉପରେ ମୋଟଙ୍ଗା ଥାନାରେ ୨୨ଟି ଅଭିଯୋଗ ୨୦୨୪ର ଏଡିଆରଏବଂ ୨୦୨୬ ଜାନୁଆରୀ ମାସରେ ପଞ୍ଜିକରଣ ହୋଇଥିବାର ଜଣାପଡିଛି। ବର୍ତ୍ତମାନ ସୁଦ୍ଧା କୌଣସି ମାମଲା ସମାଧାନ କରାନଯିବା ଯୋଗୁ ଲଘୁ ଖଣିଜ ଚୋରା ଚାଲାଣ ଅବାଧରେ ଚାଲିଥିବା ଅଭିଯୋଗ ହୋଇଛି । ଓଡାପଡା ତହସିଲ ଅଧିନରେ ଥିବା ପ୍ରାୟ ୬୦ରୁ ଅଧିକ କ୍ରସର ମାନଙ୍କର ବାର୍ଷିକ କଞ୍ଚାମାଲ ୟୁଟିଲାଇଜେନସ ଉପରେ ପିସିବି କୌଣସି ତଥ୍ୟପ୍ରଦାନ ନକରିବା ଏବଂ ତଥ୍ୟ ନଦେବା ଯୋଗୁ ତହସିଲଦାର ସିଧାସଳଖ ସହଯୋଗ କରୁଥିବାର ଅଭିଯୋଗ ହେଉଛି। ତହସିଲ ଅଧିନରେ ମାଙ୍କଡାପଥର, ସ୍କଲ, ଚିପିସ ମୂଲ୍ୟ, ରୋଡ ମ୍ୟାଟେରିଆଲର ବଜାର ମୂଲ୍ୟ, ପରିବହନ ଖର୍ଚ୍ଚ ସମ୍ବନ୍ଧରେ ଗତ ୭ବର୍ଷର ଅଡିଟ କରାଗଲେ ଏହା ୩ ହଜାର କୋଟିରୁ ଅଧିକ ହେବ ବୋଲି ଜଣାପଡିଛି ।

## ସମ୍ପାଦକୀୟ



# ଅପରେସନ ସିନ୍ଦୂରକୁ ବର୍ଷେ

ଗତ ବର୍ଷ ୨୦୨୫, ଏପ୍ରିଲ ୨୨ ତାରିଖ ଭାରତୀୟମାନଙ୍କ ପାଇଁ ଏକ ଦୁଃଖଦ ଦିବସ ଥିଲା । କାଶ୍ମୀର ଅର୍ନ୍ତଗତ ପହଲଗାମଠାରେ ପାକିସ୍ତାନର ଆତଙ୍କବାଦୀମାନେ ନୀରିହ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ କ'ଣ ବୋଲି ପଚାରି ଅତର୍କିତ ଭାବେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ । ବନ୍ଧୁକ ଗୁଳିରେ ଟଳି ପଡିଲେ ୨୬ ଜଣ ନୀରିହ ବେସାମରିକ ଲୋକ । ୨୦ ଜଣ ଆହତ ମଧ୍ୟ ହୋଇଥିଲେ । ସୀମାପାରି ଆତଙ୍କବାଦର ଏ ଥିଲା ଏକ ବର୍ବୋରୋଚିତ କାଣ୍ଡ । ଶତ୍ରୁମାନଙ୍କୁ ମଧ୍ୟ ଏପରି କାପୁରୁଷ ଭାବେ ପଛପଟୁ ଆକ୍ରମଣ କରାଯାଏ ନାହିଁ । କିନ୍ତୁ ଧର୍ମାନ୍ଧ ପାକିସ୍ତାନୀ ଆତଙ୍କବାଦୀମାନେ ସେୟା କଲେ । ଏହାର ପରିଣାମ କିନ୍ତୁ ପାକିସ୍ତାନ ପରି ଏକ ଦୁର୍ବଳ ଦେଶକୁ ଭୋଗିବାକୁ ପଡ଼ିଲା । ସେହି ଆକ୍ରମଣରେ ଅନେକ ମହିଳାଙ୍କ ମୁଣ୍ଡରୁ ସିନ୍ଦୂର ଲିଭି ଯାଇଥିଲା । କାରଣ ସେମାନଙ୍କ ପତିମାନଙ୍କୁ ଗୁଳିକରି ମାରି ଦେବାରୁ ସେହି ବିଧବାମାନଙ୍କର କରୁଣ କ୍ରନ୍ଦନର ସ୍ୱର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଚଳିତ କରିଥିଲା । ତେଣୁ ସେ ପାକିସ୍ତାନ ଓ ତାହାର ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେବାକୁ ଆରମ୍ଭ କରିଥିଲେ 'ଅପରେସନ ସିନ୍ଦୂର' ବା 'ସିନ୍ଦୂର ଅଭିଯାନ'– ୨୦୨୫, ମେ ୭ ତାରିଖ ରାତି ୧ଘଣ୍ଟା ୧୫ ମିନିଟରେ । ପ୍ରତିରକ୍ଷା ବାହିନୀର ସମସ୍ତ ଅଧିକାରୀ ଓ ଜବାନଙ୍କୁ ନେଇ କୌଶଳ କ୍ରମେ ଏ ଯେଉଁ ଅଭିଯାନ ଆରମ୍ଭ ହୋଇଥିଲା, ସେଥିରେ ପାକିସ୍ତାନ ଚମକି ପଡ଼ିଥିଲା । ପାକିସ୍ତାନ ଭିତରେ ପଶି ଆମର ଡ୍ରୋନଗୁଡ଼ିକ ଧ୍ୱଂସଲୀଳା ଚଳାଇଥିଲେ, ପାକିସ୍ତାନୀ ଆତଙ୍କବାଦୀ ଓ ସେମାନଙ୍କ ପରିବାରକୁ ନିପାତ କରି ସମୂଳେ ଧ୍ୱଂସ କରି ଦେଇଥିଲେ ଆମର ସୈନ୍ୟବାହିନୀ ।

**'ଅପରେସନ ସିନ୍ଦୂର'ର ଏକ ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରତିରକ୍ଷା ବିଭାଗର ଯବାନ ଓ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ଆତଙ୍କବାଦ ବିରୋଧରେ ସେମାନଙ୍କ ଅଭିଯାନକୁ ପ୍ରଶଂସା କରିଛନ୍ତି । ଭାରତୀୟମାନେ ସେମାନଙ୍କ ସାମାଜିକ ଗଣମାଧ୍ୟମରେ ସମସ୍ତ ପ୍ରତିରକ୍ଷା ବାହିନୀର ସଫଳତାର ଛବି ସ୍ଥାନିତ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି । ଏହା ଏକ ପ୍ରଶଂସନୀୟ ଉଦ୍ୟମ ।**

ଏହି ପହଲଗାମ ଘଟଣାର ଦିନକ ପରେ ଭାରତ ସିନ୍ଧୁ ନଦୀର ପାଣିକୁ ବନ୍ଦ କରିଦେଲା । ପାକିସ୍ତାନର ୮୦ ପ୍ରତିଶତ ଲୋକ ସିନ୍ଧୁ ଜଳ ନପାଇ କଳବଳ ହେଲେ । ପାକିସ୍ତାନରୁ ଆତଙ୍କବାଦୀମାନେ ଆସି ଏପରି ଯେଉଁ ବର୍ବୋରୋଚିତ କାଣ୍ଡ ଭିଆଇଲେ, ତା'ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, 'ଏହି ଆତଙ୍କବାଦୀ କାର୍ଯ୍ୟକଳାପ ଭବିଷ୍ୟତରେ ପାକିସ୍ତାନକୁ ମଧ୍ୟ ଧ୍ୱଂସମୁଖକୁ ଠେଲି ଦେବ । ରକ୍ତ ଓ ଜଳ ଏକ ସଙ୍ଗେ ଯାଇ ପାରିବେ ନାହିଁ ।'

ପ୍ରଥମ ପଦକ୍ଷେପରେ 'ସିନ୍ଧୁ' ନଦୀର ଜଳ ପାକିସ୍ତାନକୁ ବନ୍ଦ କରି ପ୍ରଧାନମନ୍ତ୍ରୀ ପାକିସ୍ତାନକୁ ଠିକଣା ଜବାବ ଦେଇଥିଲେ । ଏହା ବିରୋଧରେ ପାକିସ୍ତାନ ମୁହଁ ଶୁଖାଇ କାନ୍ଦିଲା ସତ, ଭାରତ କିନ୍ତୁ ସିନ୍ଧୁ ନଦୀର ଜଳ ବନ୍ଦ ରଖିଛି ଏ ଯାଏଁ । ହିନ୍ଦୁମାନଙ୍କ ଉପରେ ଏପରି ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ 'ଲସ୍କର ଏ ତୋଇବା' ଓ ତାହାର କେତେକ ସହଯୋଗୀ ଆତଙ୍କବାଦୀ ସଂଗଠନ ସାମିଲ ଥିଲେ । 'ଅପରେସନ ସିନ୍ଦୂର' ଜରିଆରେ ବହୁ ଭାବିଚିନ୍ତି ଭାରତ ପାକିସ୍ତାନର ଆତଙ୍କବାଦୀ ସଂଗଠନ ସ୍ଥଳ ଉପରେ ଅତର୍କିତ ଆକ୍ରମଣ ଚଳାଇଥିଲା । ନଅଗୋଟି ଆତଙ୍କବାଦୀ ସ୍ଥଳ ମଧ୍ୟରୁ ପାଞ୍ଚଟି ପାକିସ୍ତାନରେ ରହିଥିଲା । ଲାହୋରର ବିମାନ ପ୍ରତିରକ୍ଷା କାର୍ଯ୍ୟକୁ ଭାରତର ଅପରେସନ ସିନ୍ଦୂର ଅଚଳ କରି ପକାଇଥିଲା । ପାକିସ୍ତାନର ୯ ବିମାନ ପ୍ରତିରକ୍ଷା ନିରାପତ୍ତା କାରବାର ପୁରାପୁରି ଦୁର୍ବଳ ହୋଇ ପଡ଼ିଥିଲା । ଭାରତର ପ୍ରତିରକ୍ଷା ଆକାଶବାହିନୀ ପାକିସ୍ତାନର ଡ୍ରୋନ ଆକ୍ରମଣକୁ ମଧ୍ୟ ପଣ୍ଡ କରି ପାରିଥିଲା ।

'ଅପରେସନ ସିନ୍ଦୂର'ର ଏକ ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରତିରକ୍ଷା ବିଭାଗର ଯବାନ ଓ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ଆତଙ୍କବାଦ ବିରୋଧରେ ସେମାନଙ୍କ ଅଭିଯାନକୁ ପ୍ରଶଂସା କରିଛନ୍ତି । ଭାରତୀୟମାନେ ସେମାନଙ୍କ ସାମାଜିକ ଗଣମାଧ୍ୟମରେ ସମସ୍ତ ପ୍ରତିରକ୍ଷା ବାହିନୀର ସଫଳତାର ଛବି ସ୍ଥାନିତ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି । ଏହା ଏକ ପ୍ରଶଂସନୀୟ ଉଦ୍ୟମ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

### ଭ୍ରମ ସଂଶୋଧନ

ତା ୦୭/୦୫/୨୦୨୬ (ମଙ୍ଗଳବାର) ସମୟରେ ପ୍ରକାଶିତ ସମ୍ପାଦକୀୟରେ 'ଦୁଃଖ ଓ ଦୁର୍ଭାଗ୍ୟର କଥା, ଗତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀ ତ ହାରିଲେ, ତାଙ୍କର ତୃଣମୂଳ କଂଗ୍ରେସ ଦଳ ମଧ୍ୟ ସରକାର ଗଢ଼ି ପାରିଲା ନାହିଁ ।, ଏହା ପରିବର୍ତ୍ତେ 'ହୋଇ' ଶବ୍ଦଟି ଯୋଡି ହୋଇ ପ୍ରକାଶ ପାଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

(ମୁଖ୍ୟ ସମ୍ପାଦକ)

# ସୋମନାଥ ଓ ଭାରତର ଅଦମ୍ୟ ଇଚ୍ଛାଶକ୍ତି!



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ
ଅଧ୍ୟକ୍ଷ, ଶ୍ରୀ ସୋମନାଥ ଟ୍ରଷ୍ଟ

୨୦୨୬ର ପ୍ରାରମ୍ଭରେ ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣର ଏକ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବରେ ଯୋଗ ଦେବା ଲାଗି ମୁଁ ସୋମନାଥ ଯାଇଥିଲି। ଭାରତର ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସୋମନାଥ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଉଦଘାଟନ ହେବାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ମେ ୧୧ ତାରିଖରେ ମୁଁ ପୁଣିଥରେ ସୋମନାଥ ଯିବି । ଛଅ ମାସରୁ କମ ସମୟ ମଧ୍ୟରେ, ଭଗ୍ନାବଶେଷରୁ ପୁନରୁଦ୍ଧାର ତଥା ବିଧ୍ୱଂସରୁ ସୃଜନ ପର୍ଯ୍ୟନ୍ତ ସୋମନାଥ ମନ୍ଦିରର ଯାତ୍ରା ସହ ଜଡ଼ିତ ଦୁଇଟି ଐତିହାସିକ ଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେବା ମୋ ପାଇଁ ସୌଭାଗ୍ୟର ବିଷୟ। ସୋମନାଥ ଆମକୁ ଏକ ସଭ୍ୟତାଗତ ବାର୍ତ୍ତା ଦେଇଥାଏ । ଏହା ନିକଟରେ ଥିବା ବିଶାଳ ସାଗର କାଳଜୟୀ ଭାବନା ଜାଗ୍ରତ କରିଥାଏ। ଯେତେ ବଡ଼ ଝଡ଼ ଝଞ୍ଜା ଆସୁ, କିମ୍ବା ଜୁଆର ଓ ଭଟ୍ଟାର ପ୍ରକୋପ, ଯେ କେହି ଦୃଢ଼ ଇଚ୍ଛାଶକ୍ତି ଏବଂ ସମ୍ମାନର ସହ ପୁଣିଥରେ ମୁଣ୍ଡ ଟେକିପାରିବ ଅଥଳ ସାଗରର ଲହଡ଼ି ଆମକୁ ଏହି ବାର୍ତ୍ତା ଦେଇଥାଏ। ଲହଡ଼ି କୂଳକୁ ଲେଉଟି ଆସେ, ଯେମିତି ଏହା ସ୍ମରଣ କରାଇ ଦିଏ ଯେ ଲୋକମାନଙ୍କର ଭାବନାକୁ ବେଶୀ ଦିନ ପର୍ଯ୍ୟନ୍ତ ଚାପି ରଖିହେବ ନାହିଁ। ଆମର ପ୍ରାଚୀନ ଶାସ୍ତ୍ରରେ କୁହାଯାଇଛି: ପ୍ରଭାସଂଚ ପରିକ୍ରମ୍ୟ ପୃଥିବୀ କ୍ରମ ସମ୍ଭବମ୍ ଅର୍ଥାତ ଦିବ୍ୟ ପ୍ରଭାସ (ସୋମନାଥ)କୁ ଥରେ ପ୍ରଦକ୍ଷୀଣ କରିବା ସାରା ପୃଥିବୀର ପ୍ରଦକ୍ଷୀଣ ସହ ସମାନ । ଯେଉଁ ଲୋକମାନେ ଏଠାକୁ ଦର୍ଶନ ଲାଗି ଆସିଥା'ନ୍ତି ସେମାନେ ଏପରି ଏକ ଅସାଧାରଣ ସଭ୍ୟତାର ନିରନ୍ତରତାକୁ ଅନୁଭବ କରିଥା'ନ୍ତି ଯାହାର ଜ୍ୟୋତି କେବେ ଲିଭିବ ନାହିଁ । ଅନେକ ସାମ୍ରାଜ୍ୟ ଗିଡି ଉଠିଛି ଏବଂ ନଷ୍ଟ ହୋଇଯାଇଛି, ସମୟର ଚକ୍ର ବଦଳିଛି, ଇତିହାସ ବିଜୟ ଓ ଅସ୍ଥିରତାର ପର୍ଯ୍ୟାୟ ଦେଇ ଗତି କରିଛି, ତଥାପି ସୋମନାଥ ଆମ ଚେତନାରେ ନିରନ୍ତର ଉଜ୍ଜୀବିତ ରହିଛି ।


ଏବେ ସେହି ଅଗଣିତ ମହାପୁରୁଷମାନଙ୍କୁ ସ୍ମରଣ କରିବାର ସମୟ ଆସିଛି, ଯେଉଁମାନେ ଦୃଢ଼ତାର ସହ ଅତ୍ୟାଚାରର ମୁକାବିଲା କରିଛନ୍ତି । ଏମାନଙ୍କ ମଧ୍ୟରେ ଲକୁଲିଶ ଏବଂ ସୋମ ଶର୍ମନ୍ ସାମିଲ ଅଛନ୍ତି, ଯେଉଁମାନେ ପ୍ରଭାସକୁ ଦର୍ଶନ ଶାସ୍ତ୍ରର ମହାନ କେନ୍ଦ୍ରରେ ପରିଣତ କରିଥିଲେ । ଶହ ଶହ ବର୍ଷ ପୂର୍ବେ ବଲ୍ଲଭୀର ଚକ୍ରବର୍ତ୍ତୀ ମହାରାଜା ଧରସେନ ଚତୁର୍ଥ ସେଠାରେ ଦ୍ୱିତୀୟ ମନ୍ଦିର ନିର୍ମାଣ କରିଥିଲେ। ଆକ୍ରମଣକାରୀଙ୍କ ବିରୋଧରେ ସଭ୍ୟତାଗତ ସମ୍ମାନକୁ ସୁରକ୍ଷା ଦେଇଥିବା ଭୀମ ଦେବ, ଜୟ ପାଳ ଏବଂ ଆନନ୍ଦ ପାଳ ସବୁବେଳେ ସ୍ମରଣୀୟ ହୋଇ ରହିବେ । ରାଜା ଭୋଜ ମଧ୍ୟ ପୁନଃନିର୍ମାଣରେ ସହଯୋଗ କରିଥିବା କୁହାଯାଏ । ଗୁଜରାଟର ରାଜନୈତିକ ଏବଂ ସାଂସ୍କୃତିକ ସାମର୍ଥ୍ୟକୁ ପୁନରୁଦ୍ଧାର କରିବାରେ କର୍ଣ୍ଣ ଦେବ ଏବଂ ସିଦ୍ଧରାଜ ଜୟସିଂହ ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଭବ ବୃହସ୍ପତି, କୁମାରପାଳ ସୋଲାଙ୍କି ଏବଂ ପଶୁପତ ଆଚାର୍ଯ୍ୟ ଏହି ପୀଠକୁ ପୂଜା ଓ ଅଧ୍ୟୟନର ଏକ ମହାନ କେନ୍ଦ୍ର ରୂପେ ପୁନଃନିର୍ମାଣ ଏବଂ ସଂରକ୍ଷଣ କରିଥିଲେ। ବିଶାଳଦେବ ୱାଘେଲା ଏବଂ ତ୍ରିପୁରାନ୍ତକ ଏହାର ବୌଦ୍ଧିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ସୁରକ୍ଷା ଦେଇଥିଲେ । ବିଧ୍ୱଂସ ପରେ ଏଠାରେ ପୂଜାକାର୍ଯ୍ୟର ପୁନରୁଦ୍ଧାର କରିବାରେ ମହିପାଳଦେବ ଏବଂ ରା' ଖାଙ୍ଗାର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ବର୍ତ୍ତମାନ ପୁଣ୍ୟଶ୍ଳୋକ ଅହିଲ୍ୟାବାଈ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଛି । ସେମାନେ ସବୁଠୁ କଠିନ ପରିସ୍ଥିତିରେ ଏଠାରେ ନିରନ୍ତର ପୂଜାର୍ଚ୍ଚନା ସୁନିଶ୍ଚିତ କରିଥିଲେ। ବରୋଦାର ଗାଏକୱାଡମାନେ ତୀର୍ଥଯାତ୍ରୀଙ୍କ ଅଧିକାରକୁ ସୁରକ୍ଷା ଦେଇଥିଲେ। ଆହୁରି ନିଃସନ୍ଦେହରେ, ଆମ ମାଟି ବୀର ହମିରଜୀ ଗୋହିଲ ଏବଂ ବୀର ବେଗଡ଼ାଜୀ ଭୀଲଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ପାଇ ଧନ୍ୟ ହୋଇଛି । ଏମାନଙ୍କର ବଳିଦାନ ଓ ସାହସ ସୋମନାଥର ଜୀବନ୍ତ ସ୍ମୃତିରେ ଏକ ଅଭିନ୍ନ ଅଙ୍ଗ ଭାବେ ଉଜ୍ଜୀବିତ ହୋଇ ରହିଛି। ୧୯୪୦ ଦଶକରେ, ସମଗ୍ର ଭାରତରେ ସ୍ୱାଧୀନତାର ଉତ୍ସାହ ବ୍ୟାପିଥିବା ବେଳେ ସର୍ଦ୍ଦାର ପଟେଲଙ୍କ ଭଳି ମହାପୁରୁଷଙ୍କ ନେତୃତ୍ୱରେ ଏକ ନୂତନ ଗଣରାଜ୍ୟର ମୂଳଦୁଆ ପ୍ରତିଷ୍ଠା ହେଉଥିଲା। ତେବେ ଗୋଟିଏ କଥା ସର୍ଦ୍ଦାର ପଟେଲଙ୍କୁ ଗଭୀର ଭାବରେ ବିଚଳିତ କରିଚାଲିଥିଲା... ସୋମନାଥର ଅବସ୍ଥା। ୧୩ ନଭେମ୍ବର ୧୯୪୭, ଦୀପାବଳି ସମୟରେ, ସେ ଆଞ୍ଜୁଳିରେ ସମୁଦ୍ର ଜଳ ଧରି ମନ୍ଦିରର ଜରାଜୀର୍ଣ୍ଣ ଧ୍ୱଂସାବଶେଷ ପାଖରେ ଠିଆ ହୋଇ କହିଥିଲେ, ''(ଗୁଜରାଟୀ) ନୂତନ ବର୍ଷର ଏହି ପବିତ୍ର ଦିନରେ, ଆମେ ନିଷ୍ପତ୍ତି ନେଇଛୁ ଯେ ସୋମନାଥର ପୁନଃନିର୍ମାଣ କରାଯିବା ଉଚିତ । ଆପଣମାନେ, ସୌରାଷ୍ଟ୍ରର ସବୁ ଲୋକ ଏଥିପାଇଁ ଆପଣଙ୍କର ସର୍ବୋତ୍ତମ ପ୍ରୟାସ କରିବା ଉଚିତ। ଏହା ଏକ ପବିତ୍ର କାର୍ଯ୍ୟ ଯେଉଁଥିରେ ସମସ୍ତେ ଅଂଶଗ୍ରହଣ କରିବା ଉଚିତ ।'' ସର୍ଦ୍ଦାର ପଟେଲଙ୍କ ଏହି ସ୍ପଷ୍ଟ ଆହ୍ୱାନର କେବଳ ଗୁଜରାଟ ଲୋକମାନେ ନୁହନ୍ତି, ବରଂ ସମଗ୍ର ଭାରତର ଲୋକମାନେ ଉତ୍ସାହର ସହିତ ପ୍ରତିକ୍ରିୟା ଦେଇଥିଲେ। ଦୁଃଖର ବିଷୟ, ସର୍ଦ୍ଦାର ପଟେଲ ଯେଉଁ ସ୍ୱପ୍ନକୁ ପୂରଣ କରିବା ଲାଗି ଏତେ ଉତ୍ସାହର ସହିତ ପ୍ରୟାସ କରିଥିଲେ ଭାଗ୍ୟ ତାଙ୍କୁ ସେହି ସ୍ୱପ୍ନକୁ ସାକାର ହେବାର ଦେଖିବାକୁ ଦେଇନଥିଲା । ପୁନରୁଦ୍ଧାର ହୋଇଥିବା ସୋମନାଥ ମନ୍ଦିରର ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲିବା ପୂର୍ବରୁ ସେ ଏହି ଦୁନିଆ ଛାଡି ଚାଲିଯାଇଥିଲେ। ତଥାପି, ପ୍ରଭାସ ପାଟନର ପବିତ୍ର ତଟରେ ତାଙ୍କର ପ୍ରଭାବ ଅନୁଭୂତ ହୋଇଥିଲା । ତାଙ୍କର ଦୃଷ୍ଟିକୋଣକୁ ଶ୍ରୀ କେ.ଏମ୍. ମୁନସି ଆଗକୁ ବାଇଥିଲେ ଏବଂ ନୱାନଗରର ଜାମସାହେବ ସମର୍ଥନ କରିଥିଲେ । ୧୯୫୧ ମସିହାରେ, ଯେତେବେଳେ ମନ୍ଦିର ନିର୍ମାଣ ସମାପ୍ତ ହେଲା, ସେତେବେଳେ ଭାରତର ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ଉଦଘାଟନୀ ସମାରୋହ ପାଇଁ ଡକାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ କଡ଼ା ବିରୋଧ ସତ୍ତ୍ୱେ ଡକ୍ଟର ପ୍ରସାଦ ଏହି ସମାରୋହରେ ଯୋଗ ଦେଇଥିଲେ, ଯାହା ଏହାକୁ ଆହୁରି ସ୍ୱତନ୍ତ୍ର ଏବଂ ଐତିହାସିକ କରିଥିଲା। ୨୦୦୧ ଅକ୍ଟୋବର କଥା ମୋର ମନେ ପଡୁଛି । ମୁଁ ନୂଆ କରି ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥାଏ । ୩୧ ଅକ୍ଟୋବର ୨୦୦୧ରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଗୁଜରାଟ ସରକାର ସୋମନାଥ ମନ୍ଦିର ଖୋଲିବାର ୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରିବାର ଗୌରବ ହାସଲ କରିଥିଲେ। ଏହା ମଧ୍ୟ ସର୍ଦ୍ଦାର ପଟେଲଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ସହିତ ଏକକାଳୀନ ଭାବେ ଆୟୋଜନ କରାଯାଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଲାଲକୃଷ୍ଣ ଆଡଭାନୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତୁଟ ଆସ୍ଥା ଏବଂ ପ୍ରେମ ଥିବା କୌଣସି ଜିନିଷକୁ କେବେ ଧ୍ୱଂସ କରାଯାଇ ପାରିବ ନାହିଁ ବୋଲି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୧୧ ମେ ୧୯୫୧ରେ ଦେଇଥିବା ତାଙ୍କ ଭାଷଣରେ କହିଥିଲେ । ଏହି ମନ୍ଦିର ଲୋକଙ୍କ ହୃଦୟରେ ବଞ୍ଚି ରହିବା ନେଇ ସେ ବିଶ୍ୱାସ ପ୍ରକଟ କରିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ ମନ୍ଦିରର ପୁନରୁଦ୍ଧାର ସର୍ଦ୍ଦାର ପଟେଲଙ୍କ ସ୍ୱପ୍ନ ପୂରଣ କଲା, କିନ୍ତୁ ସେହି ଭାବନାକୁ ଆଗକୁ ନେଇ, ଆମେ ଲୋକଙ୍କ ଜୀବନରେ ସମୃଦ୍ଧି ଫେରାଇ ଆଣିବା ଗୁରୁତ୍ୱପୂର୍ଣ୍ଣ। ସେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ।

ଆମେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଏହି ମାର୍ଗରେ ଚାଲୁଛୁ । ''ବିକାଶ ଭି, ବୀରାସ୍ ଭି'' (ବିକାଶ ସହ ଐତିହ୍ୟର ସଂରକ୍ଷଣ) ନୀତି ଦ୍ୱାରା ଅନୁପ୍ରାଣିତ ହୋଇ, ସୋମନାଥରୁ କାଶୀ, କାମାକ୍ଷାରୁ କେଦାରନାଥ, ଅଯୋଧ୍ୟାରୁ ଉଜ୍ଜୟିନୀ, ତ୍ରୟମ୍ବକେଶ୍ୱରରୁ ଶ୍ରୀଶୈଳମ ପର୍ଯ୍ୟନ୍ତ, ଆମର ଦଳ ଆମ ଆଧ୍ୟାତ୍ମିକ କେନ୍ଦ୍ରଗୁଡ଼ିକୁ ସବୁଠୁ ନୂଆ ସୁବିଧାରେ ସଜ୍ଜିତ କରିବାର ସୁଯୋଗ ପାଇଛି। ଏଥିସହିତ ସେଗୁଡ଼ିକର ପାରମ୍ପରିକ ଚରିତ୍ରକୁ ସଂରକ୍ଷଣ କରିପାରିଛି। ମୁଁ ଏହାକୁ ମୋର ସୌଭାଗ୍ୟ ବୋଲି ମନେ କରୁଛି । ଯୋଗାଯୋଗ ବ୍ୟବସ୍ଥାର ଉନ୍ନତିକରଣ ସହିତ, ଅଧିକରୁ ଅଧିକ ଲୋକ ଯେପରି ଏସବୁ ସ୍ଥାନ ପରିଦର୍ଶନ କରିପାରିବେ ତାହା ସୁନିଶ୍ଚିତ କରାଯାଉଛି । ଏହା ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧି ଆଣିବା ସହିତ ଜୀବିକା ସୁରକ୍ଷା ଦେଉଛି ଏବଂ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ଗଭୀର କରୁଛି । ସୋମନାଥକୁ ସୁରକ୍ଷା ଦେବା ପାଇଁ ନିଜର ଜୀବନ ବଳି ଦେଇଥିବା ଏବଂ ଏହାକୁ ବାରମ୍ବାର ପୁନଃନିର୍ମାଣ କରିଥିବା ଲୋକଙ୍କ ସଂଘର୍ଷ ଏବଂ ଅବଦାନ କେବେ ଭୁଲିହେବ ନାହିଁ । ଭାରତର ବିଭିନ୍ନ କୋଣରୁ ଅଗଣିତ ବ୍ୟକ୍ତି ଏହାର ଗୌରବ ପୁନଃପ୍ରତିଷ୍ଠା କରିବାରେ ଅବଦାନ ଦେଇଥିଲେ। ସେମାନେ ଭାରତର ପ୍ରତ୍ୟେକ ଅଂଶକୁ ପବିତ୍ର ମନେ କରିଥିଲେ। ଭୌଗଳିକ ସୀମା ଅତିକ୍ରମ କରି ଏକତାର ଭାବନାରେ ସମ୍ମିଳିତ ହୋଇଥିଲେ। ପ୍ରାୟତଃ ବିଭାଜନ ଦ୍ୱାରା ଚିହ୍ନିତ ବିଶ୍ୱରେ, ଏକତାର ଏହି ଭାବନା ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ ହୋଇଛି । ସୋମନାଥ ଏହାର ସମସ୍ତ ଗୌରବକୁ ଅକ୍ଷୁର୍ଣ୍ଣ ରଖିବ କାରଣ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଏକତା ଏବଂ ସହଭାଗୀ ସଭ୍ୟତାଗତ ଚେତନା ଜୀବିତ ରହିଛି । ଏଥିପ୍ରତି ସମ୍ମାନ ଜଣାଇ ତଥା ହଜାର ବର୍ଷର ଅସାଧାରଣ ସାହସକୁ ସ୍ମରଣ କରି ଆଗାମୀ ୧ ହଜାର ଦିନ ପାଇଁ ସୋମନାଥରେ ସ୍ୱତନ୍ତ୍ର ପୂଜା ହେବ। ଏହି ପୂଜା ପାଇଁ ଅନେକ ଲୋକ ଦାନ କରୁଥିବା ଦେଖି ଖୁସି ଲାଗୁଛି । ଏହି ବିଶେଷ ସମୟରେ ସୋମନାଥ ଯାତ୍ରା କରିବାକୁ ମୁଁ ମୋର ପ୍ରିୟ ସବୁ ଭାରତୀୟଙ୍କୁ ଅନୁରୋଧ କରୁଛି। ଯେତେବେଳେ ଆପଣ ସୋମନାଥ କୂଳରେ ଠିଆ ହେଉଛନ୍ତି, ଏହାର ପ୍ରାଚୀନ ପ୍ରତିଧ୍ୱନିକୁ ଶୁଣନ୍ତୁ। ଆପଣ କେବଳ ଭକ୍ତିରେ ଅଭିଭୂତ ହେବେ ନାହିଁ ବରଂ ଏକ ସଭ୍ୟତାଗତ ଭାବନାର ଦୃଢ଼ ସ୍ପନ୍ଦନ ମଧ୍ୟ ଅନୁଭବ କରିବେ ଯାହା କେବେ ମଳିନ ହୋଇନାହିଁ, ଯାହା ଅଖଣ୍ଡ ଏବଂ ଅଟଳ । ଆପଣ ଭାରତର ଅଦମ୍ୟ ଇଚ୍ଛାଶକ୍ତିକୁ ଅନୁଭବ କରିପାରିବେ ଏବଂ ବୁଝିପାରିବେ ଯେ, ଶତ ଚେଷ୍ଟା ସତ୍ତ୍ୱେ ଆମର ସଂସ୍କୃତି କାହିଁକି ଅପରାଜିତ ରହିଛି । ଆପଣ ଅନନ୍ତ ବିଜୟକୁ ଅନୁଭବ କରିବାର ମଧ୍ୟ ସୁଯୋଗ ପାଇବେ । ଏହା ନିଶ୍ଚିତ ଭାବରେ ଆପଣଙ୍କ ପାଇଁ ଅବିସ୍ମରଣୀୟ ହେବ ।

**ଜୟ ସୋମନାଥ**

***

# ଓଡ଼ିଆ ସ୍ୱାଭିମାନର ରୂପକାର ରଜତ କର



**ଅନନ୍ତ ଗୋପାଳ ପଣ୍ଡା**

ଜଣଦେବତାରୁ ଗଣଦେବତା, ରାଷ୍ଟ୍ରଦେବତାରୁ ବିଶ୍ୱଦେବତା ଭାବେ ସମଗ୍ର ବିଶ୍ୱରେ ନିଜର ମହିମାକୁ ପରିବ୍ୟାପ୍ତ କରିଥିବା ସୁର ନର ବନ୍ଦିତ, ଭକ୍ତ ହୃଦ ସ୍ପନ୍ଦିତ କୋଟି କୈବଲ୍ୟନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଉପାସକ ତଥା ଓଡ଼ିଆମାନଙ୍କର ଅନ୍ୟତମ ଗର୍ବ ଓ ଗୌରବ ରୂପେ ଅଭିହିତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଗବେଷକ ଭାବେ ଆଧ୍ୟାତ୍ମିକ,ସାଂସ୍କୃତିକ ପରିମଣ୍ଡଳରେ ନିଜକୁ ପ୍ରତିଷ୍ଠିତ କରି ପାରିଥିବା ବ୍ୟକ୍ତିତ୍ୱ ଥିଲେ ରଜତ କୁମାର କର (ପଦ୍ମଶ୍ରୀ) । ଅବିଭକ୍ତ ସାଲେପୁର ଅନ୍ତର୍ଗତ ମାହାଙ୍ଗା ମାଟିରେ ୧୯୩୩ ମସିହା ସେପ୍ଟେମ୍ବର ମାସ ୨ ତାରିଖ ପବିତ୍ର ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ପିତା କୁଳମଣି କର ଓ ମାତା ଇନ୍ଦୁମତୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ରଜତ କୁମାର । ପିତାମାତାଙ୍କ ପୁଣ୍ୟ ତଥା ଈଶ୍ୱରଙ୍କ କୃପାପ୍ରାପ୍ତ ବାଳକ ରଜତ ଅସାଧାରଣ ବିଦ୍‌ବତ୍ତାର ଅଧିକାରୀ ହେଲେ । ଅର୍ଥନୀତି ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତହୋଇ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ ରୂପେ ଅବସ୍ଥାପିତ ହୋଇଥିଲେ । ତାଙ୍କର କର୍ମମୟ ଜୀବନ ଥିଲା ଆଦର୍ଶରେ ପରିପୂର୍ଣ୍ଣ ।


ସ୍ୱର୍ଗତଃ କରଙ୍କ ବୃତ୍ତି ଓ ପ୍ରବୃତ୍ତି ଥିଲା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଗୋଟିଏ ପକ୍ଷରେ ବୃତ୍ତିରେ ନିଷ୍ଠା ପ୍ରଦର୍ଶନ ସହିତ ପ୍ରବୃତ୍ତି ସାହିତ୍ୟ ସାଧନା ଏବଂ ସଂସ୍କୃତି ଉପାସନାକୁ ସେ ଗୁରୁତ୍ୱ ଦେଉଥିଲେ । ଠାକୁର ଶ୍ରୀଅନୁକୂଳଚନ୍ଦ୍ରଙ୍କ ଧର୍ମଦ୍ୱାରା ଦୀକ୍ଷିତ ହୋଇଥିଲେ ମଧ୍ୟ ଓଡ଼ିଆ ଅସ୍ମିତାର ପ୍ରତୀକ ବିଶ୍ୱବନ୍ଦିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମାଙ୍କୁ ପ୍ରଖ୍ୟାପିତ କରିବାପାଇଁ ତାଙ୍କର ଜୀବନ ଉତ୍ସର୍ଗୀକୃତ ଥିଲା । ୧୯୫୯ ମସିହାରୁ ଆକାଶବାଣୀ କଟକ ଏବଂ ପରେ ଦୂରଦର୍ଶନ ମାଧ୍ୟମରେ ନୀଳାଦ୍ରିନାଥଙ୍କ ଘୋଷଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରଦାନ ସମୟରେ ତାଙ୍କର ଭକ୍ତି ସମ୍ବଳିତ,ତତ୍ତ୍ୱ ଆଧାରିତ ବକ୍ତବ୍ୟ ଉପସ୍ଥାପନ ଶ୍ରୋତାମାନଙ୍କ ହୃଦୟ କନ୍ଦରରେ ସୃଷ୍ଟି କରୁଥିଲା ଭକ୍ତିର ମନ୍ଦାକିନୀ ।

ସଭାସମିତିରେ ତାଙ୍କ ଦ୍ୱାରା ପ୍ରଦତ୍ତ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ତଥ୍ୟ ଆଧାରିତ ଅଭିଭାଷଣ ଶୁଣି ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହେଉଥିଲେ । ତାଙ୍କ ଲେଖନୀ ନିଃସୃତ ଅନେକ ପ୍ରବନ୍ଧ, ନାଟକ ଏବଂ ଭକ୍ତିଗୀତ ମୁଖ୍ୟତଃ ଥିଲା ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ । ଅକାଶବାଣୀ କଟକ କେନ୍ଦ୍ରରୁ ପ୍ରଚାରିତ ନାଟକ, ବାଇଶି ପାହାଚକୁ ଯେ ଶୁଣିଛି ସେ ହିଁ ଅନୁଭବ କରିପାରିବ ତାଙ୍କର ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଥିବା ସମର୍ପିତ ମନୋଭାବ । ତାଙ୍କ ଜୀବନ ପ୍ରଦୀପ ନିର୍ବାପିତ ହେବା ପୂର୍ବରୁ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଅଭିନୀତ ତାଙ୍କ ରଚିତ ନାଟକ 'ନିଷିଦ୍ଧ ନୀଳାଚଳ' ଦର୍ଶକମାନଙ୍କ ଚକ୍ଷୁଯୁଗଳକୁ ଆର୍ଦ୍ର କରିବା ସହିତ ହୃଦୟର ବୀଣାରେ ତୋଳୁ ଥିଲା କାରୁଣ୍ୟର ମୂର୍ଚ୍ଛନା । ଆକାଶବାଣୀ କଟକ କେନ୍ଦ୍ର ନାଟକ ବିଭାଗର ପ୍ରଥମଶ୍ରେଣୀ କଳାକାର ଭାବରେ ତାଙ୍କର ସଂଳାପ ଉପସ୍ଥାପନର ଶୈଳୀ ଶ୍ରୋତାମାନଙ୍କୁ ବିମୋହିତ କରୁଥିଲା । ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ ଗୀତିକାର ଭାବରେ ତାଙ୍କ ରଚିତ ଅନେକ ଭଜନର ପଦମାନ ଆଜି ମଧ୍ୟ ବକ୍ତା ତଥା ଘୋଷକମାନଙ୍କ କଣ୍ଠରୁ ବାରମ୍ବାର ହେଉଛି ନିଃସୃତ । ଯଥା–

'ଲକ୍ଷେ ଜଳଧିର ଜଳରେ ନ ତିନ୍ତେ ଯା'ର ମହାକଳେବର,ଗୋଟାଏ ଭକତ ଦୁଇଟୋପା ଲୁହେ ହୁଏ ଓଦା ସରସର ।'

ସ୍ୱର୍ଗତଃ କର ଥିଲେ ଭଞ୍ଜ ସାହିତ୍ୟର ଗବେଷକ ତଥା ପ୍ରଚାରକ । ସଂସ୍କୃତି ପୁରୁଷ ବିଚ୍ଛନ୍ଦଚରଣଙ୍କ ପଟ୍ଟଶିଷ୍ୟ ଭାବରେ କଟକରେ ଭଞ୍ଜଙ୍କ ସ୍ମୃତିରେ ଗଠିତ କଳିଙ୍ଗ ଭାରତୀର ସଭାପତି ପଦ ମଣ୍ଡନ ସହିତ, ଯମକ, ଅନୁପ୍ରାସ ଆଧାରରେ ରଚିତ ଏବଂ ଶବ୍ଦ ସମ୍ଭାରରେ ବିମଣ୍ଡିତ ଭଞ୍ଜଙ୍କ ସୃଷ୍ଟ କାବ୍ୟମାନଙ୍କୁ ସାଧାରଣ ଜନତାଙ୍କ ନିକଟରେ ବୋଧଗମ୍ୟ କରିବା ନିମନ୍ତେ ତାଙ୍କର ପ୍ରଚେଷ୍ଟା ଜାରି ରହିଥିଲା ଜୀବନ ନାଟକର ଯବନିକା ପତନ ପର୍ଯ୍ୟନ୍ତ । ତାଙ୍କ ଉଦ୍ୟମର ଫଳ ସ୍ୱରୂପ ଦୂରଦର୍ଶନରେ 'ବୈଦେହୀଶ ବିଳାସ'ର ପ୍ରସାରଣ ହୋଇଥିଲା । ପ୍ରତି ପଦର ବାଖ୍ୟା ସେ ନିଜେ ସରଳ ଓ ସାବଲୀଳ ଭାବରେ ଉପସ୍ଥାପନ କରି ଶ୍ରୋତାମାନଙ୍କ ମନକୁ ବିମୋହିତ କରୁଥିଲେ ।

ଓଡ଼ିଶାର ଜନଜୀବନରେ ଲୋକକଳା ଭାବେ ଅତୀତରେ ପ୍ରଭାବ ବିସ୍ତାର କରିଥିବା ପାଲା ସଂସ୍କୃତିକୁ ଉଜ୍ଜୀବିତ କରିବା ନିମନ୍ତେ ସେ ନିଖିଳୋତ୍କଳ ପାଲାସଂଘର ସଭାପତି ପଦ ମଣ୍ଡନ କରିବା ସହିତ ଟିଭି ଚ୍ୟାନେଲରେ ପ୍ରସାରିତ ବାଦୀପାଲା ମଞ୍ଚ କାର୍ଯ୍ୟକ୍ରମର ସେ ଉପସ୍ଥାପକ ତଥା ସମୀକ୍ଷକ ଥିଲେ । ତାଙ୍କର ଉଚ୍ଚକୋଟୀର ସମୀକ୍ଷା ପାଲା କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ଦର୍ଶକମାନଙ୍କୁ ଆମୋଦିତ କରୁଥିଲା ।



ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବରେ ସେ ଥିଲେ ଓଡିଆ ସାହିତ୍ୟର ଜଣେ ପ୍ରଜ୍ଞାଦୀପ୍ତ ପୁରୁଷ । ତାଙ୍କ ଲେଖନୀ ନିଃସୃତ ଜନଜୀବନରେ ଜଗନ୍ନାଥ, ଅନ୍ଧପୁଟୁଳି, ଚନ୍ଦନ ହଜୁରୀ, ଜଣାଣ ଜଣାଉଛି ଜଗନ୍ନାଥଙ୍କୁ, ଜନମାନସରେ ଭଞ୍ଜ, ଭକ୍ତ ଭଜଇ ଭଗବାନ, ବାଇଶି ପାହାଚ, ବୀର ଚାଖି ଖୁଣ୍ଟିଆ, ସୁରେନ୍ଦ୍ର ସାଏ, କବି ସମ୍ରାଟ ଆଦି ଅନେକ ସାରସ୍ୱତ କୃତି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି । ତାଙ୍କର ଅସାଧାରଣ ପ୍ରତିଭାକୁ ସମ୍ମାନ ଜଣାଇ ଭାରତ ସରକାର ତାଙ୍କୁ ୨୦୨୧ ମସିହାରେ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରିଥିଲେ ।

ଏହିପରି ଜଣେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସକ, ଭଞ୍ଜସାହିତ୍ୟର ଗବେଷକ, ବିଶିଷ୍ଟ ଶିକ୍ଷାବିତ୍, ସ୍ୱନାମଧନ୍ୟ ନାଟ୍ୟକାର, ସୁସାହିତ୍ୟିକ, ଅନନ୍ୟ ସୃଜନଶୀଳ ବ୍ୟକ୍ତିତ୍ୱ, ଶାସ୍ତ୍ରବିତ୍, ସୁବକ୍ତା, ତତ୍ତ୍ୱଦର୍ଶୀ ତଥା ଓଡ଼ିଆ ସାଂସ୍କୃତିକ ଆକାଶର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ସାହିତ୍ୟ, ସଂସ୍କୃତି, ଲୋକକଳା ପ୍ରେମୀମାନଙ୍କୁ ଶୋକସାଗରରେ ଭସାଇ ୨୦୨୨ ମସିହା ମେ ମାସ ୮ତାରିଖରେ ପଞ୍ଚମହାଭୂତରେ ବିଲୀନ ହୋଇଥିଲେ ।

ଆଜି ଆମ ଗହଣରେ ଉତ୍କଳ ଜନନୀର ବରପୁତ୍ର, ଯଶସ୍ୱୀ ବାଗ୍ମୀପ୍ରବର, ଡଃ ରଜତ କର ରକ୍ତ ମାଂସ ଶରୀରରେ ନାହାଁନ୍ତି ସତ କିନ୍ତୁ ତାଙ୍କ କୃତି ଏବଂ କୀର୍ତ୍ତି ଓଡ଼ିଶାବାସୀଙ୍କ ମାନସପଟରେ ଅମ୍ଳାନ ସ୍ମୃତି ହୋଇ ରହିଥିବ ଚିରଦିନ ପାଇଁ ।

ଯେତେଦିନ ପର୍ଯ୍ୟନ୍ତ କଳିଙ୍ଗ ଭାରତୀ ଆନୁକୂଲ୍ୟରେ ଭଞ୍ଜ ଜୟନ୍ତୀ ଅନୁଷ୍ଠିତ ହେଉଥିବ, ଆକାଶବାଣୀରୁ ତାଙ୍କ ରଚିତ ତଥା ଅଭିନୀତ ନାଟକ ପ୍ରଚାରିତ ହେଉଥିବ, ରେଡିଓରୁ ତାଙ୍କ ଲିଖିତ ଭଜନ ମାନ ବିଭିନ୍ନ ଶିଳ୍ପୀଙ୍କ କଣ୍ଠରୁ ନିଃସୃତ ହେଉଥିବ, ସେତେଦିନ ପର୍ଯ୍ୟନ୍ତ ଡଃ କର ଅମର ହୋଇ ରହିଥିବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ଆଜି ସେହି ମହାନ୍ ଯୋଗଜନ୍ମା ପୁଣ୍ୟାତ୍ମାଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ତାଙ୍କ ଚରଣରେ ଏ ଲେଖକର ଶତକୋଟି ପ୍ରଣାମ ।

**(ଚତୁର୍ଥ ବାର୍ଷିକ ଶ୍ରାଦ୍ଧୋତ୍ସବ, ତା ୦୮.୦୫.୨୦୨୬ ଉପଲକ୍ଷେ)**

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର**
**ମୋ–୯୮୬୧୪୭୦୧୯୮**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଯୁବକଙ୍କୁ...

ପୋଲିସ ପହଞ୍ଚିଲା ବେଳକୁ ସ୍ଥାନୀୟ ଲୋକମାନେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଦୁଇ ଯୁବକଙ୍କ ସହ କଳିଝଗଡା କରିଥିଲେ । ସୌମ୍ୟ କଟକ ଜିଆର୍ ପୋଲିସରେ କନଷ୍ଟେବଳ କାମ କରୁଥିବା ବେଳେ ଓଲଟପୁର ନିକଟରେ ତାଙ୍କ ନିଜ ଘର । ଅଡଶପୁର ବଜାର ଉପରେ ସୌମ୍ୟଙ୍କର ଏକ ଜିମ୍ ସେଣ୍ଟର ଅଛି । ସୌମ୍ୟ ଜଣେ ପୋଲିସ ବୋଲି ସ୍ଥାନୀୟ ଲୋକେ ଜାଣିନଥିଲେ । ଉଭୟଙ୍କ ମଧ୍ୟରେ କଳିଝଗଡା ସମୟରେ ସୌମ୍ୟ ଉତ୍‌କ୍ଷିପ୍ତ ହୋଇ ଲୋକମାନଙ୍କୁ କହିବାରୁ ସେମାନେ ତା'ର ହାତଗୋଡ ବାନ୍ଧି ପିଟିଥିଲେ । ଏହି ସମୟରେ ପୋଲିସ ପହଞ୍ଚିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକମାନେ କିଛି ଶୁଣିବାକୁ ପ୍ରସ୍ତୁତ ନଥିଲେ । ପୋଲିସ ସାମ୍ନାରେ ସୌମ୍ୟଙ୍କୁ ପିଟିପିଟି ଘଟଣାସ୍ଥଳରେ ହତ୍ୟା କରିଥିଲେ । ପୋଲିସ ଶବ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୌମ୍ୟଙ୍କ ସହ ଯାଉଥିବା ଓମ୍‌କୁ ପୋଲିସ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଛି । ଡିସିପି ଜଗମୋହନ ମିନାଙ୍କ କହିବାନୁଯାୟୀ ତିନିପକ୍ଷଙ୍କ ଦୋଷ ରହିଛି । ତିନିପକ୍ଷ ବୋଇଲେ ସ୍କୁଟରରେ ଯାଉଥିବା ଦୁଇ ଯୁବତୀ, ବାଇକ୍‌ରେ ଯାଉଥିବା ଦୁଇ ଯୁବକ ଓ ସ୍ଥାନୀୟ ଅଭିଯୁକ୍ତମାନେ ।

ଦୁଇ ଯୁବତୀ ବାଲିଅନ୍ତା ଥାନାରେ ଅସଦାଚରଣ ଅଭିଯୋଗ କରିଛନ୍ତି । ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରି ଓମ୍‌କୁ ପଚରାଉଚରା କରୁଛି । ସୌମ୍ୟଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ମଧ୍ୟ କରିଛନ୍ତି । ଦୁଇଟି ଅଭିଯୋଗକୁ ଗ୍ରହଣ କରି ପୋଲିସ ତଦନ୍ତ କରୁଛି । ଅଟକ ଥିବା ସୌମ୍ୟର ସାଙ୍ଗ ଓମ୍‌ର ବୟାନ ରେକର୍ଡ କରାଯାଇଛି । ବାସ୍ତବରେ ଯୁବତୀଙ୍କ ସହ ଦୁର୍ଘଟଣାକୁ ନେଇ ଏହି ଅଭାବନୀୟ ଘଟଣା ଘଟିଲା ନା ଅନ୍ୟ କିଛି ରହସ୍ୟ ରହିଛି ତାହା ସ୍ପଷ୍ଟ ହୋଇନାହିଁ । ସୌମ୍ୟ ଜଣେ ପୋଲିସ କନଷ୍ଟେବଳ ବୋଲି ଘଟଣାସ୍ଥଳରେ ପହଞ୍ଚିଥିବା ପୋଲିସ ଜାଣିନଥିଲା । କିମ୍ବା ସ୍ଥାନୀୟ ଲୋକମାନେ ମଧ୍ୟ ଜାଣିନଥିଲେ ସେ ଜିଆର୍ କନଷ୍ଟେବଳ ବୋଲି । ରାଜଧାନୀ ଭୁବନେଶ୍ୱରରେ ଦିନ ଦ୍ୱିପହରରେ ପୋଲିସ ସାମ୍ନାରେ ପୋଲିସ କନଷ୍ଟେବଳଙ୍କୁ ପିଟିପିଟି ହତ୍ୟା କରାଯିବା ଘଟଣା ସାରା ସହରରେ ଚର୍ଚ୍ଚା ହେଉଛି । ଏହା ମଧ୍ୟଯୁଗୀୟ ବର୍ବରତା ବୋଲି ଅପରାଧ ବିଶେଷଜ୍ଞମାନେ ବର୍ଣ୍ଣନା କରିଛନ୍ତି । ସେମାନଙ୍କ କହିବା କଥା ଯଦି ମୃତ ଯୁବକ ଓ ତାଙ୍କ ସାଙ୍ଗ କିଛି ଅପରାଧ ଘଟାଇଲେ ତେବେ ଲୋକମାନେ ପୋଲିସକୁ ତାଙ୍କୁ ହସ୍ତାନ୍ତର କରିବା ପରିବର୍ତ୍ତେ ଆଇନକୁ ନିଜ ହାତକୁ ନେବା ଯଥାର୍ଥ ନୁହେଁ ।

## କଠୋର...

ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରିବା ସହିତ ତା'ର ଅନୁସନ୍ଧାନ ଜାରି ରଖିଛି । ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି ।

ଘଟଣାର ସମସ୍ତ ଦିଗ ପ୍ରତି ସଚେତନ ରହି ପ୍ରକୃତ ସତ୍ୟ ଖୋଜି ବାହାର କରିବା ପାଇଁ ଏହି ଘଟଣାରେ ଯେଉଁ ମହିଳାମାନଙ୍କ ସହିତ ଦୁର୍ବ୍ୟବହାର ହୋଇଥିବାର ଅଭିଯୋଗ ହୋଇଛି, ସେମାନଙ୍କ ସହିତ ଆଲୋଚନା କରିବାକୁ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଆସନ୍ତା କାଲି ବାଲିଅନ୍ତା ଯିବେ ବୋଲି ଜଣା ଯାଇଛି ।

## ପ.ବଙ୍ଗ...

କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ପ.ବଙ୍ଗ ବିଧାନସଭା କାର୍ଯ୍ୟକାଳ ଗତକାଲି ଶେଷ ହୋଇଥିଲା । ବର୍ତ୍ତମାନସୁଦ୍ଧା ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିନାହାନ୍ତି । ତୃଣମୂଳ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ୧୦୦ ଆସନରେ ଭୋଟ୍ ଲୁଟ୍ କରାଯାଇଛି । ଏବେ ନିର୍ବାଚନ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ବଢ଼ିଛି । ୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରାଗଲାଣି । ଗତକାଲି ବିଜେପି ମୁଖ୍ୟମନ୍ତ୍ରୀ ଦୌଡରେ ଆଗରେ ଥିବା ଶୁଭେନ୍ଦୁ ଅଧିକାରୀଙ୍କ ସହଯୋଗୀ ଚନ୍ଦ୍ରନାଥ ରଥଙ୍କୁ ପଏଣ୍ଟ ବ୍ଲାଙ୍କରୁ ମଧ୍ୟଗ୍ରାମରେ ଗୁଳିକରି ହତ୍ୟା କରାଯାଇଛି । ଆସନ୍ତାକାଲି ବିଜେପି ବିଧାୟକ ଦଳର ବୈଠକ ଅପରାହ୍ଣ ୨ଟାରେ ଅନୁଷ୍ଠିତ ହେବ ଏବଂ ନେତା ନିର୍ବାଚିତ କରାଯିବ ।

## ୪୮,୩୩୦ କୋଟି...

ହୋଇସାରିଛି ଏବଂ ଆହୁରି ଅଗ୍ରଗତି କରୁଛି । ଏବେ ବିକଶିତ ଭାରତ ପାଇଁ ଏବଂ ସନ୍ତୁଳିତ ବିକାଶ ପାଇଁ ପୂର୍ବ ଉପକୂଳର ଅଭିବୃଦ୍ଧି ଅତ୍ୟନ୍ତ ଆବଶ୍ୟକ । ଗୁଜରାଟର ଶିଳ୍ପପତି ମାନଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କର ଏହା ଥିଲା ଟୁ-କୋଷ୍ଟ ଷ୍ଟ୍ରାଟେଜି ବା ଦୁଇ-ଉପକୂଳ ରଣନୀତି ।

ସେ କହିଥିଲେ ଯେ, ପାରାଦୀପ, ଧାମରା ଓ ଗୋପାଳପୁର ପରି ବନ୍ଦର ଯୋଗୁ ଓଡ଼ିଶା ପୂର୍ବ-ଏସିଆ, ଦକ୍ଷିଣ ପୂର୍ବ-ଏସିଆ ଏବଂ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ପ୍ରବେଶ ଦ୍ୱାର ବା ଗେଟ୍-ୱେ ଭାବରେ ସୁଯୋଗ ସୃଷ୍ଟି କରୁଛି । ତେଣୁ ଓଡ଼ିଶାର ବନ୍ଦରଭିତ୍ତିକ ବିକାଶର ଉଦ୍ୟମ ଅତ୍ୟନ୍ତ ବାସ୍ତବବାଦୀ ବୋଲି ସେ କହିଥିଲେ । ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ରଣନୈତିକ ପ୍ରସ୍ତାବ ଉପରେ ଶିଳ୍ପପତିମାନେ ସମ୍ପୂର୍ଣ୍ଣ ଭାବେ ସହମତ ହୋଇଥିଲେ ଏବଂ ଓଡ଼ିଶାରେ ବନ୍ଦରଭିତ୍ତିକ ବିକାଶ ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଓଡ଼ିଶା ପାଇଁ ଅତ୍ୟାଧୁନିକ ଏବଂ ଅଭିବୃଦ୍ଧି ସମ୍ଭାବନା ସମ୍ପନ୍ନ କ୍ଷେତ୍ର ଗୁଡ଼ିକରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି । ଏହି ସବୁ କ୍ଷେତ୍ର ଗୁଡ଼ିକ ହେଲା- ଗ୍ରୀନ୍ ଏନର୍ଜି, ସେମି-କଣ୍ଡକ୍ଟର, ରେଆର୍ ଆର୍ଥ, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍‌ସ, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ଏରୋ-ସ୍ପେସ୍ ଓ ଡିଫେନ୍ସ, ଫୁଡ୍-ପ୍ରୋସେସିଂ, ଆପାରେଲ୍ ଓ ଟେକ୍ସଟାଇଲ୍, ଟୁରିଜିମ୍, ଆଇ.ଟି ଓ ଆଇ.ଟି.ଇ.ଏସ୍, ଲଜିଷ୍ଟିକ୍‌ସ, ଇନ୍‌ଫ୍ରାଷ୍ଟ୍ରକ୍‌ଚର୍, କ୍ୟାପିଟାଲ୍ ଗୁଡ୍‌ସ ଏବଂ ଶକ୍ତି କ୍ଷେତ୍ର ।

ଏହି ତିନିଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ୭୦୦ ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନିଜେ ୧୩୨ ଜଣ ବିଶିଷ୍ଟ ଶିଳ୍ପପତି ଏବଂ ଶିଳ୍ପ ପ୍ରତିନିଧି ମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା (ୱାନ୍-ଟୁ-ୱାନ୍) କରିଥିଲେ ।

ଆଜି ମୁଖ୍ୟମନ୍ତ୍ରୀ ଭଦୋଦରା'ରେ (ବରୋଦା) ଅନୁଷ୍ଠିତ ନିବେଶକ ସମ୍ମିଳନୀ ରୋଡ୍-ଶୋ'କୁ ସମ୍ବୋଧିତ କରି କହିଛନ୍ତି "ପଶ୍ଚିମ ଭାରତ ପୂର୍ବରୁ ହିଁ ଭାରତର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଇସାରିଛି । ବର୍ତ୍ତମାନ 'ବିକଶିତ ଭାରତ' ପାଇଁ ପୂର୍ବ ଭାରତର ବିକାଶ ଜରୁରୀ ଏବଂ ଓଡ଼ିଶା ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ" ।

'ପୂର୍ବୋଦୟ' ପରିକଳ୍ପନା ଅଧୀନରେ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ଇଞ୍ଜିନ ଭାବେ ଉପସ୍ଥାପିତ କରି ମୁଖ୍ୟମନ୍ତ୍ରୀ ଗୁଜରାଟର ପ୍ରମୁଖ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ସେମାନଙ୍କର ଶିଳ୍ପ ସମ୍ପ୍ରସାରଣ କରିବାକୁ ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛନ୍ତି ।

ଗୁଜରାଟ ଗସ୍ତ କାଳରେ ନିବେଶକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ମେଟାଲ ଡାଉନ୍‌ଷ୍ଟ୍ରିମ୍, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍ସ, ବିରଳ ମୃତ୍ତିକା, ସବୁଜ ଶକ୍ତି ଉପକରଣ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ ଓ ବସ୍ତ୍ର ଶିଳ୍ପ, ଆଇଟି ଏବଂ ଆଇଟିଇଏସ୍, ଇଏସ୍‌ଡିଏମ୍ ଓ ସେମିକଣ୍ଡକ୍ଟର, ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ, ପ୍ଲାଷ୍ଟିକ, ପର୍ଯ୍ୟଟନ, ଏରୋସ୍ପେସ୍ ଓ ପ୍ରତିରକ୍ଷା, ଏବଂ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ପ୍ରତିଶ୍ରୁତି ମିଳିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସମେତ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ ।

ଗୁଜରାଟ ରୋଡ୍-ଶୋ' ଓଡ଼ିଶା ପାଇଁ ଉଲ୍ଲେଖନୀୟ ସଫଳତା ଆଣିଦେଇଛି: ମୋଟ ୭୧ଟି ନିବେଶ ପ୍ରସ୍ତାବ (୮ଟି MoUs ଏବଂ ୬୩ଟି ନିବେଶ ଆଗ୍ରହ ପତ୍ର) ମିଳିଛି । ମୋଟ ନିବେଶ ସମ୍ଭାବନା: ୪୮,୩୩୦ କୋଟି ଟଙ୍କା । ଆନୁମାନିକ ନିଯୁକ୍ତି ସୁଯୋଗ: ୬୭,୮୩୮ ରୁ ଅଧିକ ।

ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଓଡ଼ିଶାର 'ଗୋ ସ୍ୱିଫ୍ଟ' ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ମାଧ୍ୟମରେ ନିବେଶକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶା କେବଳ ଏକ ନିବେଶ ସ୍ଥଳ ନୁହେଁ, ବରଂ ଏହା ବିଶ୍ୱାସ, ଦ୍ରୁତ କାର୍ଯ୍ୟକାରିତା ଏବଂ ସ୍ଥିରତା ଉପରେ ଆଧାରିତ ଏକ ଦୀର୍ଘକାଳୀନ ଅଭିବୃଦ୍ଧିର ସହଭାଗୀ । ୨୦୩୬ ସୁଦ୍ଧା ଏକ 'ସମୃଦ୍ଧ ଓଡ଼ିଶା' ଗଠନ ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ରେ ସହଯୋଗ କରିବା ପାଇଁ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍ ସହ କାର୍ଯ୍ୟ କରୁଛନ୍ତି ।

## ୧୧୮ ବିଧାୟକଙ୍କ...

ବହୁମତ ପ୍ରମାଣ କରିବେ । ବିଜୟ କିନ୍ତୁ ୧୧୨ ବିଧାୟକଙ୍କ ସମର୍ଥନ ପତ୍ର ଦେଇଛନ୍ତି । ତେବେ ତାମିଲନାଡୁରେ ଯେଉଁ ରାଜନୈତିକ ଅସ୍ଥିରତା ଦେଖାଦେଇଛି ତା' ପଛରେ ବିଜେପିର ହାତ ରହିଛି ବୋଲି ଅଭିଯୋଗ ବଢ଼ିବାରେ ଲାଗିଛି । ତାମିଲନାଡୁର ସିପିଆଇ ମଧ୍ୟ ରାଜ୍ୟପାଳଙ୍କୁ ସମ୍ବିଧାନ ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେବାସହ ବିଜୟଙ୍କୁ ସରକାର ଗଠନ କରାଇ ଗୃହରେ ସଂଖ୍ୟା ଗରିଷ୍ଠତା ପ୍ରମାଣ ପାଇଁ ଦାବି କରିଛି । କଂଗ୍ରେସ ମଧ୍ୟ ବିଜୟଙ୍କୁ ସରକାର ଗଠନ କରିବା ଲାଗି ବାଧା ଦିଆଯାଉଥିବା ପ୍ରତିବାଦରେ ଆସନ୍ତାକାଲି ସବୁ ଜିଲ୍ଲା ମୁଖ୍ୟାଳୟରେ ବିକ୍ଷୋଭ କରିବ । ପୂର୍ବତନ ଆଟର୍ଣ୍ଣି ଜେନେରାଲ ମୁକୁଲ ରୋହତୋଗୀ କହିଛନ୍ତି ଯେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏକକ ସଂଖ୍ୟଗରିଷ୍ଠ ଦଳକୁ ରାଜ୍ୟପାଳ ନିମନ୍ତ୍ରଣ କରିବାକୁ ବାଧ୍ୟ । ରାଜ୍ୟପାଳ ଟାଳଟୁଳ ନୀତି ଅବଲମ୍ବନ କରିବା ଅସମ୍ବିଧାନିକ । ରାଜ୍ୟପାଳଙ୍କ ଦାୟିତ୍ୱ ହେଉଛି ଏକକ ସଂଖ୍ୟାଗରିଷ୍ଠ ଦଳକୁ ସରକାର ଗଠନ ଲାଗି ପ୍ରଥମେ ସୁଯୋଗ ଦେବେ । ଏବଂ ସେ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ । ରାଜ୍ୟପାଳ ୧୧୮ ବିଧାୟକଙ୍କ ସମର୍ଥନ ଆଣିବା ପାଇଁ ବାଧ୍ୟ କରିପାରିବେ ନାହିଁ । ରାଜ୍ୟପାଳ ଚାହିଁଲେ ବିଧାୟକଙ୍କ ସ୍ୱାକ୍ଷରଗୁଡ଼ିକୁ ଠିକ୍ କି ଭୁଲ୍ ପରୀକ୍ଷା କରିପାରିବେ । ରାଜଭବନ ନୁହେଁ ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦିଆଯାଏ । ଭାରତରେ ମଧ୍ୟ ଅତୀତରେ ଏଭଳି ଅନେକ ସଂଖ୍ୟଗରିଷ୍ଠ ନଥିବା ଦଳ ସରକାର ଗଠନ କରିବାର ନଜିର ରହିଛି । ବରିଷ୍ଠ ଆଇନ୍‌ଜୀବୀ ନୀରଜ କୁଷେନ କାଓଲ କହିଛନ୍ତି ଯେ ସମ୍ବିଧାନର ୧୬୩ ଧାରା ଅନୁଯାୟୀ ରାଜ୍ୟପାଳଙ୍କର ଇଚ୍ଛାଧୀନ କ୍ଷମତା ରହିଛି, ସେ କାହାକୁ ସରକାର ଗଠନ ଲଗି ନିମନ୍ତ୍ରଣ କରିବେ । ସମ୍ବିଧାନରେ ଏକକ ସଂଖ୍ୟାଗରିଷ୍ଠ ଦଳ ବା ନିର୍ବାଚନ ପରେ ବହୁମତ ଦାବି କରୁଥିବା ଦଳକୁ ସରକାର ଗଠନ ପାଇଁ ଡାକିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ଉଲ୍ଲେଖ କରିଛନ୍ତି ।

## ପିଏନ୍‌ଜି...

ଏକ ରାଜ୍ୟ ସ୍ତରୀୟ ଶୀର୍ଷ କମିଟି ଓ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି । ଜିଲ୍ଲାସ୍ତରରେ ଏହି କମିଟିଗୁଡ଼ିକୁ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦନ ବ୍ୟବସ୍ଥା ଭାବେ କାର୍ଯ୍ୟ କରିବାର ଅଧିକାର ଦିଆଯାଇଥିବାରୁ ଗ୍ୟାସ୍ ପାଇପଲାଇନ୍ ବିଛାଇବା ଏବଂ ଭିତ୍ତିଭୂମି ସୃଷ୍ଟି ସମ୍ବନ୍ଧୀୟ ଅନୁମତି ପ୍ରକ୍ରିୟା ଅଧିକ ସରଳ ହେବ ।

ନୀତି ଅନୁଯାୟୀ, ସିଜିଡି କ୍ଷେତ୍ରର ଦ୍ରୁତ ସମ୍ପ୍ରସାରଣକୁ ପ୍ରୋତ୍ସାହନ ଦେବା ପାଇଁ ସମସ୍ତ ଅନୁମତି ଏବଂ ତଦାରଖ ଶୁଳ୍କକୁ ୩୧ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଏକକାଳୀନ ମୋରାଟୋରିୟମ୍ ଭିତ୍ତିରେ ଛାଡ଼ କରାଯାଇଛି । ଆବେଦନ ପ୍ରାପ୍ତିର ୭ଟି କାର୍ଯ୍ୟଦିବସ ମଧ୍ୟରେ ଅନୁମତି ପ୍ରଦାନ କରିବାର ବ୍ୟବସ୍ଥା ରହିଥିବାବେଳେ, ୩୦ ଦିନ ମଧ୍ୟରେ କୌଣସି ନିଷ୍ପତ୍ତି ନହେଲେ ଏହାକୁ ସ୍ୱତଃ ଅନୁମୋଦିତ ଭାବେ ଗ୍ରହଣ କରାଯିବ ।

ରାଜ୍ୟରେ ସିଜିଡି ଭିତ୍ତିଭୂମି ବିକାଶ ପାଇଁ ଗେଲ, ଗେଲ ଗ୍ୟାସ, ବିପିସିଏଲ, ଅଦାନୀ ଟୋଟାଲ ଓ ମେଗା ଗ୍ୟାସ ସହିତ ୫ଟି ପ୍ରମୁଖ ସଂସ୍ଥା ଦ୍ୱାରା ପ୍ରାୟ ୫,୧୦୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଛି । ଏହା ମାଧ୍ୟମରେ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ନଗର ଭିତ୍ତିଭୂମି ଉନ୍ନତିକୁ ନୂତନ ଗତି ମିଳିବ ।

ନୀତିରେ ସିଟି ଗେଟ୍ ଷ୍ଟେସନ୍ ଏବଂ ସିଏନଜି ଷ୍ଟେସନ୍ ସ୍ଥାପନ ପାଇଁ ସରକାରୀ ଜମିକୁ ୩୦ ବର୍ଷ ପାଇଁ ଦୀର୍ଘମିଆଦୀ ଲିଜ୍ ଭିତ୍ତିରେ ଅଗ୍ରାଧିକାର ଦେବାର ବ୍ୟବସ୍ଥା ରହିଛି । ସେହିପରି ୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକରେ ଶିକ୍ଷାନୁଷ୍ଠାନ ଓ ବେସରକାରୀ ବସଗୁଡ଼ିକୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ସିଏନ୍‌ଜି ବ୍ୟବହାର କରିବାକୁ ପଡ଼ିବ । ଏହା ନଗରୀୟ ପ୍ରଦୂଷଣ ହ୍ରାସ ଏବଂ ପରିବେଶ ସୁରକ୍ଷାରେ ଦୂରଗାମୀ ପ୍ରଭାବ ପକାଇବ ।

ପିଏନଜି ଓ ସିଏନଜି ସେବାକୁ "ଅତ୍ୟାବଶ୍ୟକ ସେବା' ଭାବେ ଘୋଷଣା କରାଯାଇଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଏହାର ଯୋଗାଣ ଓ ପରିବହନ ବାଧାପ୍ରାପ୍ତ ହେବ ନାହିଁ ।

## ସରକାରୀ...

ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନେଇ ବିଡ଼ିଓ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ସରକାରୀ ସମ୍ପତ୍ତି ନଷ୍ଟ କରିବା ଏବଂ କାର୍ଯ୍ୟରେ ବାଧା ଉପୁଜାଇବା ନେଇ ପାଟଣାଗଡ଼ ବିଡିଓ ସୁମନ ମିଞ୍ଜ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ବିଡିଓଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଛି । ଜଣେ ଦାୟିତ୍ୱବାନ ପଦବୀରେ ଥାଇ ଏଭଳି ଆଚରଣ ଗ୍ରହଣୀୟ ନୁହେଁ । ଆମେ ସମସ୍ତ ପ୍ରମାଣ ପୋଲିସକୁ ହସ୍ତାନ୍ତର କରିଛୁ ବୋଲି କହିଛନ୍ତି ବିଡିଓ ଶ୍ରୀ ମିଞ୍ଜ । ପାଟଣାଗଡ଼ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବା ସହ ସେଠାରେ ଉପସ୍ଥିତ ଥିବା କର୍ମଚାରୀମାନଙ୍କ ବୟାନ ମଧ୍ୟ ରେକର୍ଡ କରାଯାଉଛି । ଖୁବଶୀଘ୍ର ଏହି ମାମଲାରେ ଅଧ୍ୟକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି ।

## ଦୃଢ଼...

ଅସମର୍ଥ ତେବେ ସାରା ରାଜ୍ୟରେ ଅବସ୍ଥା କ'ଣ ତାହା ସ୍ପଷ୍ଟ ଅନୁମେୟ । ନିକଟରେ ହିଞ୍ଜିଳି, କଣାସ ଓ ଢ଼େଙ୍କାନାଳରେ ଘଟିଥିବା ବର୍ବର କାଣ୍ଡରେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବୋଲି ସେ ପ୍ରଶ୍ନ କରିବା ସହ ବଡ ବଡ ଭାଷଣ, ମିଛ ବାହସ୍ଫୋଟରେ ସରକାର ଚାଲେନି ବୋଲି କହିଛନ୍ତି ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ନିରାକାରପୁର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଟାଙ୍କୋଳ ଗ୍ରାମରେ ସର୍ପାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣଙ୍କ ଟାଙ୍କୋଳ ଗ୍ରାମର ମାନଗୋବିନ୍ଦ ପରମାଣିକଙ୍କ ପତ୍ନୀ ପୂଜାସଜଫୁଲ ପରମାଣିକ(୨୯) ବୋଲି କୁହାଯାଇଛି ।

ବୁଧବାର ସକାଳେ ପୂଜାସଜଫୁଲ ଚା' କରିବା ପାଇଁ ରୋଷେଇ ଘରକୁ ଯାଇଥିଲେ । ସେଠାରେ ଚୁଲି ଜାଳେଣି ପାଇଁ ରଖାଯାଇଥିବା କାଠ ନିକଟରେ ପୂର୍ବରୁ ଲୁଚି ରହିଥିବା ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ମୃତ ମହିଳାଙ୍କର ଏକ ଶିଶୁ ପୁତ୍ର ଓ କନ୍ୟା ସନ୍ତାନ ଥିବା ଜଣାପଡ଼ିଛି । ଜଣେ କର୍ମଠ ମହିଳାଙ୍କ ଏଭଳି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଥଇଥାନ...

ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିକୁ ଉପଯୁକ୍ତ ବନ୍ଦୋବସ୍ତ ଜରିଆରେ ସମସ୍ତଙ୍କୁ ଥଇଥାନ କରିବା ନେଇ ଆଲୋଚନା ହୋଇଥିଲା । ଶ୍ରୀଜଗନ୍ନାଥଙ୍କ ନମରେ ଥିବା ଜମିରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବକ, ନିଯୋଗ, ଅଣସେବକ ଏବଂ ମଠଗୁଡ଼ିକୁ କିପରି ଉପଯୁକ୍ତ ବନ୍ଦୋବସ୍ତ କରାଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା । ପାଖାପାଖି ୩୬ ହଜାର ଏକର ଜମିରୁ ୨୫ ରୁ ୨୬% ଜମି ଦଖଲରେ ରହିଛି । ଜଗନ୍ନାଥଙ୍କ ଜମିକୁ ଅସଦ ଉପାୟରେ ଜବରଦଖଲ ନେଇ ତଦନ୍ତ ହେବା ସହ ଆବଶ୍ୟକ ସ୍ଥଳେ ଏହାକୁ ନିଲାମ ପ୍ରକ୍ରିୟାରେ ସାମିଲ କରିବା ନେଇ ଆଲୋଚନା ହୋଇଥିଲା । ଏହି ପ୍ରକ୍ରିୟା ଫଳରେ ଦୀର୍ଘଦିନ ଧରି ବସବାସ କରୁଥିବା ସେବକ-ନିଯୋଗମାନେ ବସବାସ କରୁଥିବା ଜମିରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ । ଏଥିସହିତ ଜବରଦଖଲରେ ଥିବା ଜମିରୁ ସର୍ବାଧିକ ମୂଲ୍ୟ ଜରିଆରେ ଆଦାୟ ଅର୍ଥ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପାଣ୍ଠିକୁ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଏହି ବୈଠକରେ ଆଇନ କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ପୂର୍ବତନ ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟ ମିଶ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ କୁମାର ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ ପବିତ୍ର ମୋହନ ସାମଲ, ଦେବୋତ୍ତର ଆୟୁକ୍ତ ସତ୍ୟ ନାରାୟଣ ଷଡ଼ଙ୍ଗୀ ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

AFFIDAVIT

By virtue of an affidavit sworn before the **Executive Magistrate**, Baripada, Dist - Mayurbhanj. I, Anjali Samad, Aged about 28 years, **W/o -Ram Chandra Mahali**, Resident of At - Basantpur, Po - Hinjili, Ps - Bangriposi, Dist- Mayurbhanj, Pin - 757092, declare that this **affidavit no. 139, dated. 07.05.2026**. My son's actual name is **Aayansh Mahali**, which is mentioned in his birth certificate vide **Regd. No-58511/2018**, but in his **Aadhar card vide no. 2909-3749-3476**, his name has beenwrongly mentioned as Arab Kumar Beshra, instead of **Aayansh Mahali.** So, I have changed my son's name from **Arab Kumar Beshra** to AayanshMahali. Henceforth, heshall be known as AayanshMahali for all purposes.

Sd/- Anjali Samad

ପୂର୍ବ ତଟ ରେଳପଥ

ଟେଣ୍ଡର ନଂ.: CAOCRSPBBS-16-2026

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନ୍‌ରେ ମଣ୍ଡସା - ସୁମାଦେବୀ ଷ୍ଟେସନ ମଧ୍ୟରେ ଏଲ୍‌ସି ନଂ. 362 ପରିବର୍ତ୍ତେ କି.ମି. 666/29-31 ଠାରେ 1x36.0m କମ୍ପୋଜିଟ୍ ଗର୍ଡର + 3x24.0m କମ୍ପୋଜିଟ୍ ଗର୍ଡର + 1x14.0m T- ବିମ୍ ଗର୍ଡର (ବ୍ରିଜ୍ ପ୍ରପର) + 2x10.37m କଠିନ ସ୍ଲାବ୍ ସାନ୍ ବିଶିଷ୍ଟ ରୋଡ୍ ଓଭର ବ୍ରିଜ୍ (ROB) ର ନିର୍ମାଣ ।

ବିଜ୍ଞାପିତ ମୂଲ୍ୟ (₹) : 60,35,32,413.35, EMD (₹) : 1,20,70,700.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.05.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.06.2026 ରିଖ 1200 ଘଣ୍ଟିକାରେ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/RSP, ଭୁବନେଶ୍ୱର

PR-41/CJ/26-27

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER-CUM-DISTRICT MISSION DIRECTOR, DHENKANAL

Health & Family Welfare Department, Govt. of Odisha
(District Programme Management Unit, NHM)
Email - nhmdkl@gmail.com
Letter No. 1736 date : 7.5.26

ZILLA SWASTHYA SAMITI, DHENKANAL
REQUEST FOR PROPOSAL (RFP) FOR OUTSOURCING OF TECHNO-MANAGERIAL SERVICE

10001/129/2627

Sealed proposals as per the prescribed RFP documents are invited from eligible bidders for providing of Techno-Managerial Services in different health institutions of Dhenkanal district. The eligibility criteria and detail requirements are set forth in the RFP document which can be downloaded from the website: **https://dhenkanal.odisha.gov.in**. The interested eligible bidders can submit the proposal with required documents through Speed Post/Registered Post/Courier only to the O/o. CDM&PHO, Dhenkanal District Head Quarter Hospital, Dhenkanal, Dakhinakali Road, Dhenkanal - 759001 latest by 29.05.2026 (1.00 P.M). The undersigned reserves the right to reject any or all the bids without assigning any reason thereof.

Sd/-
CDM & PHO-cum-District Mission Director
District Health Mission,
Dhenkanal

OIPR : 10001/10059/1/26-27/0001

OFFICE OF THE CHIEF DISTRICT MEDICAL& PUBLIC HEALTH OFFICER: ANGUL

10001/126/2627

TENDER NOTICE

No.CS26-27/Tender/243/Dated. 05th May .2026

Sealed Tenders in prescribed format are invited from the Registered Manufacturers/ Authorized Distributors/ Reputed Suppliers for supply of BCL, Lab. Chemicals & Drugs & Medical Consumables etc to the CDM&PHO Angul. The Bidders should submit two separate sealed packets i.e. one for "A" "Technical Bid" and another for "B" "Financial Bid" superscribing on the cover of the packets separately and to be kept in a single cover which should be superscribed as "CS/Tender for Drugs, BCL, Lab. Chemicals & Medical Consumables etc" Last Date of Receive : 02-06-2026,01-P.M.

The sealed Tender will be received through Speed Post/ Reg. Post/Couriers ONLY on or before Dt.02-06-2026 till 1.00 PM at the office of the CDM&PHO, Angul and the said tender will be opened on dt. 04:06 :2026 at 10.00 AM in presence or absence of Bidders or their Authorized Representatives at the office of CDM&PHO Angul. Tenders received incomplete or after the scheduled date & time shall be rejected. The undersigned reserves the right to reject any or all tenders without assigning any reason thereof. All legal disputes if any relating to the tender are subject to Jurisdiction in the Court of Law situated at Angul, Odisha only. For details Terms and Conditions log on to district web site → angul.odisha.gov.in

Sd/-Chief District Medical & Public Health Officer, Angul

OIPR : 10001/10142/1/26-27/0004

HEALTH & FAMILY WELFARE DEPARTMENT
GOVERNMENT OF ODISHA

10001/124/2627

OFFICE OF THE SUPERINTENDENT
V.S.S.INSTITUTE OF MEDICAL SCIENCES & RESEARCH, BURLA: SAMBALPUR
ODISHA- 768017 Email id: vimsarsuptd24@gmail.com
No. 7653 . VIMSAR Dated, Burla, the 06th May, 2026

TENDER CALL NOTICE

Sealed Tenders are hereby invited by the undersigned from the interested firms having GST Registration for Annual Comprehensive Maintenance of wall hanging water purifiers i.e. of Eureka Forbes make. ARCPURE make. Kent etc. and Water chillers available in different departments along with other places of this Institution so as to reach the office of the Superintendent. VSS Institute of Medical Sciences & Research, Burla on or before dt.06-06-2026 up to 1.00 P.M. through Speed Post/ Regd Post/Couriers only which will be opened on 08-06-2026 at 11 30 A,M by the Committee. The related documents should be in a sealed cover with super scribed as "Tender for Maintenance of wall hanging water purifiers & Water chillers and last date is 06-06-2026."

The detail terms and conditions of this Tender Call Notice is available in the Dist. website Sambalpur.odisha.gov in and Institute website **www.vimsar ac in.**

The undersigned/commrttee reserves the full right to accept in full or reject any or all the tenders without assigning any reasons thereof.

Sd/- Superintendent
VSS Institute of Medical SC. & Research, Burla

OIPR : 10001/10026/1/26-27/0009

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM [R&B] DIVISION NO II BERHAMPUR
Phone/Fax 0680-2233996 e-mail sernb2 ganjam@gmail com

INVITATION FOR BIDS (IFB) (e-Procurement)

34001/175/2627

TENDER CALL NOTICE

Bid Identification No. SC (R&B)-GM-II-03/2026-27 No. 4932 Dated.02.05.2026

1) The Superintending Engineer, Ganjam [R&B] Division No II. Berhampur on behalf of Governor of Odisha invites percentage rate bid in Single cover system to be received in ONLINE MODE only for the work as detailed below

| | | |
|---|---|---|
| 2) | Nature of Work | : Building work |
| 3) | No of work | : 01 No. |
| 4) | Tender Cost | : Rs. 6000/- |
| 5) | Class of Contractor | : B' Class |
| 6) | Availability of bid documents in the website | : From 12.05.2026 10.00 AM 22 05.2026 4.00 P.M. |
| 7) | Date of opening of Bid | : 25.05.2026 at 11.30 A.M. |

8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

9) The bidders must submit all the original uploaded documents within 03 days from opening of the tender.

10) The authority reserves the right to cancel/reject any or all bids without assigning any reason thereof

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR : 34001/34080/1/26-27/0003

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୬୧୬୨/ଭୁ.ଉ.କ., ଭୁବନେଶ୍ୱର ତା.୨୩.୦୩.୨୬ ରିଖ
KNL-R-2/96

13001/389/2627

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା–ଘୁଡୁଡ଼ିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ -K-4-1309 କୁ ଶ୍ରୀ ଅକ୍ଷୟ କୁମାର ନାୟକ, ପିତା- ସ୍ୱର୍ଗତ ହରିହର ନାୟକ, ଗ୍ରାମ-ବରମୁଣ୍ଡା ସବର ସାହି, ପୋଷ୍ଟ-ବରମୁଣ୍ଡା, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ରାଜ୍ୟ-ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଅଛି ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅକ୍ଷୟ କୁମାର ନାୟକ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଚନ୍ଦ୍ରମଣି ବେହୁରା, ପିତା–ବିଶ୍ୱନାଥ ବେହୁରା, ଗ୍ରାମ/ପୋଷ୍ଟ–ବଳଭଦ୍ରପୁର, ଥାନା– ପଟ୍ଟାମୁଣ୍ଡାଇ, ଜିଲ୍ଲା– କେନ୍ଦ୍ରାପଡା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13001/13033/1/26-27/0026

ଭାରତୀୟ କ୍ରୀଡା ପ୍ରାଧିକରଣ
ଭାରତ ସରକାର
କ୍ରୀଡା ବିଭାଗ
(ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା)
(ମାନବ ସମ୍ବଳ ବିଭାଗ-II)

ପୂର୍ବ ଗେଟ୍, ନଂ ୧୦, ଜେଏନ ଷ୍ଟାଡିୟମ୍ କମ୍ପ୍ଲେକ୍ସ,
ଲୋଧି ରୋଡ୍, ସିଜିଓ କମ୍ପ୍ଲେକ୍ସ,
ନୂଆଦିଲ୍ଲୀ-୧୧୦୦୦୩

ଫାଇଲ୍ ନଂ: ୦୧-୦୪୦୦୧(୦୩)/୨/୨୦୨୫-HO - କାର୍ମିକ ବିଭାଗ/୨୫୩ ତାରିଖ: ୦୧-୦୪-୨୦୨୬

ସଂଶୋଧନ

ବିଷୟ: ଭାରତୀୟ କ୍ରୀଡା ପ୍ରାଧିକରଣରେ ଡେପୁଟେସନ୍ ଆଧାରରେ ଜୁନିୟର ଇଞ୍ଜିନିୟର ପଦବୀ ପାଇଁ ନିଯୁକ୍ତି ଆବେଦନ ଦାଖଲ କରିବାର ଶେଷ ତାରିଖ ୩୦ ଦିନଯାଏ ବୃଦ୍ଧି ।

ସାଇ ହେଉଛି ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ (MYAS) ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ ଯାହା ସୋସାଇଟି ପଞ୍ଜିକରଣ ଆଇନ,୧୮୬୦ଅନୁଯାୟୀ ପଞ୍ଜିକୃତ, ଡେପୁଟେସନ ଆଧାରରେ କନିଷ୍ଠ ଇଞ୍ଜିନିୟର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି ।୨୫-୦୨-୨୦୨୬ ତାରିଖର ଯୁଗ୍ମ ସଂଖ୍ୟାର ବିଜ୍ଞାପନ ଜାରି ରଖି, କନିଷ୍ଠ ଇଞ୍ଜିନିୟର ପଦବୀ ପାଇଁ ଆବେଦନ ଦାଖଲ କରିବାର ଶେଷ ତାରିଖ ୩୦ ଦିନ (ଅର୍ଥାତ ୧୦-୦୫-୨୦୨୬ ପର୍ଯ୍ୟନ୍ତ) ( 05.00 PM) ବୃଦ୍ଧି କରାଯାଇଛି । ବାକି ଧାରା ବୈଧ । ସମସ୍ତ ଦିଗରୁ ସମ୍ପୂର୍ଣ୍ଣ ହୋଇଥିବା ଆବେଦନ ନିର୍ଦ୍ଦେଶକ (HRD-II), ରୁମ୍ ନମ୍ବର ୨୧୦ ଦ୍ୱିତୀୟ ମହଲା, ଭାରତୀୟ କ୍ରୀଡା ପ୍ରାଧିକରଣ, ଜବାହରଲାଲ ନେହେରୁ ଷ୍ଟାଡିୟମ (ଗେଟ୍-୧୦), ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ କାର୍ଯ୍ୟାଳୟକୁ ୧୦-୦୫-୨୦୨୬ କିମ୍ବା ପୂର୍ବରୁ କିମ୍ବା sai.persdiv.recruitment@gmail.com ରେ ମେଲ୍ କରିବା ଉଚିତ । ବିବରଣୀ ଏବଂ ଆବେଦନ ଫର୍ମ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟର ୱେବସାଇଟ୍ www.yas.nic.in ଏବଂ ସାଇ ଯଥା www.sportsauthorityofindia.nic.in ରେ ଉପଲବ୍ଧ ।

ସ୍ୱା/-
ଉପନିର୍ଦ୍ଦେଶକ (HRD-II)
ଭାରତୀୟ କ୍ରୀଡା ପ୍ରାଧିକରଣ
ମୁଖ୍ୟ କାର୍ଯ୍ୟାଳୟ

cbc47103/11/0010/2627

GOVERNMENT OF ODISHA
OFFICE OF PANCHAYAT SAMITI, SADAR, KEONJHAR
NOTICE INVITING TENDER (e-Procurement)

19001/51/2627 Online Bid ID NoTCN No.01-KjrSadar/2026-2027

The Block Development Officer, Sadar, Keonjhar on behalf of Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 11 (Eleven) Nos. |
| Estimated Cost put to Tender | Rs. 2,08,99,118/- |
| Tender Paper Cost | Mentioned in Column No. 4 of Tender call notice |
| Period of completion | Mentioned in Column No. 7 of Tender call notice |
| Availability of Bid Documents | From 7.00 AM of 08.05.2026 to 1.00 PM of 15.05.2026 during office hours in Website (www.tendersodisha.gov.in) |
| Period of receipt of Bid through online | From 7.00 AM of 08.05.2026 to 1.00 PM of 15.05.2026 through online. |
| Other Documents | License, PAN card, GST Registration, Affidavit, successful confirmation slip of online submission of EMD and Paper Cost through Speed Post/ Regd. Post to this office From 7.00 AM of 08.05.2026 to 1.00 PM of 15.05.2026 |
| Date of Opening of Technical Bid | At 09.00 A.M. on 18.05.2026 in the office chamber of the BDO, Sadar, Keonjhar |
| Date of Lottery of Technical Bid | Communicated After Opening of Tender |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-III or Class-IV |
| Name and Address of the OIT : | OFFICE OF THE PANCHAYAT SAMITI, SADAR, COLLECTORATE CAMPUS, At/Po-Keonjhar, Dist-Keonjhar Pin-758001. E-Mail ID ori-bkeonjhar@nic.in |

Further Details can be seen from the web site:www.tendersodisha.gov.in

(Sri Binod Chandra Panda)
Block Development Officer, Sadar, Keonjhar

OIPR : 19001/19123/1/26-27/0001

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

ଭାରତରେ ଅବସ୍ଥାପିତ ନେଦରଲ୍ୟାଣ୍ଡର ରାଷ୍ଟ୍ରଦୂତଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର

# ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ଶିକ୍ଷା ସହ ଗବେଷଣା କ୍ଷେତ୍ରରେ ଭାଗୀଦାରି ବଢ଼ିବ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତରେ ଅବସ୍ଥାପିତ ନେଦରଲ୍ୟାଣ୍ଡର ରାଷ୍ଟ୍ରଦୂତ ମାରିସା



ଗେରାର୍ଡସଙ୍କୁ ଭେଟି ଉଭୟ ଦେଶ ମଧ୍ୟରେ ଉଚ୍ଚ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗର ନୂତନ ଦିଗ ଉପରେ ଆଲୋଚନା କରିଛନ୍ତି । ଏହି ବୈଠକରେ ଉଭୟ ଦେଶ ମଧ୍ୟରେ ଶିକ୍ଷାଗତ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଚର୍ଚ୍ଚା କରାଯାଇଛି । ଏହି ଆଲୋଚନା ଅନୁଯାୟୀ, ଭାରତ ଏବଂ ନେଦରଲ୍ୟାଣ୍ଡ ଆସନ୍ତା ଶିକ୍ଷା ବର୍ଷରୁ ହାଇଡ୍ରୋଜେନ, ସେମିକଣ୍ଡକ୍ଟର, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ସହରୀ ବିକାଶ ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକରେ ସଂଗଠିତ ଭାବେ କାର୍ଯ୍ୟ କରିବେ । ଏହି ଭାଗିଦାରୀ ମାଧ୍ୟମରେ ନୂତନତା, ଗବେଷଣା ଏବଂ ଜ୍ଞାନର ଆଦାନପ୍ରଦାନ ପାଇଁ ନୂତନ ମାର୍ଗ ପ୍ରଶସ୍ତ ହେବ, ଯାହା ଶିକ୍ଷା କ୍ଷେତ୍ରରେ ଏକ ଉତ୍ତମ ପରିବେଶ ସୃଷ୍ଟି କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମିଳିତ ପ୍ରୟାସ ଦୁଇ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ସହ ଏକ ଭବିଷ୍ୟତ ଗଠନ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଉଚ୍ଚଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

## ଓଡିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ନିଖୋଜ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ କୁଲଗାଁଇଶାଳୋସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରଜଣେ ୧୦ମ ଶ୍ରେଣୀ ଛାତ୍ରୀ ରହସ୍ୟ ଜନକ ଭାବେ ନିଖୋଜ ହୋଇଯାଇଥିବାର ଥାନାରେ ଅଭିଯୋଗ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଂଚାୟତ ଅଂଚଳର ଜଣେ ନାବାଳିକା ସ୍ଥାନୀୟ କୁଲଗାଁଇଶାଳୋସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ତେବେ ଗତକାଲି ମଧ୍ୟାହ୍ନରୁ ଛାତ୍ରୀ ଜଣକ ତାଙ୍କ ଘରୁ ରହସ୍ୟ ଜନକ ଭାବେ ନିଖୋଜ ହୋଇଯାଇଥିବାର ଅଭିଯୋଗ ହୋଇଛି । ତାଙ୍କ ପରିବାର ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇପାରିନାହାନ୍ତି । ଅବଶେଷରେ ତାଙ୍କ ପରିବାର ତରଫରୁ ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ତେବେ ଛାତ୍ରୀ ଜଣକର ଭବିଷ୍ୟତକୁ ନେଇ ତାଙ୍କ ପରିବାର ବର୍ଗ ନାନା ଆଶଙ୍କାରେ ଭାଙ୍ଗି ପଡିଛନ୍ତି । ଅପରପକ୍ଷରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଘନ ଘନ ନାବାଳିକା ନିଖୋଜ ଓ ଫେରାର ଘଟଣାକୁ ନେଇ ଅଭିଭାବକମାନେ ଚିନ୍ତାରେ ଭାଙ୍ଗି ପଡିଛନ୍ତି ।

ସାବିତ୍ରୀ ଉପଲକ୍ଷେ ତନେଇରା ପକ୍ଷରୁ

## ‘ଇନାୟା’ କଲେକ୍ସନ, ଆକର୍ଷଣୀୟ ଅଫର ପାଇବେ ଗ୍ରାହକ

ଭୁବନେଶ୍ୱର, (ସବ୍ୟୁ): ଟାଟା ପ୍ରଡକ୍ଟ ତନେଇରା ସାବିତ୍ରୀ ବ୍ରତର ଉତ୍ସବ ଭାବନା ସହିତ ଗ୍ରାହକଙ୍କ ପାଇଁ ଆଣିଛି ସ୍ୱତନ୍ତ୍ର ‘ଇନାୟା’ ସମ୍ଭାର। ଏହାସହିତ ସ୍ୱତନ୍ତ୍ର ଫେଷ୍ଟିଭ୍ ଅଫର ଉପଲବ୍ଧ । ଅଫର ଅନ୍ତର୍ଗତ ଗ୍ରାହକ ଚଳିତମାସ ୫ରୁ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଥିବା ଯେକୌଣସି ତନେଇରା ଷ୍ଟୋରରୁ ୨ଟି ପ୍ରଡକ୍ଟ କ୍ରୟ ଉପରେ ୧୫% ଏବଂ ୩ଟି ପ୍ରଡକ୍ଟ କ୍ରୟରେ ୨୦% ରିହାତି ପାଇପାରିବେ । ନିର୍ଦ୍ଦିଷ୍ଟ ଉତ୍ପାଦ ଉପରେ ଏ ଅଫର ଉପଲବ୍ଧ । ସାବିତ୍ରୀ ବ୍ରତର ସାମାଜିକ ଓ ସାଂସ୍କୃତିକ ମହତ୍ୱକୁ ବୁଝି ଗ୍ରାହକଙ୍କୁ ପରମ୍ପରା ସହ ଜଡ଼ିତ ଅର୍ଥପୂର୍ଣ୍ଣ ଅନୁଭୂତି ଦେବା ଲାଗି ବ୍ରାଣ୍ଡର ପ୍ରତିବଦ୍ଧତାର ପ୍ରତୀକ ହେଉଛି ଏ ଅଫର। ଇନାୟା କଲେକ୍ସନରେ ଆବ୍ଷ୍ଟ୍ରାକ୍ଟ ଫ୍ଲୋରାଲ, ଲେୟର୍ଡ ଟେକ୍ସଚର ଏବଂ ସବଲ୍ ଜୋମେଟ୍ରିକ୍ ଉପାଦାନଗୁଡ଼ିକ ଏକତ୍ର ଭାବେ



ତରଳତା ଏବଂ ଗଠନ ମଧ୍ୟରେ ଏକ ସନ୍ତୁଳନ ସୃଷ୍ଟି କରନ୍ତି। ପତଳା କପଡ଼ା ଆକାଶ ପରି ଝଲସିଥାଏ। ଅନ୍ୟପକ୍ଷରେ ଜଟିଳ ବୁଣା ଏବଂ ଏମ୍ବ୍ରୋଡୋରୀ କାର୍ଯ୍ୟ ପୋଷାକରେ ଗଭୀରତା ଏବଂ ବିସ୍ତାର ଯୋଡ଼ିଥାଏ। ପ୍ୟାଲେଟ୍ ପ୍ରକୃତିର କ୍ଷଣସ୍ଥାୟୀ ମୁହୂର୍ତ୍ତ, ଉତ୍କଳ ସଂଧ୍ୟା ଏବଂ ସମୃଦ୍ଧ ମାଟିର ସ୍ୱରରୁ ଆକର୍ଷିତ ହୁଏ, ଯାହା ସ୍ଥିରତା ଅପେକ୍ଷା ପରିବର୍ତ୍ତନକୁ କଏଦ କରେ। ଇନାୟା ଜରିଆରେ ତନେଇରା ଏପରି ଶାଢ଼ି ଗୁଡ଼ିକୁ ଉନ୍ମୋଚନ କରିଛି, ଯାହା ଆଧୁନିକ ମହିଳାଙ୍କ ବିକଶିତ ପରିଚୟ ସହ ପ୍ରତିଧ୍ୱନିତ ହୁଏ।

## ୟୁଏନ ହାବିଟାଟର ୟଙ୍ଗ ଗେମ ଚେଞ୍ଜର ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ

ଜଟଣୀ, (ସବ୍ୟୁ) : ଜଟଣୀ ପୌର ପରିଷଦ ପକ୍ଷରୁ ୟୁଏନ ହାବିଟାଟର ୟଙ୍ଗ ଗେମ ଚେଞ୍ଜର ଇନିସିଏଟିଭ କାର୍ଯ୍ୟକ୍ରମ ଅନ୍ତର୍ଗତ ଆରମ୍ଭ ହେବାକୁ ଥିବା ୱାର୍ଡ ସଂଖ୍ୟା ୦୭ ଅଧୀନ ମୁଣ୍ଡିଆ ସାହି ପାର୍କ ଏବଂ ଖେଳପଡିଆ ଉନ୍ନତିକରଣ ପ୍ରକଳ୍ପ ଏବଂ ୱାର୍ଡ ସଂଖ୍ୟା ୧୧ ଅଧୀନ ମା ଉତ୍ତରାୟଣୀ ଯୁବକ ସଙ୍ଘ ଖେଳ ପଡିଆ ଉନ୍ନତିକରଣ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସ୍ଥାନୀୟ ମୁଣ୍ଡିଆ ସାହି ଖେଳ ପଡିଆରେ ଭୁବନେଶ୍ୱରର ମାନ୍ୟବର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ଜଟଣୀର ମାନ୍ୟବର ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ୟୁଏନ ହାବିଟାଟର କଣ୍ଟ୍ରି ପ୍ରୋଗ୍ରାମ ମ୍ୟାନେଜର ନୀଲେଶ ପ୍ରକାଶ ରାଜଧକ, ସମାଜସେବୀ ବିଶ୍ୱରଂଜନ ବଡ଼ଜେନା, ପୂର୍ବତନ ଯୋଗାଣ ନିଗମ ଅଧ୍ୟକ୍ଷ ସୁଦୀପ୍ତ ରାୟ, ପାରିଷଦ ବୃନ୍ଦ, ୟୁଏନ ହାବିଟଟର ଅନ୍ୟ ଅଧିକାରୀ ଯଥା ସନ୍ଦୀପନ ଷଡ଼ଙ୍ଗୀ, ରିଙ୍କି ହଲଦାର, ସ୍ମିତି ପଡେଲେଙ୍କ ସହ ସହ ଶହଶହ ସାଧାରଣ ଲୋକେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମୁଣ୍ଡିଆ ସାହି ଖେଳ ପଡିଆ ଉନ୍ନତିକରଣ ପାଇଁ ୬୩. ୨୯ ଲକ୍ଷ ଟଙ୍କା ଅନୁମୋଦିତ ହୋଇଥିବା ବେଳେ ମା ଉତ୍ତରାୟଣୀ ଖେଳ ପଡିଆ ଉନ୍ନତିକରଣ ପାଇଁ ୧୬. ୨୨ ଲକ୍ଷ ଟଙ୍କା ଅନୁମୋଦିତ ହୋଇଅଛି ଯାହାକି ଉକ୍ତ ପ୍ରକଳ୍ପ ପାଣ୍ଠିରୁ ଖର୍ଚ୍ଚ କରାଯାଇ ବସ୍ତି ଅଞ୍ଚଳରେ ବସବାସ କରୁଥିବା ଯୁବ ପିଢ଼ିଙ୍କ ନିମନ୍ତେ ବ୍ୟବହୃତ ହେବ।

## ଓଡିଶା ସଚିବାଳୟ କର୍ମଚାରୀ କ୍ରୀଡା ସଂଘର କାର୍ଯ୍ୟନିର୍ବାହୀ ସମିତି ଗଠନ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ସଚିବାଳୟ କର୍ମଚାରୀ କ୍ରୀଡା ସଂଘର ସାଧାରଣ ପରିଷଦ ବୈଠକରେ ୨୯ ତାରିଖରେ ଭୁବନେଶ୍ୱରରୁ ଲୋକସେବା ଭବନ ସ୍ଥିତ ସଂଘ କାର୍ଯ୍ୟାଳୟରେ ସାଧାରଣ ସଂପାଦକ ହର ପ୍ରସାଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର ସଦସ୍ୟମାନେ ଏହି ବୈଠକରେ ସକ୍ରିୟ ଭାଗ ନେଇଥିଲେ। ସଂଘ ସରକାରୀ କର୍ମଚାରୀଙ୍କ ମଧ୍ୟରେ କ୍ରୀଡା ଓ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହନ ଦେଇ ଆସୁଛି ଏବଂ ନିୟମିତ ଭାବରେ ଫୁଟବଲ୍, ଭଲିବଲ୍, କ୍ରିକେଟ, କବାଡୀ, ହକି, କ୍ୟାରାମ ଓ ଖୋଖୋ ଇତ୍ୟାଦି ବିଭିନ୍ନ କ୍ରୀଡାର ଆନ୍ତର୍ବିଭାଗୀୟ ପ୍ରତିଯୋଗିତା ଆୟୋଜନ କରୁଛି। ଏହାବ୍ୟତୀତ ପ୍ରତିବର୍ଷ ବିଭିନ୍ନ କ୍ରୀଡାରେ ୧୦-୧୨ ଟି ଦଳକୁ (ମହିଳା ଦଳ ସହିତ) ରାଷ୍ଟ୍ରୀୟ ସ୍ତରରେ ଆୟୋଜିତ ପ୍ରତିଷ୍ଠିତ ଅଲ ଇଣ୍ଡିଆ ସିଭିଲ ସର୍ଭିସେସ କ୍ରୀଡା ପ୍ରତିଯୋଗିତାରେ ରାଜ୍ୟ ପକ୍ଷରୁ ଅଂଶଗ୍ରହଣ କରିବାକୁ ସଂଘ ପକ୍ଷରୁ ସୁବିଧା ପ୍ରଦାନ କରାଯାଏ। ସଂଘ କାର୍ଯ୍ୟକଳାପକୁ ଅଧିକ ସୁଦୃଢ ଓ ସକ୍ରିୟ କରିବା ପାଇଁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ଏଥିରେ ସଭାପତି ହରପ୍ରସାଦ ବିଶ୍ୱାଳ ଉପସଭାପତି ଜୟନ୍ତ କୁମାର ମହାନ୍ତି ଓ ରଂଜନ ମେହେର ସାଧାରଣ ସଂପାଦକ ନୃସିଂହ ଚରଣ ପୃଷ୍ଟି, ସଂପାଦକ (କ୍ରୀଡା) ଅକ୍ଷୟ କୁମାର ପରିଡା, ସଂପାଦକ (ଏଆଇସିଏସ ) ଦେବରାଜ ନାୟକ, ସଂପାଦକ (ସଂଗଠନ) ଆଲୋକ ମହାରଣା , କୋଷାଧ୍ୟକ୍ଷ ଦୀନେଶ କୁମାର ପଲ୍ଲାଇ , ସହକାରୀ ସଂପାଦକ କ୍ରୀଡା ବିଚିତ୍ର ପ୍ରଧାନ, ସହକାରୀ ସଂପାଦକ (ଏଆଇସିଏସ ) ପୂର୍ଣ୍ଣପ୍ରତାପ ଦେହୁରୀ , ସହକାରୀ ସଂପାଦକ (ସଙ୍ଗଠନ) ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ ଓ ନିରୀକ୍ଷକଭାବେ ବିପ୍ଳବ କୁମାର ସାହୁ ନିର୍ବାଚିତ ହୋଇଛନ୍ତି।

## ଶ୍ରୀଜଗନ୍ନାଥଙ୍କ ନାମରେ ସ୍ୱତନ୍ତ୍ର ଚ୍ୟାନେଲ ଗଠନ ନେଇ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ସବୁ ଓଡ଼ିଆଙ୍କ ଆରାଧ୍ୟ ଦେବତା ତଥା ବିଶ୍ୱବାସୀଙ୍କ ହୃଦୟରେ ବିରାଜମାନ କରୁଥିବା ଜଗତର ନାଥ ଜଗନ୍ନାଥଙ୍କ ନାମରେ ଏକ ସ୍ୱତନ୍ତ୍ର ଟିଭି ଚ୍ୟାନେଲ କରିବା ନେଇ ଏକ ଆଲୋଚନା ବୈଠକ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ପ୍ରସ୍ତାବିତ ନୂତନ ଚ୍ୟାନେଲର ରୂପରେଖ, ଦୈନିକ କାର୍ଯ୍ୟକ୍ରମ, ଜଗନ୍ନାଥ ସଂସ୍କୃତିର ପରିବ୍ୟାପ୍ତି, ଭକ୍ତଙ୍କ ମନରେ ଜଗନ୍ନାଥଙ୍କୁ ନେଇ ଥିବା ଭାବନାର ପରିପ୍ରକାଶ ନେଇ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଚ୍ୟାନେଲ ପ୍ରତିଷ୍ଠା ନେଇ ପ୍ରାଥମିକ ପର୍ଯ୍ୟାୟରେ ଥିବା ଏହି ଆଲୋଚନା ବେଶ୍ ସକାରାତ୍ମକ



ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିବା ସହ ଜଗନ୍ନାଥ ସଂସ୍କୃତିକୁ ନେଇ ସାରା ବିଶ୍ୱବାସୀଙ୍କୁ ଅବଗତ କରାଇବା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଅଧିକ ଗବେଷଣା ଓ ଆଲୋଚନା ସହ ଜଗନ୍ନାଥଙ୍କ ମହିମା ଓ ଭାବାବେଗ ନେଇ ଭକ୍ତଙ୍କ ଅନୁଭୂତିକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ନେଇ ଆସିଥିବା ପ୍ରସ୍ତାବ ଉପରେ ରାଜ୍ୟ ସରକାର ଅତି ସକାରାତ୍ମକ ଭାବେ ଚିନ୍ତା କରୁଛନ୍ତି ।

## ଶ୍ରୀକୃଷ୍ଣ ମଣ୍ଡଳ ତରଫରୁ ମହିଳା ଆକ୍ରୋଶ ସମାବେଶ




ଭୁବନେଶ୍ୱର, (ସବ୍ୟୁ) : ମହିଳାଙ୍କ ଅଧିକାର, ସମ୍ମାନ ଓ ସଂରକ୍ଷଣ ପ୍ରତି ବିରୋଧୀ ଦଳଙ୍କ ନକାରାତ୍ମକ ମନୋଭାବ ବିରୋଧରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ ‘ମହିଳା ଆକ୍ରୋଶ ସମାବେଶ’ ଆୟୋଜିତ ହୋଇଯାଇଛି । ଉତ୍ତର ଭୁବନେଶ୍ୱର ଶ୍ରୀକୃଷ୍ଣ ମଣ୍ଡଳର ସଭାପତି ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଏହି ଆକ୍ରୋଶ ରାଲିରେ କଳା ପୋଷାକ ପରିଧାନ କରି ପ୍ରାୟ ୩୦୦ରୁ ଅଧିକ ମହିଳା ସାମିଲ ହୋଇ ବିରୋଧୀ ଦଳଙ୍କ ମହିଳା ବିରୋଧୀ ମନୋଭାବକୁ କଡା ଭାଷାରେ ନିନ୍ଦା କରିଥିଲେ। ଏହି ମହିଳା ଆକ୍ରୋଶ ଶୋଭାଯାତ୍ରା ଜୟଦେବ ବିହାର ଭଗବତୀ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇ ଭିଲେଜ ହସ୍ପିଟାଲ ପର୍ଯ୍ୟନ୍ତ ଯାଇଥିଲା। ପରେ ଆୟୋଜିତ ସମାବେଶକୁ ଦଳୀୟ ନେତୃବୃନ୍ଦ ସମ୍ବୋଧିତ କରିଥିଲେ। ଏହି ସମାବେଶରେ ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜିଲ୍ଲା କାର୍ଯ୍ୟକର୍ତା, ଜିଲ୍ଲା ଉପସଭାପତି ସୁଶାନ୍ତ ଜେନା, ରାଜ୍ୟ କାର୍ଯ୍ୟକର୍ତ୍ତା ରଶ୍ମି ରଞ୍ଜନ କାନୁନଗୋ, ମଣ୍ଡଳ ପ୍ରଭାରୀ ଦିଲ୍ଲୀପ କୁମାର ମହାନ୍ତି, ଜିଲ୍ଲା ସଂଖ୍ୟା ଲଘୁ ସଭାପତି ସତ୍ୱର୍ ସିଂ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରତୀକ୍ଷା ପଣ୍ଡା, ଉପ ସଭାନେତ୍ରୀ ଡା. ସ୍ୱାତୀ ମହାନ୍ତି, ଚିତ୍ରଲେଖା ମହାନ୍ତି ଏବଂ ମଣ୍ଡଳର ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ନାବାଳିକାକୁ ଅସଦାଚରଣ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଂଚାୟତର ଗୋଡିପାଟଣା ଗ୍ରାମେର ଜନୈନିକ ତେଜରାତି ଦୋକାନୀ ଦୋକନକୁ ଯାଇଥିବା ଜଣେ ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗ ଥାନାରେ ହୋଇଛି। ପୁଲିସ ଘଟଣାକୁ ଗୁରୁତ୍ୱ ଦେଇ ଅଭିଯୁକ୍ତ ପାଖରେ ପହଂଚିବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଛି। ଖୁବ ଶିଘ୍ର ପିଡିତାକୁ ନ୍ୟାୟ ଦେବା ପାଇଁ ଅଭିଯୁକ୍ତକୁ ପୁଲିସ ଗିରଫ କରିବ ବୋଲି ପୁଲିସ ଦୃଢୋକ୍ତି ପ୍ରକାଶ କରିଛି।

## ଖଣି ଓ ପୁଲିସ ମିଳିତ ଚଢାଉ, ବାଲି ବୋଝେଇ ଟ୍ରାକ୍ଟର ଜବତ

ପାଣିକୋଇଲି ,(ସବ୍ୟୁ) : ପୁଲିସ ଓ ଖଣି ବିଭାଗର ମିଳିତ ଚଢାଉ ଫଳରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ପାଣିକୋଇଲି ଥାନା ଜିମା ଦିଆଯାଇଛି। ପ୍ରକାଶଯେ ବେଆଇନଭାବେ ବାଲି ଚାଲାଣ ଅଭିଯୋଗ କ୍ରମେ ମିଳିତ ଚଢାଉ କରାଯାଇଥିଲା। ଏକ ଟ୍ରାକଫର ବାଲି ନେଇ ଯାଉଥିବା ବେଳେ କାଗଜାଦି ନଦେଖାଇ ପାରିବାରୁ ତାକୁ ଜବତ କରାଯାଇଛି।

ସଦରଥାନା ପୁଲିସ ର ସଫଳତା।

# ଡିଲ୍ ବେଳେ ମାଡିବସିଲା ପୁଲିସ, ୨୫୯ ଗ୍ରାମ ବ୍ରାଉନସୁଗର ଜବତ୍: ୪ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ବ୍ରାଉନସୁଗର ଧରପଗଡ ରେ ସଦରଥାନା ପୁଲିସକୁ ମିଳିଛି ସଫଳତା। ଝିଙ୍କିଝାରୀ ମୌଜାରେ ରହିଥିବା ଗ୍ରୀନ୍ ଲେକ୍ (ଓଡ଼ିଶା ସାଇକ୍ଲୋନ୍ ଲେକ୍) ନିକଟରେ ଚାଲିଥିଲା ବ୍ରାଉନସୁଗର ଡିଲ୍। ମାଲ ଦେବାନେବା ବେଳେ ମାଡି ବସିଲା ସଦର ପୁଲିସ। ଏହି ଘଟଣାରେ ୩ଜଣ ବେପାରୀଙ୍କ ସହ ଜଣେ ଗ୍ରାହକ କୁ ପୁଲିସ ଗିରଫ କରିଛି। ଗିରଫମାନେ ହେଲେ ଦଧିମାଛଗାଡିଆର ବଳରାମ ଦଳେଇ ଓରଫ୍ ରାଜା (୨୬), ସୌରଜିତ୍ ବିଶ୍ୱାଳ ଓରଫ ସୌରଜିତ୍ (୨୧), ଦୀପକ ପାତ୍ର (୨୧) ଓ ଗ୍ରାହକ ଡେଲାଙ୍ଗ ଥାନା ହରି ରାଜପୁର ର ସୌମ୍ୟରଞ୍ଜନ ରାୟ (୨୨) ।ସେମାନଙ୍କ ଠାରୁ ୨୫୯ ଗ୍ରାମ ବ୍ରାଉନ୍ ସୁଗାର୍, ନଗଦ୩୦ ହଜାର ଟଙ୍କା, ୪ଟି ସ୍ମାର୍ଟଫୋନ୍, ଓଡି. ୩୩-ଏଲ-୮୬୧୫ ନଂ ବିଶିଷ୍ଟ ହିରୋ ଏଚ୍.ଏଫ୍ ଡିଲକ୍ସ ଓ ଓଡି.୧୩-ୱାଇ-୭୮୫୪ ନଂ ବିଶିଷ୍ଟ ଏକ ପଲସର ୨୨୦ ବାଇକ୍ କୁ ଜବତ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨୫ଲକ୍ଷ ରୁ ଉର୍ଦ୍ଧ୍ୱ ହେବ।

ସୂଚନାନୁସାରେ, ସଦର ଥାନାର ଏସ୍.ଆଇ୍ ସୁଜାତା ପଲାଇ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏସ୍.ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଆଡିସିନାଲ ଏସ୍.ପି ନିହାର ରଞ୍ଜନ ପ୍ରଧାନ ଓ ସଦର ଥାନା ଅଧିକାରୀ ବାସୁଦେବ



ଜୟସିଂହ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇ ଏସ୍. ଆଇ୍ ସୁଜାତା ପଲାଇଙ୍କୁ ଚଢଉ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସୁଜାତା ପଲାଇ ଏକ ଟିମ୍ କୁ ନେଇ ଝିଙ୍କିଝାରୀ ମୌଜାରେ ରହିଥିବା ଗ୍ରୀନ୍ ଲେକ୍ (ଓଡ଼ିଶା ସାଇକ୍ଲୋନ୍ ଲେକ୍) ନିକଟରେ ଏକ ବଡଧରଣର ଚଢ଼ାଉ କରିଥିଲେ। ଘଟଣାସ୍ଥଳରେ ଦଧିମାଛଗାଡିଆର ବଳରାମ, ସୌରଜିତ୍, ଦୀପକ ଓ ସୌମ୍ୟରଞ୍ଜନ ପ୍ରମୁଖ ୪ଜଣ ବ୍ରାଉନ୍ସୁଗର୍ ବିକ୍ରି ପାଇଁ ଏକାଠି ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ତଲାଶୀ ବେଳେ ବଳରାମ ଠାରୁ ୧୬୦ଗ୍ରାମ ବ୍ରାଉନ୍ସୁଗର୍ ଓ ଏକ ଫୋନ୍, ସୌରଜିତ୍ ଠାରୁ ୧୦୫ ଗ୍ରାମ ବ୍ରାଉନ୍ସୁଗର, ଏକ ଫୋନ୍ ଓ ହିରୋ ବାଇକ୍, ଦୀପକ ଠାରୁ ଏକ ଫୋନ୍, ଏବଂ ସୌମ୍ୟରଞ୍ଜନ ଠାରୁ ପଲସର ବାଇକ୍, ଏକ ଆଇଫୋନ୍ ଓ ୩୦ ହଜାର ଟଙ୍କା ଜବତ କରିଛି ପୁଲିସ। ବ୍ରାଉନସୁଗର ବିକ୍ରୀ ଅଭିଯୋଗରେ ୨୦୦/୨୬ନଂ କେଶ ରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ସଦରଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଡିସିନାଲ ଏସ୍.ପି ନିହାର ରଞ୍ଜନ ପ୍ରଧାନ ଓ ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ଉପସ୍ଥିତ ଥିଲେ।

ଖୋର୍ଦ୍ଧା ସହର ରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବୃଦ୍ଧି ପାଇଁ ଗ୍ରାମାଂଚଳ ପର୍ଯ୍ୟନ୍ତ ପହଁଚିଲାଣି। ମହିଳା, ଛାତ୍ର, ଯୁବକ ମାନେ ଏହାକୁ ରୋଜଗାର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି । ବାଲେଶ୍ୱର, ଜଲେଶ୍ୱର ପ୍ରଭୃତି ଅଂଚଳରୁ ବ୍ରାଉନସୁଗାର ଖୋର୍ଦ୍ଧାକୁ ଆସୁଛି ।ଏଠାରୁ ବିଭିନ୍ନ ମାଧ୍ୟମରେ ଚାରିଆଡେ ପଠାଯାଉଛି। ବିଶେଷତଃ ଯୁବପିଢି ଏହାର ଶିକାର ହେବାରେ ଲାଗିଛନ୍ତି। ଦିନକୁ ଦିନ ଖୋର୍ଦ୍ଧା ସହର ଓ ଉପକଣ୍ଠ ର ଯୁବପିଢି ଏବଂ ଛାତ୍ର ମାନଙ୍କୁ ଗ୍ରାସୀବାରେ ଲାଗିଛି। ବିଶେଷତଃ ୨୦ରୁ ୨୫ବର୍ଷ ଯୁବକ ଏହି କାରବାରରେ ଲିପ୍ତ ରହୁଥିବା ପୁଲିସ ଠାରୁ ସୂଚନା ମିଳିଛି। ଏନେଇ ବୁଦ୍ଧିଜିବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବୁଧବାର ଟାଙ୍ଗୀ ଥାନା ଅନ୍ତର୍ଗତ ତଳଗଡ କୁହୁଡି ବେଣିପଥର ରାସ୍ତାରେ ଚଢଉ କରି ପୁଲିସ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଜେମାଦେଇପୁର ରେ ଅସ୍ଥାୟୀ ଭାବେ ରହୁଥିବା ବୌଦ୍ଧ ଜିଲ୍ଲା ରଞ୍ଜନାପଲ୍ଲୀ ର ଆକାଶ ସେଠୀ, ବାଲେଶ୍ୱର ଜିଲ୍ଲା ସହଦେବଖୁଁଟ ଥାନା ଅଧିନସ୍ଥ ଅଦରବଜାର ର ଏସ୍.କେ. ଅସରଫ୍ ଓରଫ ବାଉତି ଓ ଉକ୍ତ ଜିଲ୍ଲା ସୋର ଥାନା ଅଧିନସ୍ଥ ଅଭଣା ର ଅତାସି ରଞ୍ଜନ ମାଝୀ ଓରଫ୍ ବାପୁ ପ୍ରମୁଖ ୩ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୫ଶହ ଗ୍ରାମ ଓଜନର ଧଳା ଜହର (ବ୍ରାଉନସୁଗର) ଗୋଟେ ବୋଲେରୋ, ଗୋଟେ ମୋଟରସାଇକେଲ, ୭୦ ହଜାର ଟଙ୍କା, ତିନୋଟି ମୋବାଇଲ ଫୋନ, ପ୍ରାୟ ୪ ଭରି ଓଜନ ର ବିଭିନ୍ନ ସୁନା ଅଳଙ୍କାର କୁ ପୁଲିସ ଜବତ କରିଥିଲା। ଜବତ ବ୍ରାଉନସୁଗର ର ମୂଲ୍ୟ ୫୦ ଲକ୍ଷ ଟଙ୍କା ବୋଲି ପୁଲିସ ଆକଳନ କରିଛି।

## ଅବସର ପାଳକ ସୁମନ ରାଇକାଙ୍କୁ ଅଶ୍ରୁଳ ବିଦାୟ



ଭୁବନେଶ୍ୱର (ସବ୍ୟୁ): ଗରିବ,ଅସହାୟ,ଆଦିବାସୀ ଓ ନିଷ୍ପେସିତ ମଣିଷଙ୍କ ସାଥି ଅବସର ପାଳକ ସୁମନ ରାଇକାଙ୍କ ୧୦୭ ବର୍ଷରେ ଦେହାନ୍ତ ହୋଇଯାଇଛି। ମାତ୍ର ୧୪ବର୍ଷ ବୟସରେ ଲୋକଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ସୁମନ ରାଇକା, ଗଜପତି ଜିଲ୍ଲାର ପାହାଡିଆ ଓ ଅପହଞ୍ଚ ଇଲାକାରେ ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନାଗମନର ବିକାଶ ପାଇଁ କାର୍ଯ୍ୟ କରି ଆସୁଥିଲେ। ସବୁଠାରୁ ବଡ କଥା ହେଲା ଜଣେ ଭଲ ମଣିଷ ଭାବରେ ସୁମନ ରାଇକା ପୁରା ଗଜପତି ଜିଲ୍ଲାରେ ବେଶ୍ ଖ୍ୟାତି ହାସଲ କରିଥିଲେ। ସ୍ୱର୍ଗତ ସୁମନଙ୍କ ହାତଗଢା ଅନେକ ମଣିଷ ଏବେ ଦେଶ ବିଦେଶରେ ବହୁ ଉଚ୍ଚପଦବୀରେ ଅଧିଷ୍ଠିତ ହୋଇଥିବା ବେଳେ, ଗଜପତି ଆତରସିଂ ଏରିଆ ମଣ୍ଡଳୀର ସଂପୂର୍ଣ୍ଣ ବିକାଶ ପାଇଁ ସେ ନିଜକୁ ସମର୍ପି ଦେଇଥିଲେ। ମାଟିର ମଣିଷକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ତାଙ୍କର ଉତ୍ସର୍ଗୀକୃତ ସେବା ଯୋଗୁ ଏ ଅଞ୍ଚଳର ଲୋକମାନଙ୍କ ବିକାଶ ହୋଇପାରିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ମହାନ ବ୍ୟକ୍ତିଙ୍କୁ ଶେଷ ସମ୍ମାନ ଜଣାଇ ଅଶ୍ରୁଳ ବିଦାୟ ଦେଇଛନ୍ତି ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ, ସେ କହିଛନ୍ତି ଯେ ସମାଜର ଶେଷ ଧାଡିରେ ଥିବା ମଣିଷର ବିକାଶ ପାଇଁ ସ୍ୱର୍ଗତ ସୁମନ ରାଇକା କାର୍ଯ୍ୟ କରି ଆସୁଥିଲେ। ବୟସର ଅପରାହ୍ନରେ ମଧ୍ୟ ସେ ସମାଜ ସେବାକୁ ଛାଡିପାରିନଥିଲେ। ଏହି ମହାନ ବ୍ୟକ୍ତିଙ୍କ ବିୟୋଗ ଏ ଅଞ୍ଚଳ ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସୁମନ ରାଇକାଙ୍କ ବିୟୋଗରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ବ୍ଲକ୍ ଚେୟାରମ୍ୟାନ୍ ଲକ୍ଷ୍ମୀ ଶବର, ଜିଲ୍ଲା ବିଜେଡି ସାଧରଣ ସଂପାଦକ ଜଗବନ୍ଧୁ ଦାଶ ପ୍ରମୁଖ ମୃତ ଶରୀର ନିକଟରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ରାଜଧାନୀ ଉପକଣ୍ଠରେ ଯୁବକଙ୍କୁ ପିଟି ପିଟି ମାରିଦେବା ଘଟଣା

# ରାଜ୍ୟରେ ଭୁଶୁଡ଼ି ଗଲାଣି ଆଇନର ଶାସନ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜଧାନୀ ଉପକଣ୍ଠ ବାଲିଅନ୍ତା ରାମଚନ୍ଦ୍ରପୁର ବ୍ରିଜ୍ ନିକଟରେ ପୋଲିସ୍ର ଉପସ୍ଥିତିକୁ ଭୃକ୍ଷେପ ନ କରି ପିଟି ପିଟି ଜଣେ ଯୁବକଙ୍କୁ ମାରିଦେବା ଘଟଣା ଦୁର୍ଭାଗ୍ୟଜନକ ଓ ରାଜ୍ୟରେ ଆଇନର ଶାସନ ଭୁଶୁଡ଼ି ପଡ଼ିଛି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ, ଗତ ୧ ସପ୍ତାହ ମଧ୍ୟରେ ରାଜ୍ୟରେ ବୃଦ୍ଧି ପାଉଥିବା ଜଘନ୍ୟ ଅପରାଧ ଓ ହତ୍ୟାକାଣ୍ଡ ଆଗରୁ କେବେ ଦେଖିବାକୁ ମିଳିନଥିଲା । ବିଜେପି ସରକାରକୁ ଆସିଲା ପରେ ରାଜ୍ୟ ଗୃହ ବିଭାଗର ଅପାରଗତା ଲାଗି ଆଜି ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି ।

ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଶାନ୍ତିପ୍ରିୟ ଓଡ଼ିଶାରେ ପ୍ରତ୍ୟେକ ଦିନ ଘଟୁଥିବା ହିଂସାକାଣ୍ଡ ପାଇଁ ରାଜ୍ୟବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ହିଞ୍ଜିଳିରେ ସ୍ପଷ୍ଟ ଦିବାଲୋକରେ ଜଣେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଓ କଣାସରେ ଜଣେ ଯୁବକଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ସମସ୍ତଙ୍କୁ ବିଚଳିତ କରିଥିବା ବେଳେ ଆଜିର ଘଟଣା ପରେ ପୋଲିସ୍ ପ୍ରଶାସନିକ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ତୁଟିଯାଇଛି ।

ତୁମ୍ବନାଥ ପଣ୍ଡା କହିଥିଲେ ଯେ, ପ୍ରଚାର ସର୍ବସ୍ୱ ସରକାର ଆଇନର ଶାସନ ପ୍ରତି ସମ୍ପୂର୍ଣ୍ଣ ସମ୍ବେଦନହୀନ ହୋଇପଡ଼ିଥିବାର ଫଳ ପ୍ରତିଦିନ ରାଜ୍ୟବାସୀ ଭୋଗୁଛନ୍ତି । ସରକାରଙ୍କ ଅପାରଗତା ଲାଗି ରାଜ୍ୟରେ ଉଦ୍‌ବେଗଜନକ ଭାବେ ହିଂସାକାଣ୍ଡ ବୃଦ୍ଧି ପାଉଛି । ବିଭତ୍ସ ଘଟଣାମାନ ଘଟିଲା ପରେ ସରକାରଙ୍କ ନିଦ ଭାଙ୍ଗୁଛି ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସରକାର କହୁଛନ୍ତି । କିନ୍ତୁ ଅପରାଧ ନିରାକରଣ ପାଇଁ କୌଣସି ପଦକ୍ଷେପ ସରକାର ନେଉନାହାନ୍ତି ।

## ଜୁଆ ଆଡ୍ଡା ଉପରେ ଚଢ଼ଉ: ୧୩ ଗିରଫ

କଟକ,(ସବ୍ୟୁ): ସହରକୁ ସମ୍ପୂର୍ଣ୍ଣ ଭାବେ ଜୁଆଡିମୁକ୍ତ କରିବାକୁ ପୁଲିସର ସ୍ୱତନ୍ତ୍ର ଅଭିଯାନ କରାଯାଉଛି । କଟକ କମିସନରେଟ୍ ପୁଲିସ ବଜ୍ରକବାଟି ରୋଡ ମହାବୀର ଗାଲାକ୍ସିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ଉ କରିଥିଲା । ହୋଟେଲରେ ରାତି ଅଧରେ ଚାଲିଥିବା ଏହି ଜୁଆ ଆଡ୍ଡାରେ ଚଢ଼ଉ କରି ୧୩ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ କଟକ ସମେତ ପୁରୀ, ଭଦ୍ରକ, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାର ଜୁଆଡ଼ି ବୋଲି ପୁଲିସ ଜାଣିବାକୁ ପାଇଛି । ସେମାନଙ୍କ ନିକଟରୁ ନଗଦ ୧୮ ଲକ୍ଷ ୩୦ ହଜାର ୭୩୦ ଟଙ୍କା, ୬୦ଟି ପ୍ଲାଷ୍ଟିକ ରାଉଣ୍ଡ ଟୋକନ୍, ୧୦ଟି ଗାଡ଼ି ଚାବି, ୧୪ଟି ମୋବାଇଲ୍ ଫୋନ୍, ୪ଟି ଖେଳ କାର୍ଡ, ୮ଟି ଗାଡ଼ି(ଦୁଇଟି କାର୍) ଜବତ ହୋଇଛି । ଏହି ଜୁଆ ଆଡ୍ଡାରେ ମାଲଗୋଦାମ କେନାଲ ରୋଡର କ୍ରିଷ୍ଣା ରାଓ ମୁଖ୍ୟ କାର୍ପଟଦାର କୁହାଯାଉଛି । ସେ ହୋଟେଲରେ ଜୁଆଡ଼ିଙ୍କୁ ଏକାଠି କରି ଏଭଳି ବେଆଇନ କାରବାର ଚଲାଇ ଆସିଥିଲା । ବଜ୍ରକବାଟି ରୋଡରେ ଥିବା ହୋଟେଲ୍ ମହାବୀର ଗାଲାକ୍ସିରେ ଗତ ଶୁକ୍ରବାରଠାରୁ ଜୁଆ ଖେଳ ହେଉଥିବା ସମ୍ପର୍କରେ ମଙ୍ଗଳାବାଗ ଥାନା ପୁଲିସ ଖବର ପାଇଥିଲା । ଏହି ଖବର ଆଧାରରେ ୬ ତାରିଖ ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଉକ୍ତ ହୋଟେଲରେ ଚଢ଼ଉ କରିଥିଲା । ରୁମ ନଂ ୧୧୦ରେ ପୁଲିସ ଚଢ଼ଉ କରାଯାଇଥିଲା । ଏହି ଚଢ଼ଉ ବେଳେ ୧୩ ଜଣ ଜୁଆଡ଼ିଙ୍କୁ କାବୁ କରାଯାଇଥିଲା । ସେହି ହୋଟେଲରେ କଟକ ସମେତ ପୁରୀ, ଭଦ୍ରକ ଓ ବ୍ରହ୍ମପୁରର ଜୁଆଡ଼ି ଆସି ଏକାଠି ହୋଇଥିବା ଜଣାପଡ଼ିଥିଲା । ସେମାନଙ୍କୁ ଗିରଫ କରାଯାଇଥିଲା ।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦିବାକର ସାହୁ
ଶ୍ୟାମ ଚରଣପୁର, ଜିଲ୍ଲା : ଢେଙ୍କାନାଳ
ଆବିର୍ଭାବ - ୧୮.୬.୧୯୫୧
ତିରୋଧାନ - ୨୭.୪.୨୦୨୬
ବାପା ଆପଣ ଇହଲୀଳା ସମ୍ବରଣ କରିବାର ତାହୁଁ ତାହୁଁ ଆଜିକୁ ବାର ଦିନ ବିତିଗଲା । ମହାପ୍ରଭୁ ଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ।
ଇତି ଆପଣଙ୍କ ପରିବାରବର୍ଗ :
ଗୀତାଞ୍ଜଳୀ ସାହୁ, (ଝିଅ), ନିରାକାର ସାହୁ (ଜ୍ୱାଇଁ), ବିପ୍ରିସ କୁମାର ସାହୁ (ପୁତ୍ର), ସୁଶ୍ରୀ ସାହୁ (ପୁତ୍ରବଧୂ), ନାତି ଓ ନାତୁଣୀ ।

# ମୁଣ୍ଡ ନୁଆଁଇଲା ଆମେରିକା

## ୟୁ-ଟର୍ଣ୍ଣ ନେବେ କି ଟ୍ରମ୍ପ ?

ୱାଶିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ କେବଳ ନରମ ହୋଇନାହିଁ, ବରଂ ଆମେରିକା ଆତ୍ମସମର୍ପଣ ମୋଡରେ ଥିବା ପରି ମନେ ହେଉଛି। ଇରାନ ଅସ୍ତ୍ରବିରତି ଉଲ୍ଲଂଘନ କରିଚାଲିଥିବା ବେଳେ ଆମେରିକା ଏକ ଚୁକ୍ତି ପ୍ରସ୍ତାବ ସହିତ ଇରାନର ଦ୍ୱାର ଠକ୍ ଠକ୍ କରୁଛି। ପ୍ରଶ୍ନ ହେଉଛି ଟ୍ରମ୍ପ ଇରାନର ଜିଦ୍ ଆଗରେ ଆତ୍ମସମର୍ପଣ କରିଛନ୍ତି କି ଏହା ଏକ ଷଡ଼ଯନ୍ତ୍ର। କାରଣ ଯଦି ପଛ ଦିନଗୁଡ଼ିକୁ ଦେଖାଯାଏ ତେବେ ଟ୍ରମ୍ପ ସର୍ବଦା ୟୁ-ଟର୍ଣ୍ଣର ହୋଇଆସିଥିବାର ବହୁ ନଜିର ରହିଛି। ମଧ୍ୟପ୍ରାଚ୍ୟରେ ୪୦ ଦିନର ଯୁଦ୍ଧ ପରେ ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା



କରାଯାଇଛି, କିନ୍ତୁ ଏହି ଯୁଦ୍ଧ ଇରାନକୁ ଏକ ନୂତନ ଶକ୍ତି ଭାବରେ ଉଭା କରିଛି। ଆମେରିକା ଏକ ୧୪-ସୂତ୍ରୀ ଶାନ୍ତି ପ୍ରସ୍ତାବ ଉପରେ ବିଚାର କରୁଛି। ସୁପରପାୱାର ଆମେରିକାର ବିଶ୍ୱସନୀୟତା ଉପରେ ଇରାନ ଲଗାତାର ପ୍ରଶ୍ନ ଉଠାଉଛି। ଯଦିଓ ଆମେରିକା ଇରାନ ନେତୃତ୍ୱ ଉପରେ ଆକ୍ରମଣ କରିଛି,କିନ୍ତୁ କୌଣସି ଶାସନ ପରିବର୍ତ୍ତନ ହୋଇନାହିଁ, ପରମାଣୁ ମିଶନ ବନ୍ଦ ହୋଇନାହିଁ, କିମ୍ବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ଅନ୍ତ ହୋଇନାହିଁ। ବରଂ, ଏହି ଯୁଦ୍ଧ ଇରାନକୁ ହର୍ମୁଜ୍ ପ୍ରଣାଳୀର ନିୟନ୍ତ୍ରଣ ହାସଲ କରିବାର ବଡ଼ ସୁଯୋଗ ଦେଇଛି।ଇରାନ ଅସ୍ତ୍ରବିରତି ଉଲ୍ଲଂଘନ କରି ହର୍ମୁଜ୍ ପ୍ରଣାଳୀ ଏବଂ ୟୁଏଇ ଉପରେ ବୋମା ମାଡ଼ କରିଛି। ଯେତେବେଳେ ବିଶ୍ୱ ଯୁଦ୍ଧର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଅପେକ୍ଷା କରୁଥିଲା, ସେତେବେଳେ 'ମିଷ୍ଟର ୟୁ-ଟର୍ଣ୍ଣ' ଭାବରେ ଜଣାଶୁଣା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କର ନୀତି ପରିବର୍ତ୍ତନ କରିଥିଲେ। ଆମେରିକା ଘୋଷଣା କରିଥିଲା ଯେ, 'ଅପରେସନ୍ ଏପିକ୍ ଫ୍ୟୁରି' ସମାପ୍ତ ହୋଇଛି ଏବଂ ଯୁଦ୍ଧକୁ ଆହୁରି ବଢ଼ାଇବାକୁ ଆମେରିକା ଚାହୁଁନାହିଁ। ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଆମେରିକା ଏକ ଆପୋଷ ବୁଝାମଣା ଚାହୁଛି, ଶାନ୍ତିର ପଥ ଅନୁସରଣ କରିବାକୁ ପସନ୍ଦ କରୁଛି ଏବଂ ଜୀବନ ସ୍ୱାଭାବିକ ହେବା ପାଇଁ ହର୍ମୁଜ୍ ପ୍ରଣାଳୀ ଖୋଲିବା ବିଷୟରେ ଆଲୋଚନା କରିବାକୁ ଚାହୁଛି।

# ସମ୍ରାଟଙ୍କ କ୍ୟାବିନେଟ୍ ସମ୍ପ୍ରସାରଣ

## ୩୨ ନୂଆ ମନ୍ତ୍ରୀ ସାମିଲ ହେଲେ

ପାଟନା: ବିହାରରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧାରୀଙ୍କ ମନ୍ତ୍ରିମଣ୍ଡଳରେ ଗୁରୁବାର ସମ୍ପ୍ରସାରଣ କରାଯିବା ପରେ ୩୨ ଜଣ ନୂଆ ମନ୍ତ୍ରୀ ସାମିଲ ହୋଇଛନ୍ତି। ପାଟନାର ଗାନ୍ଧୀ ମୈଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ବିଜେପି ସଭାପତି ନିତିନ ନବୀନଙ୍କ ଉପସ୍ଥିତିରେ ଜେଡିୟୁ, ବିଜେପି, ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ), ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାର ବିଧାୟକମାନେ ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଚୌଧାରୀଙ୍କ ବ୍ୟତୀତ ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧାରୀ, ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ମିଶାଇଲେ ୩୫ ଜଣ ମନ୍ତ୍ରୀ




ହୋଇଛନ୍ତି। ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ମଧ୍ୟ ମନ୍ତ୍ରୀ ପଦରେ ଶପଥ ଗ୍ରହଣ କରିଛନ୍ତି। ବିଜେପି ନିଜ କୋଟାର ସମସ୍ତ ୧୬ ମନ୍ତ୍ରୀ ପଦ ପୂରଣ କରିଛି, ଜେଡିୟୁ ୧୫ଟି ମନ୍ତ୍ରିପଦ ପୂରଣ କରି ଗୋଟିଏ ଖାଲି ରଖିଛି। ୩୨ ନୂଆ ମନ୍ତ୍ରୀଙ୍କ ମଧ୍ୟରେ ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ୧୯ ଜଣ ସାମିଲ ଥିଲେ। ବିଜେପି ଦଳର ବଡ଼ ନେତା ମଙ୍ଗଳ ପାଣ୍ଡେ, ସୁରେନ୍ଦ୍ର ମେହେଟା ଓ ନାରାୟଣ ପ୍ରସାଦଙ୍କୁ ମନ୍ତ୍ରିପଦ ମିଳିନାହିଁ।ସମ୍ରାଟଙ୍କ କ୍ୟାବିନେଟ୍ରେ ଓବିସି, ଇବିସି, ସବର୍ଣ୍ଣ, ଦଳିତ ଓ ମହାଦଳିତଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରାଯାଇଛି। ରାଜପୁତ ଜାତିରୁ ସର୍ବାଧିକ ୪ ଜଣ ମନ୍ତ୍ରୀ ହୋଇଛନ୍ତି। ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ମଧ୍ୟ ୪ ଜଣ ରାଜପୁତ ମନ୍ତ୍ରୀ ଥିଲେ। କୋଇରି ଓ ଭୂମିହାର ଜାତିରୁ ୩ ଜଣ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି। ଯାଦବ, ବ୍ରାହ୍ମଣ, ସୁଢ଼ି, କୁର୍ମି, ଧାନୁକ, ନିଷାଦ, ଦୁସାଧ, ମୁସହର ଓ ରବିଦାସ ଜାତିର ଦୁଇଜଣ ଲେଖାଏଁ ମନ୍ତ୍ରିପଦ ପାଇଛନ୍ତି। କାନୁ, କଲବାର, କହାର, ପାସି, ତେଲି, ଗଙ୍ଗୋତା ଓ ମୁସଲମାନ ଜାତିରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି।

## ଖୋଲିବ ହର୍ମୁଜ୍ : ଆମେରିକା- ଇରାନ ସହମତି!

ତେହେରାନ : ଆମେରିକା ଏବଂ ଇରାନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ବଡ଼ ଚୁକ୍ତିନାମା ହୋଇଥିବା ଖବର ଆସିଛି। ରିପୋର୍ଟ ଅନୁଯାୟୀ, ଉଭୟ ଯୋଗାଣ ଉପରେ ଏକ ବଡ଼ ପ୍ରଭାବ ପକାଇଥିଲା। ତେଲ ଏବଂ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ରିପୋର୍ଟରେ କୁହାଯାଇଛି , ଅବରୋଧକୁ କମ୍ କରିବା ଏବଂ



ଦେଶ ଆମେରିକୀୟ ନୌସେନା ଅବରୋଧକୁ କମ କରିବାକୁ ଏବଂ ପ୍ରତିବଦଳରେ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ 'ହର୍ମୁଜ୍ ପ୍ରଣାଳୀ'କୁ ପର୍ଯ୍ୟାୟକ୍ରମେ ପୁଣି ଖୋଲିବାକୁ ରାଜି ହୋଇଛନ୍ତି। ଆରବୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗୁରୁବାର ଦୁଇ ଦେଶ ମଧ୍ୟରେ ବର୍ଦ୍ଧିତ ଉତ୍ତେଜନା ପରେ ଏହି ଚୁକ୍ତି ହୋଇଛି।ଆମେରିକା-ଇରାନ ବିବାଦ ଯୋଗୁଁ ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଥିଲା। ଫଳରେ ବିଶ୍ୱ ଶକ୍ତି ଧୀରେ ଧୀରେ ହର୍ମୁଜ୍ ପ୍ରଣାଳୀକୁ ଖୋଲିବା ପାଇଁ ଏକ ଚୁକ୍ତି ହୋଇଛି। ଆଗାମୀ କିଛି ଘଣ୍ଟା ମଧ୍ୟରେ ଏହି ପ୍ରଣାଳୀରେ ଫସି ରହିଥିବା ଜାହାଜଗୁଡ଼ିକୁ ଯିବାକୁ ଅନୁମତି ଦିଆଯିବ।ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଚୁକ୍ତି ବିଶ୍ୱ ବଜାର ଏବଂ ସାମୁଦ୍ରିକ ବାଣିଜ୍ୟକୁ ଆଶ୍ୱସ୍ତି ପ୍ରଦାନ କରିପାରିବ। ତେବେ ଏହି ଚୁକ୍ତି ଉପରେ ଆମେରିକା ଏବଂ ଇରାନ ଦ୍ୱାରା ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତି ଜାରି କରାଯାଇ ନାହିଁ।

## ଅପରେସନ ସିନ୍ଦୂରର ବର୍ଷ ପୂର୍ତ୍ତି ; ସେନାର ସାହସକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ: 'ଅପରେସନ ସିନ୍ଦୂର'କୁ ବର୍ଷେ ପୂରଣ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ତାଙ୍କ ଆକାଉଣ୍ଟର ଡିସ୍ପ୍ଲେ ଫଟୋରେ ଏହାର ଏକ ଫଟୋକୁ ସ୍ଥାନିତ କରିଛନ୍ତି। ଏହାସହିତ ଜାତୀୟ ପତାକା ମଧ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ ତାଙ୍କ ବାର୍ତ୍ତାରେ ଭାରତୀୟ ସେନାବାହିନୀକୁ ଏହାର ଅତୁଳନୀୟ ସାହସ ପାଇଁ ପ୍ରଶଂସା କରିଛନ୍ତି। ପହଲଗାମରେ ନିରୀହ ଭାରତୀୟଙ୍କ ଉପରେ ହୋଇଥିବା ବର୍ବରତାର ଉଚିତ ଜବାବ ଦେଇଛନ୍ତି। ପୂରା ଦେଶ ଆମ ସୈନ୍ୟଙ୍କ ଅଦମ୍ୟ ସାହସକୁ ପ୍ରଶଂସା କରୁଛି ବୋଲି କହିଛନ୍ତି। ଅପରେସନ ସିନ୍ଦୂର ଆତଙ୍କବାଦ ବିରୋଧରେ ଭାରତର ଦୃଢ଼




ଜବାବ ଓ ଜାତୀୟ ସୁରକ୍ଷା ରକ୍ଷା କରିବାକୁ ଅଟଳ ପ୍ରତିବଦ୍ଧତାକୁ ସୂଚାଉଛି। ଆତଙ୍କବାଦକୁ ପରାସ୍ତ କରିବା ଓ ଏହାର ସମସ୍ତ ନେଟୱର୍କକୁ ନଷ୍ଟ କରିବାକୁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ଅଛୁ ବୋଲି ବାର୍ତ୍ତା ଦେଇଛନ୍ତି। ଭାରତୀୟ ବାୟୁସେନା ମଧ୍ୟ ଗତବର୍ଷ ପାକିସ୍ତାନରେ କିପରି ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କରିଥିଲା ତାହାର ଏକ ଭିଡିଓ କ୍ଲିପ୍ ମଧ୍ୟ ସେୟାର କରିଛି। ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଧର୍ମ ପଚାରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହାର ଜବାବରେ ଭାରତ ପକ୍ଷରୁ ସେହିବର୍ଷ ମେ ମାସ ୭ ତାରିଖ ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଭାରତୀୟ ବାୟୁସେନା ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ ୯ଟି ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରି ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିପାତ କରିଥିଲେ।

## ଡେଟିଂ ଆପ୍ ମାଧ୍ୟମରେ ଟାର୍ଗେଟ କରୁଛନ୍ତି ପାକିସ୍ତାନୀ ଗୁଇନ୍ଦା

ନୂଆଦିଲ୍ଲୀ: ପହଲଗାମ ଆକ୍ରମଣ ପରେ ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାକିସ୍ତାନ ଆତଙ୍କିତ। ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଏବେ ଭାରତକୁ କ୍ଷତି ପହଞ୍ଚାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ଏକ ନୂତନ ପଦ୍ଧତି ଆପଣାଇଛି। ପୂର୍ବତନ ର' ଏଜେଣ୍ଟ ଲକି ବିଷ୍ଟ ଆଇଏସ୍ଆଇର ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛନ୍ତି ଏବଂ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଲକି ବିଷ୍ଟ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ଦାବି କରିଛନ୍ତି ଯେ, ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଭାରତ ବିଷୟରେ ଗୁଇନ୍ଦା ସୂଚନା ବାହାର କରିବା ପାଇଁ ଡେଟିଂ ଆପ୍ ମାଧ୍ୟମରେ ଲୋକଙ୍କୁ ହନି ଟ୍ରାପ୍ କରୁଛି। ଡେଟିଂ ଆପ୍ ମାଧ୍ୟମରେ ଲୋକଙ୍କୁ ଫସାଉଛି ଆଇଏସଆଇ। ଭିଡିଓଟି ସେୟାର କରି ସେ କହିଛନ୍ତି,ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଆଇଏସ୍ଆଇ, ଫସାଇବାର ଏକ ନୂଆ ପଦ୍ଧତି ଆପଣେଇଛି। ଅନେକ ଲୋକ ଡେଟିଂ ଆପ୍ ମାଧ୍ୟମରେ ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରିଥାନ୍ତି। ସେମାନେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରି ସୂଚନା ସଂଗ୍ରହ କରନ୍ତି। ଏହି ସମସ୍ତ ସୂଚନା ଶତ୍ରୁ ପାକିସ୍ତାନ କିମ୍ବା ଅନ୍ୟ ଦେଶମାନଙ୍କ ପାଖକୁ ଯାଉଛି। ସେ ଜନସାଧାରଣଙ୍କୁ ଏଭଳି ଲୋକମାନଙ୍କଠାରୁ ଦୂରେଇ ରହିବାକୁ ନିବେଦନ କରିଛନ୍ତି। ପୂର୍ବରୁ, ଏକ ପୋଷ୍ଟରେ, ଲକି ବିଷ୍ଟ ଦାବି କରିଥିଲେ, ଆଇଏସ୍ଆଇ ଭାରତୀୟ ଏବଂ ବେଲୁଚ୍ ଲୋକଙ୍କ ସହିତ ଜଡିତ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକ ଉପରେ ୨୪ ଘଣ୍ଟା ନଜର ରଖୁଛି। ସେ କହିଛନ୍ତି, ମେ' ୨୦୨୫ରେ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ସେନାର ଭୟ ସମସ୍ତେ ଦେଖିଛନ୍ତି। ଯେତେବେଳେ ଡିଜି ଆଇଏସ୍ପିଆର୍ ଅହମ୍ମଦ ସରିଫ ଚୌଧୁରୀ ମୀର ୟାର ବାଲୋଚ୍ ଭଳି ଆକାଉଣ୍ଟର ତାଲିକା ସହିତ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ପରିସ୍ଥିତି ଏପରି ହୋଇଛି ଯେ, ଆଇଏସ୍ଆଇର 'ଡିଜି ଟେକ୍ନିକାଲ୍' ଏବଂ ଆଇଏସ୍ପିଆର୍ର 'ବ୍ରାଭୋ ଡିଭିଜନ୍' ୨୪ ଘଣ୍ଟା ଭାରତୀୟ ଏବଂ ବାଲୁଚ୍ ଆକାଉଣ୍ଟ ଉପରେ ଗୁପ୍ତଚରୀ କରୁଛନ୍ତି ଯାହା ପାକିସ୍ତାନର ବାସ୍ତବତାକୁ ବିଶ୍ୱ ସମ୍ମୁଖରେ ପ୍ରକାଶ କରୁଛି। ଏହା ସେମାନଙ୍କର ହ୍ରାସ ପାଉଥିବା ମନୋବଳ ଏବଂ ଭୟର ସ୍ପଷ୍ଟ ପ୍ରମାଣ ବୋଲି ସେ କହିଛନ୍ତି।

## ମୁଁ ମମତାଙ୍କୁ ହରାଇଥିବାରୁ ପିଏଙ୍କୁ କରାଯାଇଛି ହତ୍ୟା: ଶୁଭେନ୍ଦୁ ଅଧିକାରୀ

କୋଲକାତା : ବେଙ୍ଗଲ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନିଜର ପିଏ ଚନ୍ଦ୍ରନାଥ ରଥଙ୍କ ହତ୍ୟାକାଣ୍ଡକୁ ନେଇ ବଡ଼ ଦାବି କରିଛନ୍ତି। ବୁଧବାର ଉତ୍ତର ୨୪ ପ୍ରଗଣା ସ୍ଥିତ ମଧ୍ୟମଗ୍ରାମ ନିକଟରେ ଚନ୍ଦ୍ରନାଥଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।ଏହି ହତ୍ୟା ପଛରେ ରାଜନୀତିକ ପୂର୍ବାଗ୍ରହ ରହିଥିବା ଶୁଭେନ୍ଦୁ ଅଭିଯୋଗ କରିଛନ୍ତି। ଚଳିତ ବିଧାନସଭା ନିର୍ବାଚନରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ତାଙ୍କରି ଗଡ଼ ଭବାନୀପୁରରେ ଶୁଭେନ୍ଦୁ ହରାଇଥିଲେ। ମମତାଙ୍କୁ ହରାଇଥିବାରୁ ପିଏ ଚନ୍ଦ୍ରନାଥଙ୍କୁ ହତ୍ୟା କରାଯାଇଥିବା ଶୁଭେନ୍ଦୁ ଅଭିଯୋଗ କରିଛନ୍ତି।ଆଜି ଚନ୍ଦ୍ରନାଥଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ପରେ ଶୁଭେନ୍ଦୁ କହିଛନ୍ତି ଯେ "ସେ ମୋ ସହଯୋଗୀ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି। କାରଣ ମୁଁ ମମତା ବାନାର୍ଜୀଙ୍କୁ ଭବାନୀପୁରରେ ହରାଇଥିଲି। ଏହା ହିଁ ହତ୍ୟାର ପ୍ରମୁଖ କାରଣ ହୋଇପାରେ।ହତ୍ୟାକାଣ୍ଡକୁ ଯେଉଁ ଭଳି କାର୍ଯ୍ୟକାରୀ କରାଯାଇଛି,



ତା'କୁ ଯେତେ ନିନ୍ଦା କଲେ ମଧ କମ ହେବ। ମୁଁ ଚନ୍ଦ୍ରନାଥଙ୍କ ସହ ପରିବାରଙ୍କ ଦାବି ସହ ଏକମତ। ହତ୍ୟାକାଣ୍ଡ ଘଟାଇଥିବା ଲୋକଙ୍କୁ ଧରା ଯାଉ ଓ ସେମାନଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯାଉ। ଶବ ବ୍ୟବଚ୍ଛେଦରୁ ତାଙ୍କ ଦେହରେ ୪ଟି ଗୁଳି ବାଜି ଥିବା ସ୍ପଷ୍ଟ ହୋଇଛି।" ଏହାପୂର୍ବରୁ ଚନ୍ଦ୍ରନାଥଙ୍କୁ ହସ୍ପିଟାଲରେ ଦେଖିବାକୁ ଯାଇଥିବା ଶୁଭେନ୍ଦୁ ଏହାକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି କହିଥିଲେ। ଶୁଭେନ୍ଦୁଙ୍କ ସହ ଦୀର୍ଘ ବର୍ଷ ଧରି କାମ କରୁଥିବା ଚନ୍ଦ୍ରନାଥ ବୁଧବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଉତ୍ତର ୨୪ ପ୍ରଗଣାର ମଧ୍ୟମଗ୍ରାମ ଠାରେ ତାଙ୍କ ଉପରେ ହୋଇଥିଲା ଗୁଳିମାଡ଼। ଗୁଳି ମାଡ଼ ପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତରମାନେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।ପୁଲିସ୍ ସୂତ୍ର ଅନୁସାରେ, ଅପରାଧର ଶୈଳୀକୁ ଦେଖିଲେ ଲାଗୁଛି ଯେ ପୂରା ଯୋଜନାବଦ୍ଧ ଭାବେ ସବୁ କିଛି କରାଯାଇଛି। ଆକ୍ରମଣ ପୂର୍ବରୁ ଆକ୍ରମଣକାରୀମାନେ ପୂରା ଅଞ୍ଚଳର ରେକି କରିଥିଲେ ଓ ହତ୍ୟା ପରେ କେମିତି ଖସିବାକୁ ହେବ, ତା'ର ମଧ ସବୁ ପ୍ରସ୍ତୁତି କରିଥିଲେ।ଚନ୍ଦ୍ରନାଥ ନିଜ ସ୍କର୍ପିଓରେ ଯାଉଥିବା ବେଳେ ତାଙ୍କୁ ଗୋଟିଏ ବାଇକ ଓ ସିଲଭର ରଙ୍ଗର ସାଣ୍ଟ୍ରୋ କାରରେ ପିଛା କରାଯାଇଥିଲା। ସାଣ୍ଟ୍ରୋ କାରର ନମ୍ବ ହେଉଛି WB74AX2270। ଏହା ସିଲିଗୁଡ଼ିରେ ପଞ୍ଜିକୃତ ହୋଇଥିଲା। ଗୋଟିଏ ନିଛାଟିଆ ସ୍ଥାନରେ ହଠାତ୍ ସାଣ୍ଟ୍ରୋ କାର ଚନ୍ଦ୍ରନାଥଙ୍କ ସ୍କର୍ପିଓକୁ ଓଭରଟେକ କରିଥିଲା। କାର ଚାଳକ ଗାଡ଼ିକୁ ରାସ୍ତା ମଝିରେ ରଖି ଦେବାରୁ ସ୍କର୍ପିଓର ବେଗ କମାଇ ଥିଲେ ଏହାର ଡ୍ରାଇଭର। ଏତିକି ବେଳେ ବାଇକରେ ଥିବା ବନ୍ଧୁକଧାରୀମାନେ ଅତି ନିକଟରୁ ଚନ୍ଦ୍ରନାଥଙ୍କ ଉପରକୁ ଗୁଳି ମାଡ଼ କରିଥିଲେ। ସେମାନେ ୧୦ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ଚନ୍ଦ୍ରନାଥଙ୍କ ଛାତି, ତଳି ପେଟ ଓ ମୁଣ୍ଡରେ ଏହା ବାଜିଥିଲା। ଗୁଳିମାଡ଼ ପରେ ଆକ୍ରମଣକାରୀମାନେ କାର ଛାଡ଼ି ଚାଲି ଯାଇଥିବା ମଧ୍ୟ କୁହାଯାଉଛି।

## ସିଏନଏନ ପ୍ରତିଷ୍ଠାତା ଆଉ ନାହାନ୍ତି

ନୂଆଦିଲ୍ଲୀ : ସିଏନଏନ ଭଳି ଅନ୍ତର୍ଜାତୀୟ ନ୍ୟୁଜ ନେଟୱର୍କର ପ୍ରତିଷ୍ଠାତା ତଥା ମିଡିଆ ଉଦ୍ୟୋଗୀ ଟେଡ ଟର୍ଣ୍ଣର ଆଉ ନାହାନ୍ତି। ୨୪ ଘଣ୍ଟିଆ ଟିଭି ନ୍ୟୁଜ ମଡେଲର ଭିଷ୍ମ ପିତାମହ ଭାବେ ପରିଚିତ ଟର୍ଣ୍ଣର ୮୭ ବର୍ଷ ବୟସରେ ଆଜି ଆଖି ବୁଜିଥିବା ଟର୍ଣ୍ଣର ଏଣ୍ଟରପ୍ରାଇଜେସ ପକ୍ଷରୁ କୁହାଯାଇଛି। ଟର୍ଣ୍ଣରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସିଏନଏନ ନ୍ୟୁଜ କେମିତି ତିଆରି କରାଯାଏ ଓ ଲୋକଙ୍କ ପାଖରେ ପହଞ୍ଚାଏ ଯାଏ, ସେକଥା ସମସ୍ତଙ୍କୁ ଜଣାଇଥିଲା। ଟେଡ ଟର୍ଣ୍ଣର ପ୍ରଥମଥର ଏମିତି ଏକ ଫର୍ମାଟ ତିଆରି କରିଥିଲେ ଯାହା ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରୁ ନିରବଚ୍ଛିନ୍ନ ଭାବେ ଲୋକଙ୍କ ଘରେ ପହଞ୍ଚାଇଥିଲା। ପ୍ରଥମେ ସିଧାପ୍ରସାରଣ ଅତ୍ୟନ୍ତ ରିସ୍କି ଚିନ୍ତାଧାରା ଥିବା ବେଳେ ପରବର୍ତ୍ତୀ ସମୟରେ ଆଧୁନିକ ମିଡିଆର ସବୁଠାରୁ ସହଜ ଅସ୍ତ୍ର ପାଲଟି ଯାଇଛି। ନିଜର କହିବା ଶୈଳୀ ପାଇଁ ପରିଚିତ ଟର୍ଣ୍ଣର ଏମିତି ଏକ ମିଡିଆ ସାମ୍ରାଜ୍ୟ ତିଆରି କରିଛନ୍ତି, ଯାହା ନ୍ୟୁଜ ବାହାରେ ମଧ୍ୟ କାର୍ଯ୍ୟ କରୁଛି।

## ପ.ବଙ୍ଗରେ ଶପଥ ଗ୍ରହଣ ପାଇଁ ଜୋରଦାର ପ୍ରସ୍ତୁତି

କୋଲକାତା: ପଶ୍ଚିମବଙ୍ଗର ପ୍ରଥମ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବ ଶନିବାର କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ହେବ। ଏଥିପାଇଁ ଶୁକ୍ରବାରଠାରୁ ପ୍ରାୟ ୪,୦୦୦ ପୁଲିସ କର୍ମଚାରୀଙ୍କୁ ନେଇ ବହୁସ୍ତରୀୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପିର ଅନେକ ବରିଷ୍ଠ ନେତା ଯୋଗଦେବାର ସମ୍ଭାବନା ରହିଛି। ରାଜ୍ୟ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ରଭାବଶାଳୀ ଭିଡ଼ ପରିଚାଳନା ଓ ସୁରକ୍ଷା ପାଇଁ ୯୦୦ ଏକରରୁ ଅଧିକ ଜମିରେ ପରିବ୍ୟାପ୍ତ ପଡ଼ିଆକୁ ପ୍ରାୟ ୩୦ଟି ସେକ୍ଟରରେ ବିଭକ୍ତ କରାଯାଇଛି। ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ ଓ



ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୪,୦୦୦ ପୁଲିସ କର୍ମଚାରୀ ନିୟୋଜିତ ହେବେ। ପ୍ରତ୍ୟେକ ସେକ୍ଟରର ତଦାରଖ ଡେପୁଟି କମିସନର କିମ୍ବା ସହକାରୀ କମିସନର ପାହ୍ୟାର ଜଣେ ପୁଲିସ ଅଧିକାରୀଙ୍କ ଦ୍ୱାରା କରାଯିବ। ଆବଶ୍ୟକ ପଡ଼ିଲେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ମଧ୍ୟ ମୁତୟନ କରାଯାଇପାରିବ ବୋଲି ଅଧିକାରୀ ଜଣକ କହିଛନ୍ତି। କୋଲକାତା ପୁଲିସ ମୁଖ୍ୟାଳୟ ଲାଲବାଜାରର ବରିଷ୍ଠ ଅଧିକାରୀମାନେ ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକ କରି ଏହି କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ଲୁ ପ୍ରିଣ୍ଟ ଚୂଡ଼ାନ୍ତ କରିଛନ୍ତି। ପ୍ରବେଶ ପଥରେ ଡୋର୍-ଫ୍ରେମ୍ ମେଟାଲ୍ ଡିଟେକ୍ଟର ଓ ହ୍ୟାଣ୍ଡହେଲ୍ଡ ସ୍କାନର ଲଗାଯିବ ଏବଂ ସିସିଟିଭି କ୍ୟାମେରା ସମଗ୍ର ସ୍ଥାନ ଉପରେ ନଜର ରଖିବ। ନିକଟସ୍ଥ ଛାତରୁ ମଧ୍ୟ ନଜର ରଖାଯିବ ବୋଲି ଅଧିକାରୀ କହିଛନ୍ତି।

## ମହିଳାମାନଙ୍କ ଡିଜିଟାଲ୍ ଅଂଶଗ୍ରହଣ ବୃଦ୍ଧି ଉପରେ ଗୁରୁତ୍ୱ

ମୁମ୍ବାଇ : ରିଲାଏନ୍ସ ଫାଉଣ୍ଡେସନ୍ ଏବଂ ଗେଟ୍ସ ଫାଉଣ୍ଡେସନ୍ ମହିଳାମାନଙ୍କ ଡିଜିଟାଲ୍ ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ "ସି-କନେକ୍ଟସ୍ ଡିଜିଟାଲ୍ ଆକ୍ସିଲରେଟର୍' ପ୍ରୟାସ ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି। ଏହି ୨୦୦ କୋଟି ଟଙ୍କାର ପ୍ରୟାସ ଭାରତ ଏବଂ ଉପ-ସାହାରା ଆଫ୍ରିକାରେ ମହିଳା ଏବଂ ଝିଅମାନଙ୍କ ମଧ୍ୟରେ ଡିଜିଟାଲ୍ ପ୍ରଯୁକ୍ତିର ଉପଲବ୍ଧତା ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ପ୍ରଚେଷ୍ଟା କରିବ। ଆଗାମୀ ତିନି ବର୍ଷ ମଧ୍ୟରେ, ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଭାବଶାଳୀ ଡିଜିଟାଲ୍ ସମାଧାନଗୁଡ଼ିକୁ ଚିହ୍ନଟ ଏବଂ ବ୍ୟାପକ କରିବା ଉପରେ ଧ୍ୟାନ ଦେବ ଯାହା ମହିଳାମାନଙ୍କ ଜୀବନ ଏବଂ ଜୀବିକାକୁ ଉନ୍ନତ କରିବାରେ ସାହାଯ୍ୟ କରିପାରିବ। ଏହି କାର୍ଯ୍ୟକ୍ରମ ଅଧୀନରେ, ରିଲାଏନ୍ସ ଫାଉଣ୍ଡେସନ୍ ଭାରତ ମଧ୍ୟରେ ପୂର୍ବରୁ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ଡିଜିଟାଲ୍ ସମାଧାନଗୁଡ଼ିକୁ ପ୍ରୋତ୍ସାହିତ କରିବ। ଏହା ବ୍ୟତୀତ, ଗେଟ୍ସ ଫାଉଣ୍ଡେସନର ସହଯୋଗରେ, ଭାରତ ଏବଂ ସବ୍-ସାହାରା ଆଫ୍ରିକା ମଧ୍ୟରେ ଅଭିଜ୍ଞତା ଓ ଶିକ୍ଷା ଆଦାନପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ଏହି ଅବସରରେ, ରିଲାଏନ୍ସ ଫାଉଣ୍ଡେସନର ମହିଳା ସଶକ୍ତିକରଣ ମୁଖ୍ୟ ଏନ. ଦୀପ୍ତି ରେଡ୍ଡୀ କହିଛନ୍ତି ଯେ ଡିଜିଟାଲ୍ ଦୁନିଆରେ ମହିଳାମାନଙ୍କ ପୂର୍ଣ୍ଣ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ମହିଳାମାନଙ୍କୁ ଆବଶ୍ୟକୀୟ ଉପକରଣ ଏବଂ ଆତ୍ମବିଶ୍ୱାସ ପ୍ରଦାନ କରିବା ସେମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ।

# ଇଡି ରେଡ ବେଳେ 'ଟଙ୍କା ବର୍ଷା'

ନୂଆଦିଲ୍ଲୀ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ର ରେଡ୍ ବେଳେ ହୋଇଛି ଟଙ୍କାର ବର୍ଷା। ଉପରକୁ ଖସିଛି ବିଡ଼ିବିଡ଼ା ୫୦୦ ଟଙ୍କିଆ ନୋଟ୍। ଏହାକୁ ଶୁଣି ଆପଣ ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଆଜି ପଞ୍ଜାବର ଚଣ୍ଡିଗଡ଼ ଓ ମୋହାଲିରେ ଇଡି ପକ୍ଷରୁ ବିଭିନ୍ନ ବିଲଡର୍ସଙ୍କ ଠିକଣାରେ ରେଡ ଚାଲିଥିବା ବେଳେ ଟଙ୍କା ବର୍ଷାର ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ମୋହାଲିର ଗୋଟିଏ ବିରାଟକାୟ ବିଲଡିଂରେ ଇଡି ରେଡ୍ କରିବା ବେଳେ ଆସିଥିଲା ରୋଚକ ଦୃଶ୍ୟ। ରେଡ୍ ସମୟରେ ବିଲଡିଂର ୯ମ ମହଲାରେ ଥିବା ଫ୍ଲାଟରୁ ଏକାଧିକ ବ୍ୟାଗରେ ଭର୍ତ୍ତି ହୋଇ ରହିଥିବା ୫୦୦ ଟଙ୍କିଆ ନୋଟ ହଠାତ୍ ତଳକୁ ଫିଙ୍ଗା ଯାଇଥିଲା। ଫ୍ଲାଟରୁ ଟଙ୍କା ଭର୍ତ୍ତି ବ୍ୟାଗ ଫିଙ୍ଗା ଯାଉଥିବା ଦେଖି ପ୍ରତ୍ୟେକ୍ଷଦର୍ଶୀମାନେ ମଧ୍ୟ ଚକିତ ହୋଇଥିଲେ। ସାମ୍ନାକୁ ଆସିଥିବା ଭିଡିଓରେ



ଦେଖିବାକୁ ମିଳୁଛି ଯେ ୨ଟି ବ୍ୟାଗରେ ୫୦୦ ଟଙ୍କିଆ ନୋଟ ଭର୍ତ୍ତି ହୋଇ ବିଲଡିଂ ଚଟଣାରେ ପଡ଼ିଛି। ସେହିପରି ଆଉ କିଛି ନୋଟ ବାହାରେ ଏଣେତେଣେ ପଡ଼ି ରହିଛି।

## ପରାଜୟର ପ୍ରତିଶୋଧ ନେବା ପାଇଁ ମୋ ପୁଅକୁ ହତ୍ୟା କରାଯାଇଛି

କୋଲକାତା : ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ତଥା ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କୁ ଗୁଳି କରି ହତ୍ୟା କରାଯିବାର ଗୋଟିଏ ଦିନ ପରେ ତାଙ୍କ ମାଆ ଏହି ହତ୍ୟାମାଣ୍ଡ ପାଇଁ ତୃଣମୂଳ କଂଗ୍ରେସକୁ ଦାୟୀ କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ବାଚନୀ ପରାଜୟ ପରେ ଟିଏମ୍ସି ତାଙ୍କ ପୁଅକୁ ହତ୍ୟା କରି ଏହାର ପ୍ରତିଶୋଧ ନେଇଛି।ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ହାସିରାଣୀ ରଥ କହିଛନ୍ତି ଯେ ତାଙ୍କ ପୁଅକୁ ଯୋଜନାବଦ୍ଧ ଆକ୍ରମଣରେ ହତ୍ୟା କରାଯାଇଛି ଏବଂ ଏଥିପାଇଁ ଦାୟୀ ଲୋକଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ମୁଁ ଚାହେଁ ଦୋଷୀଙ୍କୁ ଦଣ୍ଡ ଦିଆଯାଉ। ମୁଁ ଜଣେ ମା', ମୁଁ ଚାହେଁ ନାହିଁ ଯେ ସେମାନଙ୍କୁ ଫାଶୀ ଦିଆଯାଉ। ମୁଁ ସେମାନଙ୍କ ପାଇଁ ଆଜୀବନ କାରାଦଣ୍ଡ ଚାହୁଁଛି ବୋଲି ସେ ଭାବପ୍ରବଣ ହୋଇ କହିଥିଲେ।ଏହି ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଦାବି କରି ସେ ଅଭିଯୋଗ କରିଛନ୍ତି ଯେ, ୨୦୨୧ ମସିହାରୁ ଅଧିକାରୀ ନନ୍ଦୀଗ୍ରାମରେ ମମତା ବାନାର୍ଜୀଙ୍କୁ ପରାସ୍ତ କରିବା ପରଠାରୁ ତାଙ୍କ ପରିବାର ପ୍ରତି ବିପଦ ରହିଛି। ବିଜେପି କ୍ଷମତାକୁ ଆସିଥିବାରୁ ସେମାନେ ଏପରି କରିଥିଲେ। ଶାସକ ଦଳର ନେତାମାନେ ଉତ୍ତେଜନାମୂଳକ ମନ୍ତବ୍ୟ ଦେଉଥିଲେ ଓ ଆମକୁ ଧମକ ଦେଉଥିଲେ। ମେ ୪ ପରେ ସେମାନେ କହିଥିଲେ ଯେ ଦିଲ୍ଲୀର କେହି ଆମକୁ ବଞ୍ଚାଇ ପାରିବେ ନାହିଁ। ବର୍ତ୍ତମାନ ସେମାନେ ଯାହା କହିଥିଲେ ତାହା କରି ଦେଖାଇଛନ୍ତି।ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତିରେ ଉତ୍ତର ୨୪ ପ୍ରଗଣା ଜିଲ୍ଲା ଅନ୍ତର୍ଗତ ମଧ୍ୟମଗ୍ରାମ ନିକଟରେ ଭାରତୀୟ ବାୟୁସେନାର ପୂର୍ବତନ ଅଧିକାରୀ ଚନ୍ଦ୍ରନାଥ ରଥଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ହତ୍ୟାକାଣ୍ଡର କିଛି ଘଣ୍ଟା ପରେ ବିଜେପି ନେତା ଅର୍ଜୁନ ସିଂହ ତୃଣମୂଳ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ଏହି ଆକ୍ରମଣର ଯୋଜନା କରିଥିବା ଅଭିଯୋଗ କରିଥିଲେ। ତେବେ ତୃଣମୂଳ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ହତ୍ୟାକାଣ୍ଡକୁ ନିନ୍ଦା କରିଛି।

# ୨୦୨୬ ଶେଷ ସୁଦ୍ଧା ଦେଶରୁ ହଟିବ ଟୋଲ୍ ପ୍ଲାଜା

ନୂଆଦିଲ୍ଲୀ : ୨୦୨୬ ମସିହା ଶେଷ ସୁଦ୍ଧା ଦେଶର ସମସ୍ତ ଜାତୀୟ ରାଜପଥରୁ ଟୋଲ୍ ପ୍ଲାଜା ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ ବୋଲି ଟାଇମ୍ସ ଗ୍ରୁପ୍ ପକ୍ଷରୁ ଗୁରୁବାର ଆୟୋଜିତ 'ଟାଇମ୍ସ ଡ୍ରାଇଭ୍ ଅଟୋ ସମିଟ୍ ଆଣ୍ଡ ଆୱାର୍ଡସ୍ ୨୦୨୬'ରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା ଘୋଷଣା କରିଛନ୍ତି। ବର୍ତ୍ତମାନ ଟୋଲ ବୁଥ୍ ବ୍ୟବସ୍ଥା ପରିବର୍ତ୍ତେ ଏକ ଅତ୍ୟାଧୁନିକ ବାଧାମୁକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି



ଗଡକରୀ କହିଛନ୍ତି। ଏହା ନୂତନ ବ୍ୟବସ୍ଥା ଅଧିନରେ ଗାଡ଼ିଗୁଡ଼ିକୁ ଟୋଲ ପ୍ଲାଜାରେ ଆଉ ଧାଡ଼ି ବାନ୍ଧି ଅଟକିବାକୁ ପଡ଼ିବ ନାହିଁ, ବରଂ ଗାଡ଼ି ଚାଲୁଥିବା ସମୟରେ ହିଁ ସ୍ୱୟଂଚାଳିତ ଭାବେ ଟୋଲ ଆଦାୟ କରାଯାଇପାରିବ। ଏହି ନୂଆ ବ୍ୟବସ୍ଥା ମୁଖ୍ୟତଃ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ ଟେକନିକ୍ ଓ ଫାସଟ୍ୟାଗ୍ ଉପରେ ଆଧାରିତ ହେବାକୁ ଥିବାବେଳେ ଏହି ପ୍ରକ୍ରିୟାରେ ଜଣେ ଯାତ୍ରୀ କେବଳ ସେତିକି ଦୂରତା ପାଇଁ ଟୋଲ୍ ଦେବ, ଯେତିକି ଦୂରତା ସେ ରାଜପଥରେ ଅତିକ୍ରମ କରିଥିବେ। ଏହା ଦ୍ୱାରା ଯାତ୍ରା ଖର୍ଚ୍ଚରେ ମଧ୍ୟ ବଡ଼ ଧରଣର ହ୍ରାସ ଘଟିବ। ଯେଉଁଠାରେ ବର୍ତ୍ତମାନ ୧୨୫ରୁ ୧୫୦ଟଙ୍କା ଟୋସି ଫି ଦେବାକୁ ପଡୁଛି, ସେଠାରେ ଏହା ପ୍ରାୟ ୧୫ଟଙ୍କାକୁ ଖସିଆସିବ ବୋଲି କେନ୍ଦ୍ର ପରିବହନ ମନ୍ତ୍ରୀ ଦାବି କରିଛନ୍ତି। ଏଥିସହିତ ୩ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା ମଧ୍ୟ ରହିବ, ଯାହା ମାଧ୍ୟମରେ ୨୦୦ଟି ଟୋଲ୍ କ୍ରସିଂ ଦେଇ ଯାତ୍ରା କରିହେବ। ଦେଶର ୮୫ଟି ସ୍ଥାନରେ ଏହି ପରୀକ୍ଷାମୂଳକ ବ୍ୟବସ୍ଥା ସଫଳ ହୋଇଥିବା ବେଳେ ବର୍ଷ ଶେଷ ସୁଦ୍ଧା ଏହା ସାରା ଦେଶରେ ଲାଗୁ ହେବ।

# ଯାଜପୁର ଜିଲ୍ଲା ସିଏମ୍ ଟ୍ରଫି ଫୁଟବଲ ଉଦଯାପିତ

## କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିଅନ




ବ୍ୟାସନଗର,୭।୫(ଜିପ୍ର): ବ୍ୟାସନଗର ଷ୍ଟାଡିୟମ ଠାରେ ଯାଜପୁର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଏପ୍ରିଲ ୨୦ତାରିଖ ଠାରୁ ଆରମ୍ଭ ହୋଇଥିବା ଆନ୍ତଃ କ୍ଲବ ସି.ଏମ୍ ଟ୍ରଫି ଫୁଟବଲ ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ (ବାଳକ ବିଭାଗ) ଖେଳରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ୩-୦ ଗୋଲରେ କ୍ରୋମ କ୍ଲବକୁ ହରାଇ ଚମ୍ପିୟନ ହୋଇଛି। ବିଜୟୀ ଦଳ ତରଫରୁ ରାଜେଶ ବଦରା ୨ଟି ଓ କ୍ରିଷ୍ଣା ମାଟି ୧ଟି ଗୋଲ ସ୍କୋର କରିଥିଲେ। ଦଳର ରକ୍ଷଣ ଭାଗରେ ରାଜା ମୁଣ୍ଡା ଓ ଆକାଶ ସାମାଡ଼ ଉନ୍ନତ ଖେଳ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ। ସେହିପରି ବାଳିକା ବିଭାଗରେ ନାକଡେଇ କ୍ଲବ ଚାମ୍ପିଅନ ଓ ଦକ୍ଷିଣପସି କ୍ଲବ ରନର୍ସ ଅପ ହୋଇଥିଲା। ଫାଇନାଲ ଖେଳରେ ମୁଖ୍ୟ ଅଥିତି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗ ଦେଇ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ଶିବ ଡାଙ୍ଗିଲ, ରାମ ହାଁସଦ, ଲିଟୁ ହେମ୍ବ୍ରମ. ଉପେନ୍ଦ୍ର ଡାଙ୍ଗିଲ. ମୁନମୁନ ସାମଡ଼ ଓ ବାପୁନି ପିଙ୍ଗୁଆ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବେ ବୁଦ୍ଧିରାମ କେରାଇ ଯୋଗ ଦେଇଥିଲେ ବୋଲି ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି ସୂଚନା ଦେଇଛନ୍ତି।

## ଆଇପିଏଲ ମହାସମର

# ଆରସିବି ସମ୍ମୁଖରେ ୨୧୩ ରନ ବିଜୟ ଲକ୍ଷ୍ୟ

ଲକ୍ଷ୍ନୌ, ୭।୫(ଏଜେନ୍ସି) : ଆଇପିଏଲର ୫୦ତମ ମ୍ୟାଚରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସମ୍ମୁଖରେ ୨୧୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଲକ୍ଷ୍ନୌ ୧୯ ଓଭରରେ ୩ ୱିକେଟ ହରାଇ ୨୦୯ ରନ କରିଥିଲା। ଜବାବ୍‌ରେ ବେଙ୍ଗାଲୁରୁ ୫ ଓଭର ସୁଦ୍ଧା ୨ ୱିକେଟ ହରାଇ ୩୬ ରନ କରିଥିଲା।

ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମରେ ବେଙ୍ଗାଲୁରୁ ଟସ୍ ଜିତି ଘରୋଇ ଲକ୍ଷ୍ନୌକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବର୍ଷା ଯୋଗୁଁ ମ୍ୟାଚ ବାରମ୍ବାର ବାଧାପ୍ରାପ୍ତ ହେଉଥିଲା। ଉଭୟ ଇନିଂସର ଗୋଟିଏ ଲେଖାଏଁ ଓଭର କଟାଯାଇଥିଲା। ମିଚେଲ ମାର୍ସଙ୍କ ଧମାକାଦାର ଇନିଂସ ଯୋଗୁଁ ଲକ୍ଷ୍ନୌ ୨୦୦ ରନ ଟପିବାକୁ ସଫଳ ହୋଇଛି। ମାର୍ସ ୫୬ ବଲର




ସମ୍ମୁଖୀନ ହୋଇ ୯ ଲେଖାଏଁ ଚୌକା ଓ ଛକା ମାରି ୧୧୧ ରନର ଶତକୀୟ ଇନିଂସ ଖେଳିଥିଲେ। ଅର୍ଶିନ କୁଲକର୍ଣ୍ଣି ୧୭, ନିକୋଲାସ ପୁରନ ୨୩ ବଲରୁ ୩୮ ରନ କରି ପାଭିଲିୟନ ଫେରିଥିଲେ। ଏହି ୩ ୱିକେଟ ବ୍ୟତୀତ ଆଉ ୱିକେଟ ଝଡିବାକୁ ଦେଇନଥିଲେ ଅଧିନାୟକ ରିଷଭ ପନ୍ତ। ଫର୍ମ ପାଇଁ ସଂଘର୍ଷ କରୁଥିବା ପନ୍ତ ୧୦ ବଲରୁ ୪ ଟି ଚୌକା ଓ ୨ ଟି ଛକା ସହାୟତାରେ ୩୨ ରନ କରିଥିଲେ। ତେଣୁ ଲକ୍ଷ୍ନୌ ୧୯ ବଲରୁ ୩ ୱିକେଟ ହରାଇ ୨୦୯ ରନ କରିଥିଲା। ବେଙ୍ଗାଲୁରୁର ଜୋସ୍ ହାଜଲେଉଡ୍, କ୍ରୁନାଲ ପାଣ୍ଡ୍ୟା ଏବଂ ରସିକ ସଲାମ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

ଡକୱର୍ଥ ଲୁଇସ୍ ନିୟମ ଅନୁସାରେ ବେଙ୍ଗାଲୁରୁ ପାଇଁ ୧୯ ଓଭରରେ ୨୧୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମ୍ୟାଚ ଆରମ୍ଭରୁ ଲକ୍ଷ୍ନୌ ବୋଲର ମହମ୍ମଦ ସାମି ଓ ପ୍ରିନ୍ସ ଯାଦବ ଏପରି ଶୃଙ୍ଖଳିତ ବୋଲିଂ କରିଥିଲେ ଯେ ବେଙ୍ଗାଲୁରୁର ଦୁଇ ଓପନର ଜାକବ ବେଥେଲ ୪ ଓ ବିରାଟ କୋହଲି ବିନା ସ୍କୋରରେ ପାଭିଲିୟନ ଫେରିଯାଇଥିଲେ। ଏହାପରେ ଦେବଦୂତ ପଡିକାଲ ଓ ରଜତ ପଟିଦାର ଦଳର ବ୍ୟାଟିଂ ମଙ୍ଗ ଧରିଥିଲେ। ଶେଷ ଖବର ସୁଦ୍ଧା ଆର୍ସିବି ୩.୩ ଓଭରରେ ୨ ୱିକେଟ ହରାଇ ୨୧ ରନ କରିଥିଲା। ମ୍ୟାଚ ଜିତିବା ପାଇଁ ୯୩ ବଲରୁ ୧୯୨ ରନର ଆବଶ୍ୟକତା ଥିଲା।

## ଆଜିର ମ୍ୟାଚ

- ▸▸ ଦିଲ୍ଲୀ-କୋଲକାତା
- ▸▸ ସ୍ଥାନ- ଦିଲ୍ଲୀ
- ▸▸ ସମୟ- ରାତି ୭.୩୦
- ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ସନରାଇଜର୍ସ | ୧୧ | ୭ | ୪ | ୧୪ |
| ପଞ୍ଜାବ | ୧୦ | ୬ | ୩ | ୧୩ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ |
| ରାଜସ୍ଥାନ | ୧୦ | ୬ | ୪ | ୧୨ |
| ଗୁଜରାଟ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ |
| ଦିଲ୍ଲୀ | ୧୦ | ୪ | ୬ | ୮ |
| କୋଲକାତା | ୯ | ୩ | ୫ | ୭ |
| ମୁମ୍ବାଇ | ୧୦ | ୩ | ୭ | ୬ |
| ଲକ୍ଷ୍ନୌ | ୯ | ୨ | ୭ | ୪ |

## ସିଏମ୍ ଟ୍ରଫି ଭଲିବଲ୍

# ବାଳକରେ କଣିହାଁ, ବାଳିକାରେ ତାଳବାହାଲ ବିଜୟୀ

ଅନୁଗୁଳ, ୭।୫(ସବ୍ୟୁ) : ଦୁଇଦିନିଆ ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି ଭଲିବଲ ପ୍ରତିଯୋଗିତା ଭଲିବଲ ହୋମ୍ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଭଲିବଲ ଖେଳାଳି ଏସ୍‌କେ ପାଣି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଟ୍ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାଳକ ଫାଇନାଲରେ ଡିଏଭି କଣିହାଁ ଅନୁଗୁଳ କେନ୍ଦ୍ରୀୟ ବିଦ୍ୟାଳୟ ୧ କୁ ହରାଇ ଚାମ୍ପିଅନ ହୋଇଛି। ସେହିଭଳି ବାଳିକା ବିଭାଗରେ ତାଳବାହାଲ କନ୍ତ ପଡାକୁ ହରାଇ ଚାମ୍ପିଅନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ, ସଦସ୍ୟ ରମେଶ ସାହୁ, ରୁଚିର ଦାସ, ବସନ୍ତ ଦାସ, କ୍ରୀଡାବିତ୍ ନୀଳମଣି ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଶୁତୋଷ ପାତ୍ରଙ୍କ ନେତୃତ୍ୱରେ ଓଡିଶା ଭଲିବଲ ଆସୋସିଏସନର ରେଫରୀମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ।



# ବାଲେଶ୍ୱର ଟାଇକୋଣ୍ଡୋ ଚାମ୍ପିଅନସିପ ୨୦୨୬

ସୋର(ସବ୍ୟୁ)-ବାଲେଶ୍ୱର ଜିଲ୍ଲାର ସୋର ସ୍ଥିତ ରାଧାନାଥ ସ୍ମୃତି ମଣ୍ଡପରେ ବାଲେଶ୍ୱର ଜିଲ୍ଲା ଟାଇକ୍‌ୱାଣ୍ଡୋ ଚ୍ୟାମ୍ପିଅନସିପ୍ ୨୦୨୬ ତାରିଖ ୩ ମେ ରେ ସୋରୋ ଟାଇକୋଣ୍ଡୋ ଏକାଡେମୀ ଓ ବାଲେଶ୍ୱର ଜିଲା ଟାଏକୋଣ୍ଡୋ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୋର ମାନ୍ୟବର ବିଧାୟକ ମାଧବ ଧଡ଼ା,ଶ୍ରୀ ମନମୋହନ ଭଞ୍ଜ, ସାଧାରଣ ସମ୍ପାଦକ ଅଶୋକ କୁମାର ମହାନ୍ତି, ଏମ. ଡି ସେଂଟ ଜାବିଏର ଉଚ୍ଚ ବିଦ୍ୟାଳୟ ଶ୍ରୀମତୀ ସୁଧାରଣୀ ଜେନା, ଫିଙ୍ଗର ଉର୍ଦ୍ଧ୍ଵ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ପାତ୍ର, ଯୁବ ସଭାପତି, ପବିତ୍ର ସେଠି, କାଉନସିଲର, ଜିଲ୍ଲା ସଂଘର ସଭାପତି ଅବଦୁଲ ଉଦୁତ ଖାନ, ସଂଘର ସଦସ୍ୟ ସୁବ୍ରତ ମହାରଣା ବାଲେଶ୍ୱର ଜିଲ୍ଲା ଟାଏକୋଣ୍ଡୋ ସଙ୍ଗ ଯୋଗଦେଇ କ୍ରୀଡ଼ାଳୁମାନଙ୍କୁ ଉଦବୋଧନ କରିଥିଲେ ଏବଂ ତାଙ୍କୁ ଆଗାମୀ ଦିନରେ ଉଚ୍ଚ ସ୍ତରରେ ସଫଳତା ଲାଭ କରିବାକୁ ପ୍ରେରଣା ଦେଇଥିଲେ ।ପ୍ରତିଯୋଗିତା ରେ ସୁପର ସବ୍-ଜୁନିଅର, ସବ୍-ଜୁନିଅର, କ୍ୟାଡେଟ୍, ଜୁନିଅର ଓ ସିନିଅର ବୟସ୍ ବର୍ଗରେ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିଥିଲେ । ମୋଟ ୩ଟି ଏକାଡେମୀରୁ ପ୍ରାୟ ୫୦ ଜଣରୁ କିରୋଗୀ ଏବଂ ଫୁସି ଖେଳାଳି ଅଂଶଗ୍ରହଣ କରି ଉତ୍କୃଷ୍ଟ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତାକୁ ଓଡ଼ିଶା ଟାଏକୋଣ୍ଡୋ ସଙ୍ଗର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟର ପ୍ରତ୍ୟେକ୍ଷ ତତ୍ୱାବଧାନରେ ପ୍ରତିଯୋଗିତା ସଫଳ ଭାବେ ପରିଚାଳନା କରିଥିଲେ ଅନୁଷ୍ଠାନର ଶେଷରେ ବିଜେତା ଓ ରନର୍ସଅପ୍ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସମ୍ପାଦକ ଅତାଉଲ୍ଲା ଖାନ ପକ୍ଷରୁ କୁହାଯାଇଥିଲା ଯେ, ଏପରି ପ୍ରତିଯୋଗିତା ଜିଲ୍ଲାରେ ଟାଇକୋଣ୍ଡୋ କ୍ରୀଡ଼ାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ।

## ଟିମ୍ ବସରେ ଅଜଣା ବ୍ୟକ୍ତି

# ସତର୍କ କରାଇଲେ ବିସିସିଆଇ ସମ୍ପାଦକ

ନୂଆଦିଲ୍ଲୀ, ୭।୫(ଏଜେନ୍ସି) : ଚଳିତ ଆଇପିଏଲରେ ବିବାଦ ସଂଖ୍ୟା ବଢିବାରେ ଲାଗିଛି। ରାଜସ୍ଥାନ ରୟାଲ୍ସର ମ୍ୟାନେଜର ଡଗ୍‌ଆଉଟ୍‌ରେ ଫୋନ ବ୍ୟବହାର କରିବା, ରିୟାନ ପରାଗ, ଇ ସିଗାରେଟ୍ ଟାଣିବା ପ୍ରଶଂସକଙ୍କୁ ନିରାଶ କରିଛି। ଏବେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଅନ୍ୟ ଏକ ଘଟଣା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଇପିଏଲର କେତେକ ଟିମର ଖେଳାଳିଙ୍କ ସହ ଅଜଣା ବ୍ୟକ୍ତି ଯିବା ଖବର ସର୍ବ ସମ୍ମୁଖକୁ ଆସିଛି। ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସାଇକିଆ କହିଛନ୍ତି। ଏହି ଅଜଣା ବ୍ୟକ୍ତି ଦଳ ସହ ବସରେ ହୋଟେଲକୁ ମଧ୍ୟ ଯାଉଛନ୍ତି। ବିସିସିଆଇର ଗାଇଡ୍ ଲାଇନ ଭଙ୍ଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଇକିଆ ସ୍ପଷ୍ଟ ଭାବେ କହିଛନ୍ତି। ଆଇପିଏଲରେ ଖେଳାଳିଙ୍କ ବସରେ ଖେଳାଳି ମାନେ ଏକତ୍ର ଯିବା ବାଧ୍ୟତାମୂଳକ କରାଯାଇଛି। ସେମାନେ ବ୍ୟକ୍ତିଗତ ଗାଡିରେ ଯାଇପାରିବେ ନାହିଁ। ଏପରିକି ଖେଳାଳିଙ୍କ ପରିବାର ଲୋକ ହୋଟେଲରେ ରହିପାରିବେ ନାହିଁ ବୋଲି ସ୍ଥିର ହୋଇଛି। ଡ୍ରେସିଂ ରୁମ୍ ଅଞ୍ଚଳରେ ପରିବାର ଓ ବନ୍ଧୁଙ୍କୁ ଯିବା ପାଇଁ ଅନୁମତି ନାହିଁ।




# ବିବାଦରେ ଫସିବେ କି ଚହଲ ?

ନୂଆଦିଲ୍ଲୀ, ୭।୫(ଏଜେନ୍ସି) : ଅଭିଜ୍ଞ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଆଇପିଏଲ ସମୟରେ ବିବାଦରେ ଫସିଛନ୍ତି। ସୋସିଆଲ ମିଡିଆରେ ଚହଲ ଇ -ସିଗାରେଟ୍ ଟାଣୁଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସେ ଏହାକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ଏପ୍ରିଲ ୨୮ରେ ରାଜସ୍ଥାନ ରୟାଲ୍ସର ଅଧିନାୟକ ରିୟାନ ପରାଗ ଇ-ସିଗାରେଟ୍ ଟାଣି ଦଣ୍ଡିତ ହୋଇଥିଲେ। ଫ୍ଲାଇଟ୍‌ରେ ମଧ୍ୟ ଇ - ସିଗାରେଟ୍ ବ୍ୟବହାର କରିବା ଉପରେ କଟକଣା ରହିଛି। ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଚହଲଙ୍କ ନାମ ନୋ ଫ୍ଲାଇଟ୍ ଲିଷ୍ଟରେ ରଖାଯିବ। ଏଥିଯୋଗୁଁ ସେ କିଛି ଦିନ ବିମାନ ଯାତ୍ରା ମଧ୍ୟ କରିପାରିବେ ନାହିଁ। ଆଇପିଏଲ ୨୦୨୬ ପୂର୍ବରୁ ଚହଲ କହିଥିଲେ ମୁଁ ମଦ ଛାଡିଦେଇଛି। କ୍ରିକେଟ ପ୍ରତି ସମ୍ପୂର୍ଣ୍ଣ ଯୋଗଦାନ ଦେବା ସହ ଯୁବ ପୀଢିଙ୍କ ପାଇଁ ଆଦର୍ଶ ସାଜିବି। ପୂର୍ବରୁ କାର ଚଳାଉଥିବା ବେଳେ ଚହଲ ସିଗାରେଟ୍ ଟାଣୁଥିବା ଭିଡିଓ ଭାଇରାଲ ହୋଇଥିଲା।




# ୧୮ରେ ଅବସର ନେବେ କି ଧୋନୀ ?

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଚଳିତ ଆଇପିଏଲ ଆରମ୍ଭରୁ ଖରାପ ପ୍ରଦର୍ଶନ କରିବା ପରେ ଚେନ୍ନାଇ ଟ୍ରାକକୁ ଫେରିବା ସହ ପ୍ଲେ ଅଫରେ ପ୍ରବେଶ ଆଶା ମଜଭୁତ କରିଛି। ଦଳର ଷ୍ଟାର ଖେଳାଳି ମହେନ୍ଦ୍ର ସିଂ ଧୋନୀ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ ଖେଳିନାହାଁନ୍ତି। ସେ ଫିଟ୍ ହୋଇଥିଲେ ମଧ୍ୟ କାହିଁକି ଖେଳୁନାହାଁନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସଞ୍ଜୁ ସାମସନଙ୍କ ଚମତ୍କାର ପ୍ରଦର୍ଶନ ଏହାର ମୁଖ୍ୟ କାରଣ ବିବେଚନା କରାଯାଉଛି। ଟିମ କମ୍ବିନେସନ୍ ମଧ୍ୟ ମ୍ୟାନେଜମେଣ୍ଟ ବିଗାଡିବାକୁ ଚାହୁଁନାହିଁ। କେତେକ ରିପୋର୍ଟରେ ଧୋନୀ ଚୁପଚାପ୍ ଅବସର ନେବାପାଇଁ ନିଷ୍ପତ୍ତି ନେଇସାରିଛନ୍ତି ବୋଲି କୁହାଯାଉଛି।




ଚେନ୍ନାଇ ଦଳ ମେ ୧୮ ରେ ତାର ଶେଷ ଲିଗ୍ ମ୍ୟାଚ ହୋମ୍ ଭେନ୍ୟୁରେ ଖେଳିବ । ଏହି ମ୍ୟାଚ ମାଧ୍ୟମରେ ଧୋନୀ ଅବସର ନେବେ ବୋଲି ଅନୁମାନ କରାଯାଉଛି। ୫ ବର୍ଷ ତଳେ ଧୋନୀ ଚିପକରେ ଅବରସ ନେବାକୁ ଚାହାଁନ୍ତି ବୋଲି କହିଥିଲେ। ଯାହା କିଛି ମାତ୍ରାରେ ସତ ହେବାକୁ ଯାଉଛି। ଚେନ୍ନାଇ ଦଳ ସାଥି ଖେଳାଳି ଏବଂ ନିଜେ ଧୋନୀ ଅବସର ସମ୍ପର୍କରେ କୌଣସି ସୂଚନା ଦେଇନାହାଁନ୍ତି, ଏହା ସତ୍ୟ। ଏବେବି ପ୍ରଶଂସକ ଧୋନୀକୁ ପଡିଆରେ ଦେଖିବାକୁ ଚାହୁଁଛନ୍ତି। ଧୋନୀ ୨୭୮ ଆଇପିଏଲର ମ୍ୟାଚ ଖେଳି ୫୪୩୯ ରନ କରିଛନ୍ତି। ଏଥିରେ ୨୪ ଟି ଅର୍ଦ୍ଧଶତକ ରହିଛି। ସେ ଆଇପିଏଲରେ ମୋଟି ୨୬୪ ଛକା ମାରିଛନ୍ତି।

# କୁମିନ୍ସଙ୍କୁ ୧୧୪ କୋଟିର ଅଫର

ନୂଆଦିଲ୍ଲୀ, ୭।୫(ଏଜେନ୍ସି) : ଚଳିତ ଆଇପିଏଲରେ ପାଟ କୁମିନ୍ସଙ୍କୁ ବଡ ଅଫର ମିଳିଛି। କ୍ରିକେଟ ଅଷ୍ଟ୍ରେଲିଆ ୩ ବର୍ଷ ପାଇଁ ତାଙ୍କ ସହ ୧୧୪ କୋଟି ଟଙ୍କାର ଚୁକ୍ତି କରିଛି। ଏହି ଅଫର ଦେଇ କ୍ରିକେଟ ଅଷ୍ଟ୍ରେଲିଆ ତାଙ୍କୁ ଘରୋଇ କ୍ରିକେଟ୍ ଲିଗ୍ ଠାରୁ ଦୂରେଇ ରଖିବାକୁ ଚାହୁଁଛି। କୁମିନ୍ସ କିପରି ଦେଶ ପକ୍ଷରୁ ଅଧିକରୁ ଅଧିକ କ୍ରିକେଟ୍ ମ୍ୟାଚ ଖେଳିବେ ତାହା ବୋର୍ଡ ଚାହୁଁଛି। ସିଡନି ମର୍ଣ୍ଣିଂ ହେରାଲ୍ଡରେ ପ୍ରକାଶିତ ଖବର ଅନୁସାରେ ଟ୍ରେଭିସ ହେଡ୍‌ଙ୍କୁ ମଧ୍ୟ ଏଭଳି ବଡ ଅଫର ଦେବା ପାଇଁ ଯୋଜନା କରାଯାଉଛି। କୁମିନ୍ସ ଆଇପିଏଲର ଗୋଟିଏ ସିଜନରେ ୧୮ କୋଟି ଟଙ୍କା ଆୟ କରୁଛନ୍ତି। ଅଷ୍ଟ୍ରେଲିଆ ବୋର୍ଡ ଅଫର ସ୍ୱୀକାର କଲେ ତାଙ୍କ ଆୟ ୩୩ ରୁ ୩୪ କୋଟି ଟଙ୍କାକୁ ବୃଦ୍ଧି ପାଇବ। କୁମିନ୍ସ ଓ ହେଡଙ୍କ ପରି ଖେଳାଳି ଆଗକୁ




ଆଇପିଏଲ ଏବଂ ଅନ୍ୟ ଲିଗରେ ଖେଳିବା ସମ୍ଭାବନା କ୍ଷୀଣ ରହିଛି। ତେବେ କୁମିନ୍ସ କିମ୍ବା ହେଡ୍ ଏପର୍ଯ୍ୟନ୍ତ କୌଣସି ବୟାନ ଦେଇନାହାଁନ୍ତି। ଚଳିତ ଆଇପିଏଲରେ କୁମିନ୍ସ ୪ ଟି ମ୍ୟାଚ ଖେଳି ୧୦ ୱିକେଟ ନେଇଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକୃତି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ୨୧ ବର୍ଷରେ ଅବସର ନେଇ ପାରନ୍ତି ବୈଭବ !

ନୂଆଦିଲ୍ଲୀ, ୭।୫(ଏଜେନ୍ସି) : ଭାରତୀୟ କ୍ରିକେଟର ଉଦିୟମାନ ତାରକା ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା। ମାତ୍ର ୧୫ ବର୍ଷ ବୟସରେ ଆଇପିଏଲରେ ସେ ଯେଉଁଭଳି ବ୍ୟାଟିଂ ପ୍ରଦର୍ଶନ ଦେଖାଇଛନ୍ତି ତାହା ଦେଖି ପୂରା କ୍ରିକେଟ ଜଗତ ସ୍ତବ୍ଧ। ତାଙ୍କୁ ଯଥାଶୀଘ୍ର ଭାରତୀୟ ଜାତୀୟ ଦଳରେ ସ୍ଥାନ ଦେବାକୁ ମଧ୍ୟ ଦାବି ହେଉଛି। ଏହା ମଧ୍ୟରେ ଇଂଲଣ୍ଡର ପୂର୍ବତନ କ୍ରିକେଟର ଟିପ୍ପଣୀ କରିଛନ୍ତି। ନିକଟରେ ଷ୍ଟିକ ଟୁ ପୋଡକାଷ୍ଟରେ ମାଇକେଲ ଭନ, ଆଲିଷ୍ଟର କୁକ୍, ଫିଲ ଟଫନେଲ ଏବଂ ଡେଭିଡ ଲୟଡ ବୈଭବଙ୍କ ସମ୍ପର୍କରେ ଚାଞ୍ଚଲ୍ୟକର ଭବିଷ୍ୟବାଣୀ କରିଛନ୍ତି। ଭନ କହିଛନ୍ତି ବୈଭବ ମାତ୍ର ୩୫ ବଲରେ ଶତକ ହାସଲ କରିଛନ୍ତି।




ଯାହା କ୍ରିଷ ଗେଲ୍‌ଙ୍କ ୩୦ ବଲରୁ ଶତକ ରେକର୍ଡର ପାଖାପାଖି। ଅଭିଶେକ ଶର୍ମାଙ୍କ ଗୋଟିଏ ସିଜନରେ ୪୨ ଟି ଛକା ମାରିବାର ରେକର୍ଡ ମଧ୍ୟ ସେ ଭାଙ୍ଗିବାକୁ ଯାଉଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୩୭ ଛକା ମାରିସାରିଲେଣି। ଆଲିଷ୍ଟର କୁକ୍ ବୈଭବଙ୍କୁ ବର୍ତ୍ତମାନ ସମୟର ଦୁନିଆର ସବୁଠାରୁ ଶକ୍ତିଶାଳୀ ଛକା ମାରୁଥିବା ଖେଳାଳି ବୋଲି କହିଛନ୍ତି।

ଫିଲ ଟଫନେଲ ବୈଭଙ୍କୁ ନେଇ ଆଶ୍ଚର୍ଯ୍ୟକର ବୟାନ ଦେଇଛନ୍ତି। ସେ ମଜାଳିଆ ଢଙ୍ଗରେ କହିଛନ୍ତି ଯେ, ବୈଭବ ଯେଉଁ ଗତିରେ ଆଗକୁ ବଢୁଛନ୍ତି ୨୧ ବର୍ଷ ବୟସ ବେଳକୁ ସେ ଥକିଯାଇଥିବେ। ଏହାପରେ ମାଇକେଲ ଭନ କହିଛନ୍ତି ସେତେବେଳକୁ ତାଙ୍କ ପାଖରେ ଏତେ ଟଙ୍କା ଥିବ ଯେ, ସେ ହୁଏତ ଅବସର ନେଇଯିବେ। ଜୁଲାଇ ମାସରେ ହେବାକୁ ଥିବା ଇଂଲଣ୍ଡ - ଆୟରଲ୍ୟାଣ୍ଡ ଗସ୍ତ ପାଇଁ ଭାରତୀୟ ଦଳରେ ବୈଭବଙ୍କୁ ସାମିଲ କରିବା ଲାଗି ଭନ ମତ ଦେଇଛନ୍ତି। ବର୍ତ୍ତମାନ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବା ଏହି ଯୁବ ଖେଳାଳିଙ୍କୁ କିଛି ପୂର୍ବତନ କ୍ରିକେଟର ସଚିନଙ୍କ ସହ ତୁଳନା କରୁଛନ୍ତି। କ୍ରୀଡା ସମୀକ୍ଷକଙ୍କ ମତରେ ବୈଭବ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ନିଜକୁ ପ୍ରମାଣିତ କରିଛନ୍ତି। ଚୂଡାନ୍ତ ଏକାଦଶରେ ସାମିଲ ନକଲେ ବି ଭାରତୀୟ ଦଳରେ ସ୍ଥାନ ଦିଆଯାଉ। ଯଦ୍ୱାରା ସେ ଭାରତୀୟ ଦଳର ଡ୍ରେସିଂ ରୁମ୍ ଓ ମ୍ୟାନେଜମେଣ୍ଟ ସହ ଖାପ ଖୁଆଇ ପାରିବେ। କାରଣ ୧୯ ବର୍ଷରୁ କମ୍ କ୍ରିକେଟ ଦଳ, ଫ୍ରାଞ୍ଚାଇଜ୍ କ୍ରିକେଟ ଓ ଅନ୍ତର୍ଜାତୀୟ କ୍ରିକେଟ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି